

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୧ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 SEPTEMBER 2021

Vol.No. 32 ■ No. 233 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବଢ଼ିବନି ଦେବୀଙ୍କ ମୂର୍ତ୍ତି ଉଚ୍ଚତା

## ଅଗଷ୍ଟ ୯ରେ ଜାରି ହୋଇଥିବା ଗାଇଡଲାଇନ ବଦଳିବନି : ଏସଆରସି



ଭୁବନେଶ୍ୱର,୧୦/୦୯(ନି.ପ୍ର): କୋଭିଡ ଗାଇଡଲାଇନ୍ ମାନି ନୂଆଁଖାଇ ପାଳନ କରିବା। ପୂଜାର୍ଚ୍ଚନା ପାଇଁ ମନ୍ଦିର ଗଲେ ଭିଡ ଜମାଇବା ନାହିଁ କିମ୍ବା ସର୍ବସାଧାରଣ ସ୍ଥାନରେ ଭିଡ ନକରିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା। ଅପରପକ୍ଷରେ ପୂର୍ବ ନିଷ୍ପତି ମୁତାବକ ମୂର୍ତିର ଉଚ୍ଚତା ୪ ଫୁଟ ରହିବ। ଅଗଷ୍ଟ ୯ରେ ଜାରି ହୋଇଥିବା ଗାଇଡଲାଇନ ଅପରିବର୍ତ୍ତିତ ରହିବ। ତେଣୁ ଗହଳି ନକରି ନିରାଡମ୍ବର ଭାବେ ଧୈର୍ଯ୍ୟର ସହ ପାଳନ କରିବାକୁ ଏସଆରସି ଅନୁରୋଧ କରିଛନ୍ତି। ଏବେ ଆମେ କଠିନ ସମୟ ଦେଇ ଗତି କରୁଛୁ। କରୋନା ପାଇଁ ଏଥର ନିରାଡ଼ମ୍ବରରେ ମା'ଙ୍କୁ ଆରାଧନା କରିବା। ଗାଇଡ୍ ଲାଇନ୍ କୋହଳ କରିବାକୁ କଟକ ପୂଜା କମିଟି ଆବେଦନ କରିଥିଲେ। ଏନେଇ ବୈଠକ ବସିଥିଲା। ଜନସାଧାରଣଙ୍କ ହିତ ପାଇଁ ସରକାର ଗାଇଡ୍ ଲାଇନ୍ ଜାରି କରିଛନ୍ତି। ସମସ୍ତଙ୍କ ମଙ୍ଗଳ ପାଇଁ ସରକାର କଟକଣା କୋହଳ କରିପାରୁନାହାନ୍ତି। ସେଥିପାଇଁ ଆମେ ଦୁଃଖିତ ଓ କ୍ଷମା ପ୍ରାର୍ଥନା କରୁଛୁ ବୋଲି ଏସଆରସି କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ସମସ୍ତ ପର୍ବ ପର୍ବାଣୀକୁ ଅନୁପାଳନ କରିବାକୁ ଅନୁମତି ଦେଇଥିବାବେଳେ ସମସ୍ତ କାର୍ଯ୍ୟକୁ କୋଭିଡ କଟକଣାର ପରିଧି ମଧ୍ୟରେ ପାଳନ କରିଛନ୍ତି । ଯେଉଁଥିପାଇଁ ରାଜ୍ୟ ଆଜି କୋଭିଡ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି । କରୋନାର ୨ୟ ଲହର ଏଯାଏଁ ସରିନି। ବିଦେଶରେ ବର୍ତ୍ତମାନ ପୁଣି ଥରେ କରୋନା ଆକ୍ରାନ୍ତ ▶▶ପୃଷ୍ଠା ୭

## ଦୁଷ୍ମନ୍ତଙ୍କ ମୃତ୍ୟୁ ପଛରେ କିଏ ?

## କୁଜଙ୍ଗ ଥାନାରେ ମା'ଙ୍କ ଏତଲା

ଭୁବନେଶ୍ୱର,୧୦/୦୯(ନି.ପ୍ର): ଦୁଷ୍ମନ୍ତଙ୍କ ମୃତ୍ୟୁ ପଛରେ କିଏ ? ଦୁଷ୍ମନ୍ତଙ୍କ ମୃତ୍ୟୁ ନେଇ ତାଙ୍କ ମା ଜୟନ୍ତୀ ଦାସ କୁଜଙ୍ଗ ଥାନାରେ ଏତଲା ଦେବା ପରେ ଏହି ଘଟଣା ଏବେ ନୂଆ ମୋଡ ନେଇଛି । ବାସନ୍ତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ବୁଧବାର ସକାଳେ ଜଣେ ବ୍ୟକ୍ତି ତାଙ୍କ ପୁଅକୁ କଟକ ବଡ ମେଡିକାଲରେ ପଂହଚି ବିଭିନ୍ନ କଥା କହି ଭୁବନେଶ୍ୱର ନେଇଥିଲେ । ପୁଅ ଗଲାବେଳେ କହିଥିଲା ସେ ଭୁବନେଶ୍ୱର ଯାଉଛି, ସେଠୁ ଆସିଲେ ଗାଁକୁ ଯିବେ । ଏହାର କିଛି ସମୟ ପରେ ସେ ହାତ କାଟି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବାକୁ ଜାଣିବାକୁ ପାଇଥିଲେ । ତାଙ୍କ ପୁଅକୁ କଟକରୁ ନେଇ ଯାଇଥିବା ବ୍ୟକ୍ତି ଏଭଳି ହାତକାଟି, ବିଷ ପିଆଇଥିବା ସେ ସନ୍ଦେହ କରୁଛନ୍ତି ବୋଲି ଏତଲାରେ ତାଙ୍କ ମା ଅଭିଯୋଗ ▶▶ପୃଷ୍ଠା ୭

# ଭବାନୀପୁରରୁ ପ୍ରିୟଙ୍କା ଦେବେ ମମତାଙ୍କୁ ଟକ୍କର

ଭୁବନେଶ୍ୱର,୧୦/୦୯(ନି.ପ୍ର): ଭବାନୀପୁର ଉପନିର୍ବାଚନରେ ମୁହାଁମୁହିଁ ହେବେ ମମତା-ପ୍ରିୟଙ୍କା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମସି ଟିକେଟରୁ ଭବାନୀପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି । ଆଉ ମମତାଙ୍କୁ ମାତ୍ ଦେବାକୁ ମହିଳା କାର୍ଡ ଖେଳିଛି ବିଜେପି । ଭବାନୀପୁର ଉପ-ନିର୍ବାଚନ ପାଇଁ ପ୍ରିୟଙ୍କା ଟିବ୍ରେୱାଲଙ୍କୁ ପ୍ରାର୍ଥୀ କରିଛି ବିଜେପି । ପେଶାରେ ଓକିଲ ଥିବା ପ୍ରିୟଙ୍କା ଗତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଦେଖାଦେଇଥିବା ହିଂସାକାଣ୍ଡ ବିରୋଧରେ ପିଟିସନ ଦାୟର କରିଥିଲେ । ୪୧ ବର୍ଷିୟା ପ୍ରିୟଙ୍କା କୋଲକାତା ହାଇକୋର୍ଟ ସହ ସୁପ୍ରିମକୋର୍ଟରେ ଓକିଲ ରହିଛନ୍ତି । ଦୀର୍ଘ ଦିନ ହେବ ରାଜନୀତିରେ ଥିବା ପ୍ରିୟଙ୍କା ଏବେ ବିଜେପି ଯୁବମୋର୍ଚ୍ଚାର ଉପାଧ୍ୟକ୍ଷ ପଦରେ ରହିଛନ୍ତି । ୨୦୧୪ରେ ପ୍ରିୟଙ୍କା ବିଜେପିରେ ସାମିଲ ହୋଇଥିଲେ । ବାବୁଲ ▶▶ପୃଷ୍ଠା ୭


DADLS-16

ସତ୍ୟମେଵ ଜଯତେ

'ନୂଆଁଖାଇ'-୨୦୨୧

ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି।

(ଗଣେଶୀ ଲାଲ)

OIPR:15001/13/0035/2122


# ସୁନାପୁଅ ପ୍ରମୋଦ ଭଗତଙ୍କୁ ମିଳିଲା ୬ କୋଟି ଓ ଗ୍ରୁପ 'ଏ' ସ୍ତରର ଚାକିରି




ଭୁବନେଶ୍ୱର,୧୦/୦୯(ନି.ପ୍ର): ପ୍ରମୋଦଙ୍କୁ ମିଳିଲା ୬ କୋଟି । ଟୋକିଓ ପାରାଲିମ୍ପିକ୍ସରୁ ସୁନା ନେଇ ଫେରିବା ପରେ ପ୍ରମୋଦ ଭଗତଙ୍କୁ ୬ କୋଟି ପ୍ରଦାନ । ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରି ୬ କୋଟି ଟଙ୍କା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କଳିଙ୍ଗ ହକି ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ପୁରସ୍କାର ରାଶି ପ୍ରଦାନ କରାଗଲା । ପୁରସ୍କାର ସହ ତାଙ୍କୁ ଗ୍ରୁପ ଏ ସ୍ତରର ଚାକିରି ବି ମିଳିଲା । ତେବେ ପ୍ରମୋଦଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମର ଉଲ୍ଲେଖନୀୟ ସଫଳତା ପାଇଁ ତୁମକୁ ଉତ୍ସାହିତ କରିବା ମୋତେ ବହୁତ ଆନନ୍ଦ ଦେଇଥାଏ । ତୁମର ବିଜୟ ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା ଏବଂ ସବୁଦିନ ପାଇଁ ରହିବ । ଆଗାମୀ ଯାତ୍ରାରେ ଆମେ ଆପଣଙ୍କୁ ସମର୍ଥନ ଜାରି ରଖିବୁ। ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ପରେ ତାଙ୍କର ଅଲିମ୍ପିକ୍ ଯାତ୍ରାରେ ନିରନ୍ତର ସମର୍ଥନ ଏବଂ ପ୍ରେରଣା ପାଇଁ ପ୍ରମୋଦ ଭାଗତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ପ୍ରମୋଦ ଭଗତ ପ୍ରେସମିଟରେ ନିଜ ସଙ୍ଘର୍ଷର କାହାଣୀ ବଖାଣିଛନ୍ତି । ସୁନା ପାଁ କେତେ ସଙ୍ଘର୍ଷ କିବାକୁ ପଡିଛି ତାହା କହିଛନ୍ତି ପ୍ରମୋଦ । ସୁନା ଜିତିବା ପାଇଁ ମୋ ମନରେ ଝଡ ଉଠୁଥିଲା, ପଦକ ଜିତିବା ପରେ ଶାନ୍ତ ହେଲା । ଅଲିମ୍ପିକ୍ସ ଯାଏଁ ଯାତ୍ରା ବହୁ କଷ୍ଟକର ଥିଲା । ଆଗାମୀ ଦିନରେ ଓଡିଶାରେ ପାରା ଆଥଲେଟଙ୍କ ପାଇଁ ସରକାର ସୁବିଧା କରନ୍ତୁ । ସବୁ ଷ୍ଟାଡିୟମରେ ପାରା ଆଥଲେଟଙ୍କ ପାଇଁ ସୁବିଧା ହେଉ ।

# ଆମେରିକାକୁ ତାଲିବାନ ଦେଲା ଚ୍ୟାଲେଞ୍ଜ



ନୂଆଦିଲ୍ଲୀ,୧୦/୦୯: ସେପ୍ଟେମ୍ବର ୧୧ରେ ଶପଥ ଗ୍ରହଣ କରିବ ତାଲିବାନ ସରକାର । ତେବେ ବଡ଼କଥା ହେଉଛି ସେପ୍ଟେମ୍ବର ୧୧ ହେଉଛି, ଆମେରିକାରେ ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ଆତଙ୍କବାଦୀ ଆକ୍ରମଣର ବର୍ଷ ପୂର୍ତ୍ତି । ୨୦୦୧ ସେପ୍ଟେମ୍ବର ୧୧ରେ ଅଲକାଇଦା ଆତଙ୍କବାଦୀମାନେ ଆମେରିକାରେ ଆତଙ୍କୀ ଆକ୍ରମଣ କରିଥିଲେ, ଏହାପରେ ଓସାମା ବିନ୍ ଲାଡେନଙ୍କୁ ଧରିବାକୁ ଆଫଗାନିସ୍ତାନ ଆକ୍ରମଣ କରିଥିଲା ଆମେରିକା । ତେବେ ଏହା ଭିତରେ ୨୦ ବର୍ଷ ବିତିଯାଇଛି । ଆଫଗାନିସ୍ତାନ ଛାଡ଼ି ଚାଲିଯାଇଛି ଆମେରିକା, ଆଉ ଏବେ ତାଲିବାନ ନିଜର ଦବଦବା ସାବ୍ୟସ୍ତ କରିଛି । ସେହି ସେପଟ୍ଟେମ୍ବର ୧୧ ତାରିଖରେ ଆଫଗାନିସ୍ତାନରେ ସରକାର ଗଢ଼ିବାକୁ ଯାଉଛି ତାଲିବାନ । ଏହି ଦିନକୁ ଶପଥ ଗ୍ରହଣ ଦିନ ଭାବେ ତାଲିବାନ ବାଛିବା, ଆମେରିକାକୁ ଚ୍ୟାଲେଂଜ ଦେବା ଭଳି ହୋଇଛି । ହାସନ ଅଖୁନ୍ଦଙ୍କ ନେତୃତ୍ୱରେ ତାଲିବାନ ସରକାର ଗଢ଼ାଯିବାକୁ ଥିବା ବେଳେ ଦୁଇଜଣ ଉପପ୍ରଧାନମନ୍ତ୍ରୀ ରହିବେ ବୋଲି ଘୋଷଣା ହୋଇଛି ।


DADLS-16

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଶୁଭେଚ୍ଛା



ପବିତ୍ର ନୂଆଁଖାଇ ପରବ୍ ଲାଗି ଆପଣମାନ୍‌ଙ୍କୁ ମୋର ଜୁହାର୍। ଇ ଅବସର ଥି ମୁଇଁ ଆପଣ୍ ଓ ଆପଣଙ୍କର୍ ପରିବାର୍‌ର ସୁଖ ଓ ସମୃଦ୍ଧି କାମନା କରୁଛେଁ।

ମା' ସମଲେଶ୍ୱରୀ ସମସ୍ତଙ୍କୁ ଭଲ୍‌ରେ ରଖୁନ୍।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା।

OIPR:15001/13/0035/2122


## ୨୪ ଘଂଟାରେ ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା



ଭୁବନେଶ୍ୱର,୧୦/୦୯ (ନି.ପ୍ର): ଆଗାମୀ ୨୪ଘଂଟା ମଧ୍ୟରେ ଉତର ତତ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତିକରିବ। ଏହା ୪୮ଘଂଟା ମଧ୍ୟରେ ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୨ ତାରିଖ ବେଳକୁ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳହାଣ୍ଡି ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସେପ୍ଟେମ୍ବର ୧୧ରୁ ୧୨ ତାରିଖ ମଧ୍ୟରେ ଗଜପତି, ଗଞ୍ଜାମ,ମାଲକାନଗିରି, କୋରାପୁଟ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ଓଡିଶାର ରେଳ ଭିତିଭୂମିକୁ ସର୍ବାଧିକ ପ୍ରାଧାନ୍ୟ : ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର,୧୦/୦୯ (ନି.ପ୍ର): ପବିତ୍ର ଗଣେଶ ପୂଜା ଅବସରରେ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ରେଳ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ମିଳିତ ଭାବେ ନୂଆ ଅତ୍ୟାଧୁନିକ ଏଲଏଚବି ରେକ୍ ସହ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ସ୍ୱତନ୍ତ୍ର ହୀରାଖଣ୍ଡ ଏକ୍ସପ୍ରେସର ଶ୍ରୀଗଣେଶ କରିଛନ୍ତି। ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ମୋଦି, କେନ୍ଦ୍ର ରେଳ ମନ୍ତ୍ରୀ ତଥା ରେଳ ବିଭାଗର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ଓଡିଶା ରେଳ ଭିତିଭୂମିକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି । ଏହି ସୁବିଧା ଦ୍ୱାରା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ଲୋକମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ଏହି ଅତ୍ୟାଧୁନିକ କୋଚ୍ ଦ୍ୱାରା ତିନୋଟି ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଭୁବନେଶ୍ୱର-ଜଗଦଲପୁର-ହୀରାଖଣ୍ଡ ଏକ୍ସପ୍ରେସ ନୂଆ ଅତ୍ୟାଧୁନିକ ଏଲଏଚବି କୋଚ୍ ଗୁଡ଼ିକ ନିଶ୍ଚିତ ଭାବେ ଯାତ୍ରୀ ମାନଙ୍କୁ ଉତମଏବଂ ଆରାମଦାୟକ ସୁବିଧା ଯୋଗାଇବ ଏବଂ ଅଧିକ ଉର୍ଜା ସଂଚୟ ହୋଇପାରିବ। ମୋଦି ସରକାର ଯାହା କୁହନ୍ତି ତାହା କରନ୍ତି। ମୋଦି ସରକାରରେ ଓଡ଼ିଶାକୁ ▶▶ପୃଷ୍ଠା ୭


DADLS-16

'ନୂଆଁଖାଇ' ପାଳନ ଅବସରରେ
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ବାର୍ତ୍ତା

ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଭାଇଚାରାର ଅନନ୍ୟ କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ' ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶା ତଥା ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। 'ନୂଆଁଖାଇ' ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ ଏହା ହିଁ ମୁଁ ମା' ସମଲେଶ୍ୱରୀଙ୍କଠାରେ ପ୍ରାର୍ଥନା କରୁଛି।

କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ସତର୍କ ଓ ସୁରକ୍ଷିତ ରହି 'ନୂଆଁଖାଇ' ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ମୁଁ ଅନୁରୋଧ କରୁଛି।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR:15001/13/0035/2122

# ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ଅନ୍ତର୍ଭୁକ୍ତିକରଣ ଶିବିର

ଝାରସୁଗୁଡ଼ା,୧୦/୯ (ନି.ପ୍ର): ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ଅନ୍ତର୍ଭୁକ୍ତିକରଣ ଶିବିର ଝାରସୁଗୁଡ଼ା ବ୍ଲକ ଅଫିସ ସଭାଗୃହରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସହକାରୀ କୃଷି ଅଧିକାରୀ ବଲବୀର ସିଂ ମୁଖ୍ୟ ଅତିଥି ଓ ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ଅଜିତ କେର୍କେଟା ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ ।
ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ ସାର୍ଥକ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ରଣା, ମିଶନ ଶକ୍ତି ବ୍ଲକ ଅଧିକାରୀ ଇତିଶ୍ରୀ ପରିଡା, ସ୍ୱଳ୍ପସଂଚୟ ଏଜେଣ୍ଟ, ଅଙ୍ଗନବାଡି କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠି ସଭ୍ୟା ଓ କୃଷକ ମାନେ ଶିବିରରେ ଅଂଶ ଗ୍ରହଣ କରିଥିଲେ । ଏହି ସଭାରେ ବକ୍ତାମାନେ ନିଜର ପରିଶ୍ରମଲବ୍ଧ ଅର୍ଥକୁ ଅଧିକ ସୁଧର ଲୋଭ ଦେଖାଇ ଠକୁଥିବା ଅଣ ସରକାରୀ ଓ ଚିଟଫଣ୍ଡ ସଂସ୍ଥା ମାନଙ୍କରେ ବିନିଯୋଗ ନକରି ସ୍ୱୀକୃତି ପ୍ରାପ୍ତ ବ୍ୟାଙ୍କ ତଥା ଡାକଘରେ ବିଭିନ୍ନ ସ୍ୱଳ୍ପସଂଚୟ ଯୋଜନାରେ ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ତଥା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ବାର୍ଷିକ ତିନି ଶହ ତିରିଶ ଟଙ୍କା ଏବଂ ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନାରେ ମାତ୍ର ବାର ଟଙ୍କା ବାର୍ଷିକ ବିନିଯୋଗ କରି ଚାରି ଲକ୍ଷ ଟଙ୍କାର ବୀମା ସୁରକ୍ଷା ବିଷୟରେ ବିଶଦ ଆଲୋଚନା ହୋଇଥିଲା । ସୁକନ୍ୟା ସମୃଦ୍ଧି, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ, କିଷାନ ବିକାଶ ପତ୍ର, ପୋଷ୍ଟ ଅଫିସ ମାସିକ ଆୟ ଯୋଜନା, ପୌନପୌନିକ, ଜାତୀୟ ସଞ୍ଚୟ ସାର୍ଟିଫିକେଟ, ମିଆଦୀ ଜମା ତଥା ସ୍ୱଳ୍ପସଂଚୟ ଇନ୍ଭେଷ୍ଟିଭ କୁପନ ଉପରେ ଆଲୋକପାତ କରାଯାଇଥିଲା । କୃଷି ଅଧିକାରୀ ମାଛ ଚାଷ, ଛତୁ ଚାଷ ତଥା ବିଭିନ୍ନ ଅର୍ଥ ଉପାର୍ଜନକାରୀ ଫସଲ ଉତ୍ପାଦନ ତଥା ସରକାରୀ ସହାୟତା ଏବଂ ରିହାତି ଉପରେ ବୁଝାଇଥିଲେ । ଜିଲ୍ଲା ସ୍ୱଳ୍ପ ସଂଚୟ ତଥା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ରଞ୍ଜିତା ପଣ୍ଡା ଶିବିର ପରିଚାଳନା କରିଥିଲେ ।

# ଗୋହତ୍ୟା ଓ ବେନିୟମ ଗୋଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ ଓ ଗୋଶାଳା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଚାରିଟି ଅନୁଷ୍ଠାନର ପ୍ରତିନିଧି

ସମ୍ବଲପୁର,୧୦/୯ (ନି.ପ୍ର): ବହୁଦିନ ଧରି ସମ୍ବଲପୁରରେ ଚାଲିଛି ଗୋସୁରକ୍ଷା ଆନ୍ଦୋଳନ । ଜିଲ୍ଲାରେ ଗୋହତ୍ୟା ଓ ବେନିୟମ ଗୋଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ ଏବଂ ଗୋଶାଳା ନିର୍ମାଣ ପାଇଁ କେତେବେଳେ ବିଶ୍ୱ ହିନ୍ଦୁ ପରିଷଦ ତ କେତେବେଳେ ବଜରଙ୍ଗ ଦଳ, ପୁଣି କେତେବେଳେ ବିଜେପି ତ ପୁଣି କେତେବେଳେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଏଭଳି ଅନେକ ସଂଗଠନ ପକ୍ଷରୁ ଭିନ୍ନ ଭିନ୍ନ ସମୟରେ କରାଯାଉଛି ଆନ୍ଦୋଳନ । ଆନ୍ଦୋଳନ ପରବର୍ତ୍ତୀ କିଛି ସମୟ ଗୋହତ୍ୟା ଓ ବେନିୟମ ଗୋଚାଲାଣ କିଛି ମାତ୍ରାରେ ହ୍ରାସ ପାଉଥିବା ବେଳେ ପରେ ପୁଣି ପରିସ୍ଥିତି ପୂର୍ବାଭାଳି ରହୁଛି । ଗତ କିଛିଦିନ ପୂର୍ବେ ବକ୍ରୀଦ ପୂର୍ବରୁ ଗୋହତ୍ୟାକୁ ନେଇ ତୀବ୍ର ଆନ୍ଦୋଳନ ହୋଇଥିଲା । ପରିସ୍ଥିତି ଜଟିଳ ଓ ଉତେଜନାପୂର୍ଣ୍ଣ ହେଲା ପରେ ଆନ୍ଦୋଳନକାରୀ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମଧ୍ୟରେ ବୈଠକ ହୋଇଥିଲା । ଗୋହତ୍ୟା ଓ ବେନିୟମ ଗୋଚାଲାଣ ବନ୍ଦ କରାଯିବାକୁ ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ, ବର୍ତ୍ତମାନ ସ୍ଥିତି ପୁଣି ଯଥା ପୂର୍ବମ ତଥା ପରମ ହୋଇଯାଇଛି । ଗତ କିଛିଦିନ ହେଲା ବେନିୟମ ଗୋଚାଲାଣକାରୀ ପୁଣି ସକ୍ରିୟ ହୋଇ ପଡିଛନ୍ତି । ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଲୋକଙ୍କ ଦ୍ୱାରା ଚୋରା ଚାଲାଣ ହେଉଥିବା ଗୋମାତାଙ୍କୁ ଉଦ୍ଧାର କରାଯାଉଛି । ଗତକାଲି ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଯୁଜୁମୁରା ବ୍ଲକ ଅଧିନସ୍ଥ ମୁଣ୍ଡେର ଅଂଚଳରୁ ୩୦୦ ରୁ ଉର୍ଦ୍ଧ୍ୱ ଗୋମାତାଙ୍କୁ ଉଦ୍ଧାର କରାଯାଇଥିଲା । ପୁଣି ରାତିରେ ଗୋଟିଏ କଣ୍ଟେନରରେ ୭୦ ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି । ବର୍ତ୍ତମାନ ସମସ୍ୟା ହେଉଛି ଉଦ୍ଧାର କରାଯାଉଥିବା ଗୋରୁଙ୍କୁ କୋଉଠି ରଖାଯିବ । ଗୋଶାଳା ନଥିବାରୁ ଉଦ୍ଧାର କରାଯାଉଥିବା ଗୋରୁଙ୍କୁ ଜଙ୍ଗଲରେ କିମ୍ୱା ଖୋଲାରେ ଛାଡି ଦିଆ ଯାଉଛି । ଯାହା ଫଳରେ ରାସ୍ତା ଦୁର୍ଘଟଣା ଘଟି ଉଭୟ ମନୁଷ୍ୟ ଓ ଗୋମାତାଙ୍କ କ୍ଷତି ଘଟୁଛି । ଏଭଳି ବିଭିନ୍ନ ସମସ୍ୟାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗଦଳ, ବିଜେପି ଓ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଏକ ମିଳିତ ପ୍ରତିନିଧି ଦଳ ଆଜି ସମ୍ବଲପୁର ଜିଲ୍ଲାପାଳ ଶୁଭମ ସକ୍ସେନାଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଆଲୋଚନା କରିଥିଲେ ଓ ବିଭିନ୍ନ ଦାବୀ କରିଥିଲେ । ଜିଲ୍ଲାରେ ଯଥା ଶୀଘ୍ର ବେନିୟମ ଗୋଚାଲାଣ ଓ ଗୋହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ । ଗୋହତ୍ୟା ଓ ଗୋ ଚାଲାଣରେ ସାମିଲ ରହୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଯଥା ଶୀଘ୍ର ସହର ଉପକଣ୍ଠରେ କୌଣସି ଦୁଇ ତିନୋଟି ସ୍ଥାନରେ ଗୋଶାଳା ପାଇଁ ଜମି ଚିହ୍ନଟ କରି ଓ ପ୍ରଶାସନ ପକ୍ଷରୁ କେନ୍ଦ୍ର ସରକାରଙ୍କ ଯୋଜନାରୁ ଗୋଶାଳା ନିର୍ମାଣ କରାଯାଉ । ଆଜିର ଆଲୋଚନାରେ ମିଳିତ ପ୍ରତିନିଧି ଦଳ ର ଗିରିଶ ପଟେଲ, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ବହିଦାର, ସୁଧୀର ରଞ୍ଜନ ବହିଦାର, ଡା. ରାଜକୁମାର ବଡ଼ପଣ୍ଡା, ପଣ୍ଡିତ ଅମରନାଥ ମିଶ୍ର, ରାଜୀବ ଶତପଥୀ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ପ୍ରଦୀପ ସୁପକାର, ଫଣି ଭୂଷଣ ମିଶ୍ର, ଦେବାଶିଷ ପୁରୋହିତ, ମାନସ ରଞ୍ଜନ ବକ୍ସି, ଅରବିନ୍ଦ ନାଏକ, ପ୍ରଦୀପ କୁମାର ବେହେରା, ଶିବ ଦିୱାନ, ସରୋଜ କୁମାର ଘଡାଇ ପ୍ରମୁଖ ସାମିଲ ଥିଲେ ।

# ବେକରେ ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା : ପୁଲିସର ତଦନ୍ତ ଜାରି

ଧର୍ମଶାଳା,୧୦/୯ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ ବୋଦୁଅ ପଂଚାୟତ କଂଟିଆ ଗ୍ରାମରେ ଅଘଟଣ । ଜଣେ ଯୁବକ ବେକରେ ଫାଶି ଲାଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ କଂଟିଆ ଗ୍ରାମର ଯଦୁମଣୀ ମଲିକ ବୋଲି ଜଣାପଡିଛି । ବିଂଝାରପୁର ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ଋଣଭାର ସହି ନ ପାରି ସେ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ, କଂଟିଆ ଗ୍ରାମର ଯଦୁମଣୀ ଚାଷ କାମ କରିବା ସହ ମାଛ ବ୍ୟବସାୟ କରନ୍ତି । ଏନେଇ ସେ ଲୋକଙ୍କ ଠାରୁ ୪ରୁ ୫ ଲକ୍ଷ ଟଙ୍କା ହାତ ଉଦ୍ଧାରୀ ଆଣିଥିବା ବେଳେ ଏହି ଋଣ ପରିଶୋଧ କରିବା ନେଇ ସବୁ ବେଳେ ଚିନ୍ତାରେ ଥିଲେ । ମାନସିକ ଭାରସାମ୍ୟ ହରାଇ ଘର ଠାରୁ ୧ କିମି ଦୂରରେ ଚାଷ ଜମି ନିକଟରେ ଥିବା ଏକ ଗଛରେ ସେ ଫାଶି ଲଗାଇ ଦେଇଥିଲେ । ଗଛରେ ଝୁଲୁଥିବା ନେଇ ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରିଥିଲେ । ହେଲେ ସେତବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ବିଂଝାରପୁର ପୁଲିସ ଘଟଣାସ୍ଥଳରେ ପଂହଚି ଶବ ଜବତ କରିବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ପିପିଲି ଉପ ନିର୍ବାଚନ ନିମନ୍ତେ ନୋଡାଲ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ

ପୁରୀ,୧୦/୯ (ନି.ପ୍ର): ପିପିଲି ଉପ ନିର୍ବାଚନରେ ସଫଳ ପରିଚାଳନା ନିମନ୍ତେ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ମାନଙ୍କ ବୈଠକ ଜିଲ୍ଲାପାଳଙ୍କ କର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ଅଧକ୍ଷତା କରିଛନ୍ତି । ମୁକ୍ତ ଓ ଅବାଧ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି କଡାକଡି ଭାବେ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଥିସହ କୋଭିଡ ନୀୟମର କଡା ପାଳନ ସହ ମତଦାନ କେନ୍ଦ୍ରରେ ଭୋଟର ମାନଙ୍କ ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।ଗତ ୪ ତାରିଖରୁ ପିପିଲି ଉପ ନିର୍ବାଚନ ନେଇ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତୁରନ୍ତ ଆଦର୍ଶ ଆଚରଣ ବିଧି ଜାରି ହୋଇଥିବା ବେଳେ ଆସନ୍ତା ୩୦ ତାରିଖରେ ମତଦାନ ହୋଇ ଅକ୍ଟୋବର ୩ ତାରିଖରେ ଭୋଟ ଗଣତି ହେବ ଏବଂ ୫ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ଉପନିର୍ବାଚନ ପାଇଁ ଦଶଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୨ଲକ୍ଷ ୨୯ ହଜାର ୯୯୮ଭୋଟର ମତଦାନ କରିବେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁ, ଶ୍ରୀ ସୁଭାଷ ଚନ୍ଦ୍ର ନାଥଶର୍ମା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜ୍ୟୋତି ରଞ୍ଜନ ମହାପାତ୍ର, ଉପ ଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ, ନିର୍ବାଚନ ଡେପୁଟି କଲେକ୍ଟର ଶ୍ରୀ ସୁମନ୍ତ କର ଓ ଶ୍ରୀ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ ମଜଦୂର ସଙ୍ଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୧୦/୯ (ନି.ପ୍ର): ଭାରତୀୟ ମଜଦୂରସଂଘର କେନ୍ଦ୍ରୀୟ କମିଟିର ନିଷ୍ପତି କ୍ରମେ,ଜନସାଧାରଣଙ୍କ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଯଥା ଡିଜେଲ୍ ପେଟ୍ରୋଲ ରନ୍ଧନ ଗ୍ୟାସ ଦରଦାମ୍ ବୃଦ୍ଧି ଉପରେ ଏକ ଦାବିପତ୍ର ଭାରତୀୟ ମଜଦୂର ସଂଘ, ନୂଆପଡା ଜିଲ୍ଲା ଶାଖା ତରଫରୁ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀ ଙ୍କୁ ନୂଆପଡା ଜିଲ୍ଲାପାଳ, ସ୍ୱଧାଦେବ ସିଂ ଙ୍କ ଜରିଆରେ ଆଦ୍ୟ ଗୁରୁବାର ପ୍ରଦାନ କରାଯାଇଥିଲା । ଏଥିରେ ଜିଲ୍ଲା ସଭାପତି ଶୁକ୍ଲାମ୍ବର୍ ନିଆଳ, ଜିଲ୍ଲା ସଂପାଦକ ପ୍ରଦୀପ କୁମାର ଦଣ୍ଡସେନା, କାର୍ଯ୍ୟକାରୀ ସଭାପତି, ଶୁକଦେବ ସାହୁ, ଉପ ସଭାପତି, ଯଯାତି କେଶରୀ ମେହେର, ସହ ସମ୍ପାଦକ କୁଞ୍ଜ ବିହାରୀ କଟା, ଜ୍ଞାନରଞ୍ଜନ ସାହୁ, ବଳଧର କେତକୀ, ବାବୁଲାଲ ମାଝୀ, ଟୁନା ମାଝୀ ଉପସ୍ଥିତ ଥିଲେ ।

# ନାବାଳିକାକୁ ଦୁଷ୍କର୍ମ ମାମଲାରରେ ଯୁବକକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୧୦/୯ (ନି.ପ୍ର): ଜୟପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ କୋର୍ଟ ରେ ନାବାଳିକାକୁ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ଜଜ ପ୍ରଦିପ କୁମାର ସାସମଲ ରାୟର ଶୁଣାଣି କରିଛନ୍ତି । ତାଙ୍କ ରାୟରେ ଅଭିଯୁକ୍ତ ଥିବା ଜଗା ବିଷୋୟୀ(୨୬)କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟ ରେ ସ୍ୱଷ୍ଟ କରିଛନ୍ତି । ମାମଲା ବିବରଣିରୁ ପ୍ରକାଶ ଯେ ବୈପାରିଗୁଡା ଥାନା ଅନ୍ତର୍ଗତ ବାସନିଗୁଡା ଗ୍ରାମର ଜଗା ବିଷୋୟୀ ଗତ ୨୧.୮.୨୦୧୫ ମସିହାରେ କୋଟପାଡ ଅଞ୍ଚଳର ଜଣେ ନାବାଳିକାକୁ ଏପୁଲରେ ନିଶା ଦେଇ ବଳାତ୍କାର କରିଥିଲେ । ଶେଷରେ ନାବାଳିକା ଜଣକ ଅଚେତ ହୋଇପଡିଥିଲେ । ଏନେଇ ନାବାଳିକାର ପରିବାର ତରଫରୁ କୋଟପାଡ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ୧୪ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ସମସ୍ତ ସକ୍ଷ୍ୟପ୍ରମାଣ କୁ ଭିତ୍ତି କରି ଜଜ ରାୟର ଶୁଣାଣି କରିଛନ୍ତି । ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସୁଧିର ତ୍ରିପାଠି ମାମଲାକୁ ପରିଚାଳନା କରିଥିଲେ ।

# ଜିଲ୍ଲା ଜଜ୍‌ଙ୍କ ମାଲଖାନା ପରିଦର୍ଶନ

କେନ୍ଦ୍ରାପଡ଼ା,୧୦/୯ (ନି.ପ୍ର): କେନ୍ଦ୍ରାପଡାର ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଗୁରୁବାର କୋର୍ଟର ମାଲଖାନା ପରିଦର୍ଶନ କରିବା ସହ ଜବତ ହୋଇ ଗଚ୍ଛିତ ଥିବା ସାମଗ୍ରୀ ଗୁଡିକର ଉପଯୁକ୍ତ ସୁରକ୍ଷା ସମ୍ବନ୍ଧରେ ନିଯୁକ୍ତ ମାଲଖାନା କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ । ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ମାମଲାରେ ଜବତ ହୋଇଥିବା ସାମଗ୍ରୀ ଗୁଡିକ କେସ ପରିଚାଳନା ସମୟରେ ଆବଶ୍ୟକୀୟ ଏହାର ଉପଯୁକ୍ତ ହେପାଜତ, ରକ୍ଷଣାବେକ୍ଷଣ ସମ୍ବନ୍ଧରେ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ପରିଦର୍ଶନ ସମୟରେ କୋର୍ଟ ରେଜିଷ୍ଟାର ପୁଣ୍ୟଶୋକ୍ଳ ରଥ ଓ ମ୍ୟାନେଜର ସୁପ୍ରିତି ପଟ୍ଟନାୟକ ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲା ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ

କନ୍ଧମାଳ,୧୦/୯ (ନି.ପ୍ର): ଫୁଲବାଣୀରେ ଜିଲ୍ଲା ପ୍ରେସକ୍ଲବର ନିର୍ବାଚନ ପରେ ନୂତନ କର୍ମକର୍ତାମାନଙ୍କର ପ୍ରଥମ ସାଧାରଣ ପରିଷଦ ବୈଠକ ଫୁଲବାଣୀ ସାମ୍ବାଦିକ ଭବନ ଠାରେ ବୁଧବାର ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ପ୍ରେସକ୍ଲବର ନୂତନ ସଭାପତି ବରିଷ୍ଠ ସାମ୍ବାଦିକ ସୁନିଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ନିଜ ବକ୍ତବ୍ୟରେ ନିର୍ବାଚନ ଅଧିକାରୀ ଭାବରେ ସୁଚାରୁ ରୂପେ ଦାୟୀତ୍ୱ ତୁଲାଇ ଥିବାରୁ ବରିଷ୍ଠ ସାମ୍ବାଦିକ ସୁବାସ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ମଂଚକୁ ନବନିର୍ବାଚିତ କର୍ମକର୍ତାମାନଙ୍କୁ ସ୍ୱାଗତ କରିବା ସହିତ ପୁର୍ବ ବିଠକର ବିବରଣୀ ପାଠ କରି ସେହି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରେସକ୍ଲବର ବରିଷ୍ଠ ସଦସ୍ୟ ଡ.ଅରୂପ କୁମାର ଜେନା, ଫିଲିମୋହନ ନାୟକ, ବିଜୟ ମହାନ୍ତି, ଶିବପ୍ରଶାଦ ତ୍ରିପାଠୀ, ସନ୍ତୋଷ କୁମାର ଡିଗଲ, ସଦାଶିବ ପାତ୍ର, ଅଜିତ କୁମାର ମହାରଣା, ଡ.କାହ୍ନୁଚରଣ ଶତପଥ, ଆଦିତ୍ୟ ପ୍ରାସଦ ତ୍ରିପାଠୀ ଏବଂ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ । ନୂତନ କର୍ମକର୍ତାମାନେ ଦାୟୀତ୍ୱ ଗ୍ରହଣ କରିବାର ଏକ ସପ୍ତାହ ଭିତରେ ପ୍ରେସକ୍ଲବର ଦୀର୍ଘ ଦିନର ଅସଜଡ଼ା ରହିଥିବା ଜିନିଷଗୁଡ଼ିକୁ ବ୍ୟବସ୍ଥିତ କରିବାରେ ସକ୍ଷମ ହୋଇପାରିଥିବା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ସ୍ୱଳ୍ପ ଦିନର ଅବଧିରେ ପ୍ରେସକ୍ଲବରେ ସ୍ୱଚ୍ଛ ପିଇବା ପାଣି, ଇନଭର୍ଟର ଲଗାଯିବା, ଟି.ଭି. ଲଗାଯିବା ଏବଂ ପାଇଖାନା ଆଦିର ମରାମତି କରାଯିବା ସହିତ ଏହାର ରକ୍ଷଣାବେକ୍ଷଣ ଦାୟୀତ୍ୱ ପାଇଁ ଜଣେ କେଆର ଟେକରକୁ ନିୟୋଜିତ କରାଯାଇଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏହାଦ୍ୱାରା ସଦସ୍ୟମାନେ ସବୁବେଳେ ସେଠାରେ ବସାଉଠା କରିବା ସହିତ ଆବଶ୍ୟକୀୟ ସହାୟତା ପାଇପାରିବେ ବୋଲି ଉପସଭାପତି ସୁନିଲ ବିଶ୍ୱାଳ କହିଥିଲେ । ସେହିପରି କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ପରିଡା, ଉପସଭାପତି ସତ୍ୟନାରାୟଣ ବେହେରା ମଧ ସାମ୍ବାଦିକମାନଙ୍କର ବ୍ୟକ୍ତିଗତ ଏବଂ ବୃତିଗତ ସୁରକ୍ଷା ଦିଗରେ ଏହି ନୂତନ କମିଟି କାର୍ଯ୍ୟ କରିବ ବୋଲି କହିଥିଲେ । ଆଗାମୀ ଦିନରେ ପ୍ରେସକ୍ଲବର ବାକି ରହିଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟସବୁକୁ ସମ୍ପୂର୍ଣ୍ଣ କରିବା ଦିଗରେ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହୋଇଥିଲା । ଏଥିପାଇଁ ସମସ୍ତ ସଦସ୍ୟମାନଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଅନୁରୋଧ କରାଯାଇଥିଲା । ପରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟମାନଙ୍କ ସହିତ କାର୍ଯ୍ୟକାରୀ ସଦସ୍ୟ ଶିବାନନ୍ଦ ପଟ୍ଟନାୟକ, ଜୟସେନ ପରିଡ଼ା, ଶିବାନୀ ସୁଆର, ବ୍ରଜବିହାରୀ ନନ୍ଦ ପ୍ରମୁଖ କର୍ମକର୍ତାମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ଏବଂ ସଦସ୍ୟ ପ୍ରଶାନ୍ତ କୁମାର ପଣ୍ଡା ସମସ୍ତ ସହଯୋଗ କରିଥିଲେ । ଶେଷରେ ଅଶୋକ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମାକୁମାରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୦/୯ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭୂତପୂର୍ବ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣୀଙ୍କ ୧୪ତମ ପୂଣ୍ୟତିଥି ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅଧିନ ଗୁଲନଗର ପଂଚାୟତ ର ସୁଜାନଗର ଶିବମନ୍ଦିର ପାର୍ଶ୍ୱରେ ସ୍ଥାନୀୟ ନାୟବ ସରପଂଚ ଶ୍ରୀମତୀ ସୁଜାତା ସାହୁଙ୍କ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

# ଧର୍ମଶାଳାରେ ତେଜିଲା ଦପାନାଳ ଆନ୍ଦୋଳନ : ଗଢାହେଲା ପୂର୍ଣ୍ଣାଙ୍ଗ ମଂଚ

ଧର୍ମଶାଳା,୧୦/୯ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବିଧାନସଭା କ୍ଷେତ୍ର ରସୁଲପୁର ବ୍ଲକ ଅନ୍ତର୍ଗତ ଦପାନାଳ ପ୍ରାୟ ଶତାଧିକ ଗ୍ରାମର ଜୀବନରେଖା ଭାବେ ପରିଚିତ । ଏହି ବଡ ଧରଣର ନାଳ ପୋତି ହୋଇଯିବା ପାଇଁ ଲୋକଙ୍କ ଜୀବନ ଓ ଜୀବିକା ଦୁର୍ବିସହ ହୋଇପଡିଛି । ଦୀର୍ଘ ବର୍ଷକ ପୂର୍ବରୁ ଏଥିନେଇ ଆନ୍ଦୋଳନର ବିଗୁଲ ବଜାଇଥିବା ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ପୁଣି ବଡ ଧରଣର ଆନ୍ଦୋଳନ ପାଇଁ ଲୋକେ ମେଳି ହୋଇଛନ୍ତି । ଏଥିପାଇଁ ଦପାନାଳ ସୁରକ୍ଷା ମଂଚର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଛି । ଏହି ଅବସରରେ ଓଡିଶୋ ପଂଚାୟତର ବାହାବଳପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବସମ୍ମତିକ୍ରମେ ସଂଗ୍ରାମୀ ଯୁବନେତା ତଥା ବରିଷ୍ଠ ସାମ୍ବାଦିକ ସତୀଶ ବିଶ୍ୱାଳଙ୍କୁ ପ୍ରତିଷ୍ଠାତା ସଭାପତି ଘୋଷଣା କରାଯାଇଥିଲା । ଏଥିରେ ନୀଳମଣୀ ନାୟକ, ଦାଶରଥୀ ବେହେରା, ରାମଚନ୍ଦ୍ର ମଲିକ, କେଶବ ଦାସଙ୍କୁ ଉପସଭାପତି, ଅଭୟ ସାମଲଙ୍କୁ ସମ୍ପାଦକ, ଜିତେନ୍ଦ୍ର ନାୟକ ଓ ସୁଶାନ୍ତ କୁମାର ମହାନ୍ତି ସହ-ସମ୍ପାଦକ, ଶଙ୍କର୍ଷଣ ପଣ୍ଡା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ଉପଦେଷ୍ଟା ଭାବେ ସୁଦାମ ଚରଣ ରାଉତ, ଚୈତନ୍ୟ ରାଉତ, ମାଗୁଣୀ ସ୍ୱାଇଁ, ଶ୍ରୀଧର ନାୟକ, ନୀରଞ୍ଜନ ସାମଲ, ଅମୀୟ ସାମଲ, ପରମାନନ୍ଦ ବୋଇତେଇ, ଶିଶିର ବେହେରା, ନୀରଞ୍ଜନ ରାଉତ, ବାଇଧର ରାଉତ ମନୋନୀତ ହୋଇଛନ୍ତି । ଚାଷୀ ଓ ଚାଷର ସ୍ୱାର୍ଥ ପ୍ରତି ସରକାର ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ଦପାନାଳର ମୃତ୍ୟୁ ହୋଇଯିବାରୁ ଚାଷ ଉଜୁଡି ଯାଇଛି । ଅତୀତରେ ଏହି ନାଳଟି ଗୋଟିଏ ନଦୀ ପରି ଥିଲା । କେବଳ ଧର୍ମଶାଳା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ମାନପୁର, ଓଡିଶୋ ଅଣ୍ଡେଇଗୋଡା, କୁସୁନପୁର, ବିଶ୍ୱନାଥପୁର, କରଞ୍ଜିଆରି,ମେଳକ, ନିମପାଟଣା, ବାହାବଳପୁର, ହାଟସିଂହାପୁର, କୁରୁକୁରା, କପାଳି, ଟାକୁଆଠେଙ୍ଗ, ନଠୁଆବର, ନୂଆହାଟ, ଦାମଦୋରପୁର, କୁଂରାଶ, ଗରୁଆଳ ଆଦି ବହୁ ଗ୍ରାମର ଲୋକେ ଚାଷବାସ ପାଇଁ ସଂପୂର୍ଣ୍ଣ ନିର୍ଭରଶୀଳ ଥିଲେ । ଏବେ ଦପାନାଳ ସଂପୂର୍ଣ୍ଣ ପୋତି ହୋଇ ଯାଇଥିବା ବେଳେ ଏହାର ପଙ୍କ ଓ ଦଳ ଭର୍ତି ହୋଇଗଲାଣି । ଏବଂ ଦୁର୍ଗନ୍ଧ ସହ ପ୍ରବଳ ସାପ ଓ ମଶା ଉପଦ୍ରବ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡିଛି । ଲୋକେ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ପ୍ରକଟ କରି ଆରମ୍ଭରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଆସିଥିବା ତଦନ୍ତ ନିର୍ଦ୍ଦେଶକୁ ଯାଜପୁର ଡ୍ରେନେଜ ଡିଭିଜନ ଚାପି ଦେଇଛି । ଏହାର ଅନ୍ତରାଳରେ ବଡ ଧରଣର ଦୁର୍ନିତି ହୋଇଥିବାରୁ ଲୋକଙ୍କ ସମସ୍ୟାର ସମାଧାନ ହୋଇ ପାରୁନି । ଆଗାମୀ ଦିନରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜନ ସମସ୍ୟା ନେଇ ଲଢେଇ ଜୋରଦାର କରାଯିବ ବୋଲି ସତୀଶ ମତ ପ୍ରକାଶ କରିଥିବା ବେଳେ ସମସ୍ତ ସଭ୍ୟମାନେ ସମର୍ଥନ କରିଥିଲେ ।

# ଭାରତ ବିକାଶ ପରିଷଦ ତରଫରୁ ଗୁରୁ ବନ୍ଦନ : ଛାତ୍ର ଅଭିନନ୍ଦନ ଅନୁଷ୍ଠିତ

ଭୁବନ,୧୦/୯ (ନି.ପ୍ର): ଭାରତବିକାଶ ପରିଷଦ ସହିଦ୍ ବାଜିରାଉତ ଶାଖା ଆନୁକୂଲ୍ୟରେ ଭୁବନ ଉଚ୍ଚ ବିଦ୍ୟାଳୟରେ ଗୁରୁ ବନ୍ଦନ, ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶାଖା ସଭାପତି ଇଂ. ବାବୁ ନନ୍ଦ ମହାଲିକଙ୍କ ଅଧକ୍ଷତା ଓ ମହିଳା ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ ଗାନ କରାଯାଇଥିଲା । ସଭାପତି ଇଂ.ମହାଲିକ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ,୧୯୬୩ ମସିହାରେ ଭାରତ ବିକାଶ ପରିଷଦ ପ୍ରତିଷ୍ଠା ହୋଇ ସେବା, ସଂସ୍କାର ଓ ସମର୍ପଣର ମନୋଭାବ ନେଇ ସର୍ବଭାରତୀୟ ସ୍ତରରେ କାର୍ଯ୍ୟକରୁଛି । ଭୁବନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ ବନ୍ଦନ କାର୍ଯ୍ୟକ୍ରମ ଦ୍ୱାରା ଗୁରୁଶିଷ୍ୟ ପରମ୍ପରା ଅତୁଟ ହୋଇ ରହିବ ବୋଲି କହିଥିଲେ। ସମ୍ମାନୀତ ଅତିଥି ମନମୋହନ ତ୍ରିପାଠୀ ସଂଗଠନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପୁରାତନ ଶିକ୍ଷକ ଚୈତନ୍ୟ ମିଶ୍ର, ଜୟକୃଷ୍ଣ ସାହୁ, ଅଜୟ କୁମାର ପଣ୍ଡା, ପ୍ରଫୁଲ୍ଲ ମିଶ୍ର, କାଳନ୍ଦି ସାଥୁଆ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ପ୍ରଶଂସାପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଗତ ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ର ନିତିଶ କୁମାର ପୋଥାଳ, ସୁବ୍ରତ ସାହୁ, ସ୍ୱୟମ ଶୁଭମ ଦାସ, ଆଦିତ୍ୟ ପ୍ରସାଦ ସିଂ, ଛାତ୍ରୀ ରେଖାଙ୍କିତ ସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ଶୁଭେନ୍ଦୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମୋ ସ୍କୁଲ ଅଭିଯାନର ସଭାପତି ପ୍ରଭାସ କୁମାର ସେନାପତି, ସନାତନ ପାତ୍ର, ନିରଂଜନ ଗୁରୁ, ଅମ୍ବୁଜ ସାହୁ, ଅନିମେଶ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦରଦାମ ବୃଦ୍ଧି ପ୍ରତିବାଦରେ ଭାରତୀୟ ମଜଦୁର ସଂଘର ଦାବିପତ୍ର

କେନ୍ଦ୍ରାପଡ଼ା,୧୦/୯ (ନି.ପ୍ର): ଭାରତୀୟ ମଜଦୁର ସଂଘ କେନ୍ଦ୍ରାପଡା ଶାଖା ତରଫରୁ ଅହେତୁକ ଦରଦାମ ବୃଦ୍ଧିର ପ୍ରତିବାଦ କରାଯିବା ସହ ଏକ ୧୦ ଦଫା ଦାବିପତ୍ର ମାନ୍ୟବର ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଗୁରୁବାର ଭାରତୀୟ ମଜଦୁର ସଂଘର ଜିଲ୍ଲା ସଂପାଦକ ପ୍ରଶାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ଦିଆ ଯାଇଥିବା ଦାବିପତ୍ରରେ ପ୍ରତ୍ୟେକ ସାମଗ୍ରୀର ଜିଏସଟି ସହିତ ଉଚିତ ମୂଲ୍ୟ ସ୍ୱଷ୍ଟତାର ସହିତ ପ୍ରଦର୍ଶିତ କରାଯାଉ, ପେଟ୍ରୋଲ ଡିଜେଲ ସହିତ ଅତ୍ୟାବଶ୍ୟକୀୟ ଦର ର ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରାଯାଉ । ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥାକୁ ଲାଗୁ କରାଯାଉ । କୃଷକ ମାନଙ୍କୁ ଲାଭଯୁକ୍ତ ମୂଲ୍ୟ ପ୍ରଦାନ ସହିତ କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉ । ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ମୁଦ୍ରାସ୍ଫିତି ପ୍ରଭାବର କ୍ଷତିପୁରଣ ଦରମା ବୃଦ୍ଧି ମାଧ୍ୟମରେ ଦିଆଯାଉ । ସମଗ୍ର ଭାରତରେ ଆଣ୍ଟି ଟ୍ରଷ୍ଟ ଆଇନକୁ କଠୋରତା ର ସହ ଲାଗୁ ହେବା ଆବଶ୍ୟକ ଯାହା ପ୍ରତିଯୋଗିତା ଅଧିନିୟମ ୨୦୦୨ ଅନ୍ତର୍ଗତ ଅଟେ ପ୍ରଭୃତି ଦାବି ଗୁଡିକ ଉଲ୍ଲେଖ ରହିଛି । ଏହି ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ପ୍ରଦାନ ସମୟରେ କାହ୍ନୁ ଚରଣ ବେହେରା, ଫକିର ବାରିକ, ନିରଞ୍ଜନ ବେହେରା, ଗିରିଶ ଚନ୍ଦ୍ର ସାହୁ, ଅରୁଣ କୁମାର ମଲିକ, ସମର୍ଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକ ପରିବାରକୁ ସରକାରୀ ସହାୟତା ପ୍ରଦାନ

ଧର୍ମଶାଳା,୧୦/୯ (ନି.ପ୍ର): ଯାଜପୁର ଜିଲାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଅନିରୁଦ୍ଧ ସାମନ୍ତରାୟଙ୍କ ପରିବାରକୁ ଆଜି ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି । ସ୍ୱର୍ଗତ ସାମନ୍ତରାୟଙ୍କ ଦୁଇବର୍ଷ ତଳେ ଅକାଳ ବିୟୋଗ ଘଟିଥିଲା । ତାଙ୍କ ବିୟୋଗ ଖବର ଜଣାପଡିବା ପରେ ଜିଲାରେ କାର୍ଯ୍ୟରତ ସାମ୍ବାଦିକଙ୍କ ମହଲରେ ଗଭୀର ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ସେ ଯାଜପୁର ଜିଲା ଏମବିସି ଟିଭିର ଜିଲା ପ୍ରତିନିଧି ଭାବେ ନିଷ୍ଠାର ସହ କାର୍ଯ୍ୟକରି ସମାଜରେ ବେଶ ପରିଚିତ ଥିଲେ । ତାଙ୍କ ପତ୍ନୀ ଭାରତୀ ତ୍ରୀପାଠି ଓ ପୁତ୍ର କାରଗିଲ ସାମନ୍ତରାୟଙ୍କୁ ସହାୟତା ପ୍ରଦାନ ପାଇଁ ବିଭିନ୍ନ ସାମ୍ବାଦିକ ଅନୁଷ୍ଠାନ ପକ୍ଷରୁ ଦାବି ହୋଇ ଆସୁଥିଲା । ଆଜି ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ସମେତ ବହୁ ଅଧିକାରୀ ତାଙ୍କ ବଡଚଣା ବ୍ଲକ ସୁଙ୍ଗୁଡାସ୍ଥିତ ବାସଭବନରେ ପଂହଚି ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ସରକାରଙ୍କ ଏଭଳି ନିଷ୍ପତିକୁ ସାମ୍ବାଦିକ ମହଲରେ ସ୍ୱାଗତ କରାଯାଇଛି ।

# କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ଓ ରାଇକିଆରୁ ସେରୋଲୋଜିକାଲ ସର୍ଭେ ଆରମ୍ଭ

କନ୍ଧମାଳ,୧୦/୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ରାଇକିଆ ଅଂଚଳରୁ ଆଜି ଠାରୁ ସେରୋଲୋଗିକାଲ ସର୍ଭେ ଆରମ୍ଭ କରାଯାଇଛି । ବୈଜ୍ଞାନିକ ଡା.ଜୟସିଂ ଖେତ୍ରୀ ଏବଂ ଡା.ଅସୀମ ମାନସିଂଙ୍କ ନେତୃତ୍ୱରେ ଆରମ୍ଭ କରାଯାଇ ଥିବା ଏହି ସର୍ଭେରେ ଆର୍.ଏମ୍.ଆର୍.ସି.ରୁ ଆସିଥିବା ଏହି ୧୨ ଜଣିଆ ଦଳ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ଏବଂ ରାଇକିଆ ଅଂଚଳରୁ ସର୍ଭେ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମ ଆସନ୍ତ ୧୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଏହି ଦଳ ଜିଲ୍ଲାର ୧୪ଟି ଯାଗରୁ ୪୦ଟି ଲେଖାଏଁ ସରେମ ନମୁନା ସଂଗ୍ରହ କରିବ । ଜିଲ୍ଲାର ୧୪ଟି ଯାଗାରୁ ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କର ସରମ ନମୁନାକୁ ମିଶାଇ ମୋଟ ୬୬୦ ନମୁନା ସଂଗ୍ରହ କରାଯିବାର ଯୋଜନା ରହିଥିବାନେଇ ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି । ଆଜିସୁଦ୍ଧା କନ୍ଧମାଳ ଜିଲ୍ଲାରେ କୋଭିଡ ଟୀକାର ପ୍ରଥମ ଡୋଜ୍ ୨୮୩୪୫୫ ଜଣ ନେଇଥିବାବେଳେ ଦ୍ୱିତୀୟ ଡୋଜ ୬୯୭୩୪ ଜଣଙ୍କୁ ମିଶାଇ ମୋଟ ୩ ଲକ୍ଷ ୫୩ ହଜାର ୧୮୯ ଜଣ ଟୀକା ନେଇଛନ୍ତି ଜିଲ୍ଲାରେ ଟୀକା ଦାନ ପ୍ରକ୍ରିୟା ଜାରିରହିଛି ।



# ନୂଆଁଖାଇ

ଡଃ ମାଙ୍ଗଳିକା ମହାପାତ୍ର

ରେଭେନସା ବିଶ୍ୱବିଦ୍ୟାଳୟ



ମନୁଷ୍ୟ ସର୍ବଦା ନିଜ ଜୀବନକୁ ସରସ ସୁନ୍ଦର କରିବାକୁ ଚେଷ୍ଟିତ। ହସିଖେଳି ଜୀବନକୁ ଉପଭୋଗ କରିବା ପାଇଁ ସବୁ ମାଙ୍ଗଳିକ କାର୍ଯ୍ୟକ୍ରମ, ମନ୍ଦିରତୋଳା ଓ ପୂଜାବିଧି କରିଥାଏ। ଆଉ ମଧ ଯେତେ ସବୁ ପର୍ବ ପର୍ବାଣୀ ଓ ଯାନିଯାତ୍ରା, ଗୋଷ୍ଠୀଗତ ଜୀବନର ସୁଖ ଭୋଗ ପାଇଁ କରାଯାଏ । ବସୁଧା ଅନ୍ନ ଦେଉଛି ବୋଲି ମାଟି ପୂଜା କରିଥାଉ ଓ ନୂଆ ଅନ୍ନ ଭୋଗ କରିବା ପୂର୍ବରୁ ନୂଆଁଖାଇ ମାନିଥାଉ । ଏ ଧାରା ଯୁଗ ଯୁଗରୁ ଚାଲି ଆସିଛି।

ନୂଆଖାଇ (ନୂଆଁଖାଇ ବା ନବାନ୍ନ ଭାବେ ମଧ ଜଣା) ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ପାରମ୍ପାରିକ ପର୍ବ। ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସ ଶୁକ୍ଳ ପଞ୍ଚମୀ ତିଥିରେ ପାଳିତ ହୋଇଥାଏ। ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି । ବର୍ଷା ଶେଷ ହେବା ପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ। ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାରେ କାର୍ଯ୍ୟ କରିଥାଏ। ଚାଷୀ ପ୍ରଥମଥର ଅମଳକ୍ଷମ ଧାନକୁ ଇଷ୍ଟ ଦେବୀଙ୍କ ପାଖରେ ସମର୍ପଣ କରିବା ହିଁ ନବାନ୍ନଭକ୍ଷଣ। ନୂଆଁଖାଇ ପାଳନ ନିମନ୍ତେ ଆଗରୁ'ଲଗନ' ବା 'ତିଥି' ନିର୍ଣ୍ଣୟ କରି ପୂଜା ଆଦି ସହ ଆରିସା ପିଠା ଭୋଗ କରାଯାଇଥାଏ ।

ସାମାଜିକ ଏକତା :

ନୂଆଁଖାଇ ଏକ ଗଣପର୍ବ । ଗ୍ରାମ ବା ସହରରେ ପଡା ଅଞ୍ଚଳରେ ନୂଆଖାଇ ଦିନ ନବାନ୍ନ ଦେଇ ପୂଜାବିଧି ସମାପ୍ତ ହେବା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରିଥାଆନ୍ତି। ତାହା ଖାଇସାରି ପରିବାରର ସମସ୍ତ ବ୍ୟକ୍ତି ନିଜର ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରନ୍ତି । ପରେ ପିଠାପଣା ସହ ନବାନ୍ନ ଭୋଜି ଖାଇସାରି ଗ୍ରାମ ବା ପଡୋଶୀରେ ଥିବା ବୟୋଜ୍ୟେଷ୍ଠମାନଙ୍କୁ ଭେଟି ପ୍ରଣାମ କରିଥାନ୍ତି । ଏହି ସମୟରେ ଗ୍ରାମ ବା ପଡ଼ାର ଲୋକମାନେ ନିଜ ଭିତରେ ପୂର୍ବରୁ ଥିବା ଭେଦଭାବ ଭୁଲିଯାଆନ୍ତି । ପରିବାର ମଧରେ ଥିବା ମତଭେଦ ମଧ ଏହି ସମୟରେ ସମାଧାନ ହୋଇଥାଏ। ସମସ୍ତେ ପୁଣି ଏକଜୁଟ ହେଇ ରୁହନ୍ତି। ଏହା ନୂଆଁଖାଇ ପର୍ବର ଏକ ବିଶେଷତା। ପୂର୍ବକାଳରୁ ନବାନ୍ନ ସମୟରେ ପରିବାରର ସମସ୍ତେ ଏକାଠି ନବାନ୍ନ ଗ୍ରହଣ କରିବାର ପରମ୍ପରା ଥିଲା। ତେଣୁ ନବାନ୍ନ ଆଗରୁ ଯିଏ ଯୋଉଠି ରହୁଥିଲେ ମଧ ନିଜ ପୈତୃକ ଘରକୁ ଆସୁଥିଲେ। ଏବେ ଯୁଗର ପରିବର୍ତ୍ତନ ସହ ଅନେକ ଘରର ପୁଅ ଝିଅ ବୋହୂମାନେ ଘରକୁ ଆସିପାରୁ ନାହାଁନ୍ତି । ତେଣୁ ଏକ ପରମ୍ପରା ଅନୁସାରେ ସେହି କ୍ଷେତ୍ରରେ ସେହି ପରିବାର ଦଶହରାର ଅଷ୍ଟମୀ ତିଥିରେ ନବାନ୍ନ ଯଥାରୀତି ପାଳନ କରନ୍ତି।

ଆଗ କାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆ ଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ। ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଁଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରିଥିଲେ। ଏହି ଦିନ ଓଡ଼ିଶାରେ ସରକାରୀ ଛୁଟି କରିବା ପାଇଁ ମଧ ଘୋଷଣା କରିଥିଲେ। ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁ ମହଲରେ ଚିନ୍ତା କରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ଦିନଟି ସ୍ଥିର କରାଗଲା।

ପୂର୍ବାଞ୍ଚଳରେ ଏହା ଅଶ୍ୱିନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ କରିବାର ବିଧି ରହିଛି। କାରଣ ଏହି ନବାନ୍ନ ପିତୃ ପୁରୁଷଙ୍କୁ ପିଣ୍ଡଦାନ ରେ ବ୍ୟବହୃତ ହୋଇଥାଏ। ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଅପରପକ୍ଷେ ମହାଳୟା ପରଠାରୁ ଶ୍ରାଦ୍ଧ ଦେବାର ବ୍ୟବସ୍ଥା ଅଛି। ଏହା ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲା ସମୂହରେ ଆଡମ୍ବର ସହକାରେ ପାଳନ କରାଯାଇଥାଏ। ବିଶେଷ କରି ଗୁଜୁରାଟର ସୁରତ୍, ଛତିଶଗଡର ରାୟପୁର, ବିଶାଖାପାଟଣା, ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀ ଆଦି ସହରରେ ଏହା ପାଳନ କରାଯାଇଥାଏ। ଏହି ଦିନଟିରେ ଅମୃତବେଳା ବା ଶୁଭବେଳା ଜ୍ୟୋତିଷମାନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆ ଭାବରେ ଅମଳ କରାଯାଇଥିବା ଷାଠିଆଧାନରୁ ପ୍ରସ୍ତୁତ ଅନ୍ନକୁ ରାନ୍ଧି ଭକ୍ଷଣ କରିଥାଆନ୍ତି। ନୂଆଖାଇ ପରଦିନକୁ ନୂଆଖାଇ ବାସି ବୋଲି କୁହାଯାଏ । ଏହି ଦିନଟିକୁ ମଉଜ ମଜଲିସ୍‌ର ଦିନ ଭାବେ ପାଳନ କରାଯାଏ । ସେପ୍ଟେମ୍ବର ୧୧ ତାରିଖ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ସକାଳେ ୧୦.୧୫ ମି ରୁ ୧୦.୨୫ ମି ମଧ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ହେବ । ପୁଣି ଏକ ହେବେ ସ୍ୱଜନ। ବଲାଙ୍ଗୀର ଅଧିଷ୍ଠାତ୍ରୀ ଦେବୀ ମା ପାଟଣେଶ୍ୱରୀ, ମା ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ସହ ରାଜ ପରିବାରର ରାଶି ନକ୍ଷତ୍ର ଅନୁଯାୟୀ ଧାର୍ଯ୍ୟ ହୋଇଥାଏ ସମୟ ଓ ତାରିଖ। ମିଥୁନ ତୁଳା ଲଗ୍ନେ ମିଥୁନ ନବାନ୍ନ ଅମୃତ ବେଳାରେ ସକାଳ ୧୦ ଘଣ୍ଟା ୧୯ ମିନିଟ୍ ରୁ ୧୦ ଘଣ୍ଟା ୪୦ ମିନିଟ୍ ମଧରେ ସମଗ୍ର ବଲାଙ୍ଗୀର ଜିଲ୍ଲାରେ ନବାନ୍ନ ଲାଗି ହେବାର ଲଗ୍ନ ଧାର୍ଯ୍ୟ ହୋଇଛି।

ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରେ ରଖି ପାଳନ କରାଯିବ ନୂଆଁଖାଇ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ନିଡାମ୍ବରରେ ନୂଆଁଖାଇ ପାଳନ ପାଇଁ ପଣ୍ଡିତ ମହାସଭାରେ ନିଷ୍ପତି କରାଯାଇଛି ।

ଏହି ଅବସରରେ ଭାରତର ଉପ ରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ରାଜ୍ୟବାସୀଙ୍କୁ ନୂଆଁଖାଇ ଶୁଭେଚ୍ଛା ଜଣାଇଛନ୍ତି ।

'ନୂଆଁଖାଇ ଜୁହାର' ।

# ଗଣପର୍ବ ନୂଆଁଖାଇ



ବିପିନ ବିହାରୀ ମହାନ୍ତି





ନୂଆଖାଇ ଏକ କୃଷିଭିତିକ ପର୍ବ। ଯେଉଁ କୃଷିଭିତିକ ଚାଷ ଲବ୍ଧ ଫଳ, ଶସ୍ୟ ଏବଂ ଅନ୍ୟ କିଛି ପ୍ରଥମେ ଅନୁକୂଳ କରାଯାଇ ଦେବଦେବୀଙ୍କୁ ସମର୍ପଣ ପରେ ପରିବାର ସଦସ୍ୟମାନେ ଖାଆନ୍ତି, ତାକୁ ନୂଆଖାଇ କୁହାଯାଏ । ଏମିତିରେ ଧାନ 'ନୂଆଖାଇ' ଆମ୍ବ 'ନୂଆଖାଇ', 'ମହୁଲ ନୂଆଖାଇ' ଏବଂ କେତେ ନୂଆଖିଆ କଥାକୁ ବୁଝାଏ । ତେବେ ସଚରାଚରରେ ନୂଆଖାଇ କହିଲେ ସାଧାରଣତଃ ଭାଦ୍ରବ ମାସରେ ଖିଆ ଯାଉଥିବା ନୂଆଧାନରୁ ଉତ୍ପନ୍ନ ଚାଉଳ ବା ତହିଁରୁ ପ୍ରସ୍ତୁତ ଚୂଡ଼ା, ଅନ୍ନ, ଖିରୀ ବା ପିଠା ଇତ୍ୟାଦିକୁ ନୂଆକରି ଖାଇବା ଅର୍ଥରେ ବୁଝାଯାଏ । ଏ ପ୍ରଥା କେବେଠୁ ଚଳିଆସୁଛି ତାହା ବାସ୍ତବରେ କେହି କହିପାରିବେ ନାହିଁ ।

ପ୍ରଚଳିତ ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ଅବସରରେ ଅର୍ଥାତ୍ ସୁନିଆଁ ବା ବାମନ ଜନ୍ମଦିନ ନୂଆଖାଇ ପାଳିତ ହୁଏ ଏବଂ ହେଉଥିଲା ମଧ୍ୟ । ଓଡ଼ିଶା ଉପକୂଳ ଅଂଚଳରେ ଢ଼ିପ ବା ପଠାଜମିରୁ ଲଘୁଧାନ ଏହି ମାସରେ ଅମଳ ହୁଏ । ପଶ୍ଚିମ ଓଡ଼ିଶାରେ ଆଦିବାସୀ ବହୁଳ ଅଂଚଳରେ ଏହି ମାସରେ ପାହାଡ଼ିଆ ଜମିରୁ ଧାନ ଫସଲ ଅମଳ ହୁଏ । ଏହି ନୂଆଧାନର ଚୂଡ଼ା ଓ ଚାଉଳକୁ ଆଧାର କରି ଭୋଗରାଗ ପ୍ରସ୍ତୁତ କରାଯାଇ ଦେବତାଙ୍କୁ ସମର୍ପଣ କରାଯାଏ।

ପଶ୍ଚିମ ଓଡ଼ିଶାରେ ଏହା ଏକ ପ୍ରସିଦ୍ଧ ଗଣପର୍ବ । ତେବେ ଏହା ଭାଦ୍ରବ ଶୁକ୍ଳ ଦ୍ୱାଦଶୀଦିନ ପାଳିତ ନହୋଇ ଭାଦ୍ରବ ଶୁକ୍ଳ ପଂଚମୀ ଦିନ ପାଳିତ ହୁଏ । ଏହା ମଧ୍ୟ ସବୁ ସ୍ଥାନରେ ସମାନ ନୁହେଁ। କାରଣ ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ଇଷ୍ଟଦେବ ଦେବୀଙ୍କ ନାମରେ ଲଗ୍ନ ସ୍ଥିର କରାଯାଇ ଅଥବା ପୂର୍ବତନ ଶାସକ ତଥା ରାଜା, ଜମିଦାର ବା ଗଉଁତିଆଙ୍କ ଜାତକ ସିଦ୍ଧ ବାହାର କରି ନବାନ୍ନ ଭକ୍ଷଣ ଲଗ୍ନ ନିର୍ଣ୍ଣିତ କରାଯାଏ । ଏଥିକୁ ମଧ୍ୟ ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦିଆଯାଏ ।

ଅନେକ ସ୍ଥାନରେ ଏହା ଏକାଧିକ ଦିବସ ଧରିଚାଲେ । କଳାହାଣ୍ଡିରେ ଏହି ପର୍ବ ଭାଦ୍ରବ ଶୁକ୍ଳ ପଂଚମୀ ଠାରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲେ । ଏହି ସମୟରେ କଳାହାଣ୍ଡିର ସଂସ୍କୃତି ପରମ୍ପରାରେ 'ଘୁମୁରା' ନୃତ୍ୟର ଶୁଭାନୁକୂଳ ହୁଏ । ବଲାଙ୍ଗୀରରେ ରାକ୍ଷୀ ପଂଚମୀ ଦିନ ଅନୁକୂଳ ନୂଆଖାଇ ପର୍ବରେ ରାକ୍ଷୀବନ୍ଧନ ଉତ୍ସବ ପାଳନ କରାଯାଏ । ଉପକୂଳ ଅଂଚଳରେ ନୂଆଧାନର ଚୂଡ଼ାଘଷା, ମିଷ୍ଟାନ୍ନ, ପିଠା ଓ ଖିରୀ ଇତ୍ୟାଦି ପ୍ରସ୍ତୁତ ହୋଇ ଇଷ୍ଟ ଦେବାଦେବୀଙ୍କ ସମର୍ପଣ ପୂର୍ବକ ନୂଆଚାଉଳର ଭାତ ଖାଇବା ଆରମ୍ଭ କରାଯାଏ।

ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଯଥାବିଧି ନବାନ୍ନ ଭକ୍ଷଣ ଉତ୍ସବ ପାଳିତ ହୁଏ । ଅନ୍ୟ ସ୍ଥାନମାନଙ୍କରେ ସ୍ଥାନୀୟ ମୁଖ୍ୟ ଇଷ୍ଟଦେବୀ ବା ଦେବତାଙ୍କୁ ଏହି ନବାନ୍ନ ସମର୍ପଣ ପରେ ଅନ୍ୟାନ୍ୟ ଦେବଦେବୀଙ୍କୁ ସମର୍ପଣ କରାଯାଇ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ ହୁଏ । ସମ୍ବଲପୁରର ସମ୍ବଲେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ବଲାଙ୍ଗୀରର ପାଟେଣିଶ୍ୱରୀ ଓ ସୋନପୁରର ସୁରେଶ୍ୱରୀ ପ୍ରଭୃତି ପଶ୍ଚିମାଂଚଳର ଏବଂ ପ୍ରସିଦ୍ଧ ଶକ୍ତିପୀଠମାନଙ୍କରେ 'ନୂଆଖାଇ ବେଳା' (ଲଗ୍ନ)ର ଉତ୍ସବ ମହା ଯାକଜମକରେ ପାଳିତ ହୁଏ ।

ନୂଆଖାଇ ପାଇଁ କିଛିଦିନ ପୂର୍ବରୁ ପ୍ରସ୍ତୁତି ଚାଲିଥାଏ । ପୂର୍ବଦିନ ଘରବାଡ଼ି ଓ ବଗିଚା ଇତ୍ୟାଦି ସଫାସୁତୁରା ସହ ଘର ଅଗଣା ଲିପାପୋଛା କରାଯାଏ । ନୂଆଖାଇ ଦିନ ପାହାନ୍ତା ପହରରୁ ଝିଅବୋହୂମାନେ ସ୍ନାନାଦି ନିତ୍ୟକର୍ମ ସାରି ଘରକୁ ପରିଷ୍କାର ପରିଚ୍ଛନ୍ନ କରନ୍ତି । ତାପରେ ନୂଆଧାନ କୁଟି ସେଥିରେ କ୍ଷୀର, ଘିଅ, ମହୁ ଓ କଦଳୀ ଇତ୍ୟାଦି ମିଶାଇ ନୂଆ ଭୋଗ ତିଆରି କରାଯାଏ। ପୂର୍ବରୁ ନୂଆ ହାଣ୍ଡି, ମାଠିଆ, ସରା ଓ ପଲମ ଇତ୍ୟାଦି କିଣି ପବିତ୍ରତା ସହ ସଜାଇ ରଖାଯାଇଥାଏ । ଏଥିରେ ନବାନ୍ନ ପ୍ରସ୍ତୁତି ହୁଏ ଓ ପିଠାପଣା ଇତ୍ୟାଦି ପ୍ରସ୍ତୁତ ହୁଏ । ଏହାପରେ ଇଷ୍ଟ ଦେବାଦେବୀ ଓ ପିତୃପକ୍ଷଙ୍କୁ ସମର୍ପଣ କରାଯାଏ । ଏଥୁଅନ୍ତେ ପ୍ରସ୍ତୁତ ଭୋଗ ବା ନବାନ୍ନ ଇତ୍ୟାଦି ଘର ବା ଗ୍ରାମର ମୁଖିଆଙ୍କ ଦ୍ୱାରା ପରିବେଷଣ କରାଯାଏ। ବ୍ରାହ୍ମଣମାନଙ୍କୁ ଏହି ଦିନ ମଧ୍ୟ ଦାନ ଭୋଜନ କରାଯାଏ ଏବଂ ଆଶ୍ରିତ ବା ହଳିଆମାନଙ୍କୁ ଚାଉଳ ଓ ନୂଆବସ୍ତ୍ର ସାହୁକାର ମାନେ ଦିଅନ୍ତି। ଏହି ଦିନ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ପରିବାରଠାରୁ ଦୂରରେ ରହିଥିବା ଭାଇବନ୍ଧୁ ଓ ପରିଜନ ସମସ୍ତେ ଏହିଦିନ ଘରକୁ ଫେରନ୍ତି ଏବଂ ମିଳିତ ଭାବେ ନବାନ୍ନ ଭୋଜନ କରନ୍ତି । ସାନମାନେ ବଡ଼ଙ୍କୁ ପ୍ରଣାମ ଜଣାନ୍ତି ଓ ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ କରନ୍ତି। ଏହାକୁ କୁହାଯାଏ 'ନୂଆଁଖାଇ ଜୁହାର' । ସାଇପଡ଼ିଶା, ଭାଇବନ୍ଧୁ ଓ କୁଟୁମ୍ବ ଭିତରେ ଥିବା ରାଗ, ରୁଷା, ମାନ, ଅଭିମାନ ଓ ମନୋମାଳିନ୍ୟ ବାଦବିବାଦ ତୁଟାଇ ସମସ୍ତେ ଏକାଠି ହୁଅନ୍ତି । ଏହାକୁ କୁହାଯାଏ 'ନୂଆଖାଇ ଭେଟଭାଟ' । ଏହିଦିନ ସମସ୍ତେ ଆନନ୍ଦରେ ବିଭୋର ଥାଆନ୍ତି ।

ଆଧୁନିକ ସଭ୍ୟତାରେ ଅନେକ ପଶ୍ଚିମାଂଚଳ ଲୋକ ଯେଉଁମାନେ ଏହି ପର୍ବ ସହିତ ସଂପୃକ୍ତ ସେମାନେ ତାଙ୍କ ଅଂଚଳ ବାହାରେ ସହରୀ ସଭ୍ୟତାରେ ଚାକିରି ବା ବସବାସ କରୁଥିଲେ, ଏହି ନୂଆଖାଇ ଅବସରରେ ଦୈବାତ୍ ଯଦି ନିଜ ନିଜ ଘରକୁ ଫେରିପାରନ୍ତି ନାହିଁ ସେମାନେ ସେସବୁ ସ୍ଥାନ ମାନଙ୍କରେ ଏକତ୍ରିକ ହୋଇ ନୂଆଖାଇ ଭେଟ୍‌ଭାଟ୍ ପାଳନ କରନ୍ତି ।

ଏକାଠି ଖାଇସାରିଲା ପରେ ଗାଁରେ ଖେଳ କସରତ ଚାଲେ : କୋଉଠି ମେଣ୍ଢା ଲଢ଼େଇ ତ, ଆଉ କୋଉଠି ନାଚଗୀତ ବା ସେମିତି କିଛି । ପିଲାରୁ ବୁଢ଼ାଯାଏଁ ଏଥିରେ ବିଭୋର । ଦିନଟି ଖିଆପିଆ, ଦିଆନିଆ ଓ ଖେଳକୁଦରେ କିପରି କଟିଯାଏ ଜାଣିହୁଏନା । ନୂଆଖାଇ ଗୀତ ଶୁଣାଏ :

"ମନୁଷ ଜାଏତ କେ
ଏକ କରବାକେ
ଫିଁ ବଛର ଆଏବୁ ଧାଇଁ
ଜୀଁ ଜାଣିଥିଲେ
ଆଏଲା ବଛର
କେ ଭେଟ ହେବା
ତୁଇଁ ମୁଇଁ"

ଅର୍ଥାତ୍ ଜୀଇଁ ରହିଥିବାରୁ ନୂଆଖାଇରେ, ଜୀଇଁଥିଲେ ବା ବଂଚିଥିଲେ ଆସନ୍ତାବର୍ଷକୁ ପୁଣି ନୂଆଖାଇ ଶୁଭେଚ୍ଛା ଜଣାଇବୁ ଏହା ଭଗବାନ କରନ୍ତୁ । ଆଉ ବର୍ଷେ ଭଲରେ କଟିଯାଉ । ପୁଣି ଆସନ୍ତା ବର୍ଷ ନୂଆଖାଇରେ ଭେଟଭାଟ ହେବ ।

ନୂଆଖାଇ ପର୍ବ ଓଡ଼ିଶାର ଏକ ମହାନ୍ ସାମାଜିକ ଗଣପର୍ବ। ଏହା ଏ ସଂସ୍କୃତିର ଶାନ୍ତି, ମୈତ୍ରୀ, ପ୍ରଗତି ଓ ସଦ୍‌ଭାବନାର ପ୍ରତୀକ।

ବିପିନ ବିହାରୀ ପାଠାଗାର,
ବିକାଶନଗର, ଜଟଣୀ,
ଖୋର୍ଦ୍ଧା,
ମୋ:୯୯୩୮୩୪୧୩୮

# ବଲ୍ ପଛରେ କୁକୁର ଯାଏ କାହିଁକି ?



ପୋଷା କୁକୁର ସହିତ ବଲ ଖେଳିବା ବେଳେ ସେ ପ୍ରାୟତଃ ଖୁବ୍ ଉତ୍ସାହରେ ବଲ ପଛରେ ଧାଇଁଥାଏ ଏବଂ ଏହାକୁ ପାଟିରେ ଧରି ଆଣି ମାଲିକଙ୍କ ହାତକୁ ବଢ଼ାଇଦିଏ । ଯେତେଥର ବଲ ଫିଙ୍ଗିଲେ ବି ସେ ଚଟାପଟ ଦୌଡ଼ିଯାଇ ଏହାକୁ ଧରିଆଣେ । କୁକୁରର ଏପରି ବ୍ୟବହାର ପାଇଁ କାରଣ ଆବିଷ୍କାର କରାଯାଇ ପାରିନାହିଁ । ତେବେ କୁକୁର ବ୍ୟବହାର ସମ୍ପର୍କରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ଜଣାଇଛନ୍ତି ଯେ ଏହା ପଛରେ ତା'ର ଶିକାର କରିବା ପ୍ରବୃତ୍ତି ପ୍ରମୁଖ କାରଣ ହୋଇପାରେ । କୁକୁର ପ୍ରଜାତିର ବିକାଶ ସମୟରେ ଏମାନେ ନିଜ ଶିକାରକୁ ଧରି ରହିବା ଜାଗାକୁ ନେଇ ଆସୁଥିଲେ । ତେଣୁ ବଲ ପଛରେ ଧାଇଁବା ପ୍ରବୃତ୍ତି ଏବକାର କୁକୁର ନିଜ ପୂର୍ବଜଙ୍କଠାରୁ ଆଣିଥାଇପାରନ୍ତି । ସେ ଶିକାର ଧରିଆଣିବା ପରି ବଲକୁ ଆଣି ମାଲିକଙ୍କୁ ଦେଇଥାଏ । ତେବେ ନରଓ୍ୱେର ଗବେଷକମାନେ ଜଣାଇଛନ୍ତି ଯେ ଏହି ସ୍ୱଭାବ ପାଇଁ ଆଡ୍ରେନାଲିନ ହରମୋନ ଦାୟୀ ହୋଇଥାଏ । ଏହି ଖେଳରେ କୁକୁର ଶିକାର କରିବା ପରି ଉତ୍ସାହିତ ହୋଇଥାଏ । ଉତ୍ସାହ କାରଣରୁ ସେମାନଙ୍କ ଶରୀରରେ ହରମୋନ ଅଧିକ କ୍ଷରଣ ହୁଏ ଏବଂ ଏହା ପ୍ରଭାବରେ କୁକୁର ବାରମ୍ବାର ସେହି କାର୍ଯ୍ୟ କରେ ।

# ବୟସ୍କଙ୍କ ପାଇଁ କାମ



ବୟସ୍କ ଲୋକଙ୍କ ସମୟ ସହଜରେ ଅତିବାହିତ ହେଉନାହିଁ । ନିଜ ମନୋରଞ୍ଜନ କରିବା ପାଇଁ ବରଂ ଭିନ୍ନ ଉପାୟ ଭାବିବା ଦରକାର । କେବଳ ବସି ରହିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିବା ସହ ରୋଗ ମଧ ଅଧିକ ଦୁର୍ବଳ କରିଦିଏ । ବ୍ରିଟେନ ଗବେଷକଗଣ ନିକଟରେ ବୟସ୍କମାନଙ୍କୁ ଏକ ଉପଦେଶ ଦେଇଛନ୍ତି । ତଦନୁଯାୟୀ ପଦକ୍ଷେପ ନେଲେ ସେମାନଙ୍କ ଜୀବନର ଗତି ପଥ ବଦଳିବ ବୋଲି ଗବେଷକଙ୍କ ଦାବି । ବ୍ରିଟେନର ବିଭିନ୍ନ ଅଞ୍ଚଳରୁ ୨ହଜାର ଲୋକଙ୍କୁ ନେଇ ଏକ ପରୀକ୍ଷା କରାଗଲା। ୧ହଜାର ବ୍ୟକ୍ତିଙ୍କୁ ନିୟମିତ ଭାବରେ ଚିତ୍ର ଆଙ୍କିବା ନିମନ୍ତେ ପରାମର୍ଶ ଦିଆଗଲା ଲକ୍ଷ୍ୟ କରାଗଲା, ଯେଉଁ ବ୍ୟକ୍ତିମାନେ ନିୟମିତ ଚିତ୍ର ଆଙ୍କିଲେ ସେମାନଙ୍କ ବ୍ୟବହାର, ଚିନ୍ତା କ୍ରମଶଃ ବଦଳିବାକୁ ଆରମ୍ଭ ହେଲା । ଅନ୍ୟ ବୟସ୍କଙ୍କୁ ମଧ ଚିତ୍ର ଆଙ୍କୁଥିବା ବୟସ୍କମାନେ ଉତ୍ସାହିତ କରିବାକୁ ଲାଗିଲେ । ତେବେ ଅନ୍ୟ ଯେଉଁମାନେ ବୀତସ୍ପୃହ ହୋଇ ଚୁପଚାପ୍ ଜୀବନ ବିତାଉଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ଅକାଳରେ ପ୍ରାଣ ହରାଇଲେ ଓ କିଛି ବ୍ୟକ୍ତି ବିଭିନ୍ନ ମାନସିକ ରୋଗୀ ହେଲେ । ଗବେଷକଙ୍କ ମତରେ, ରଙ୍ଗର ପ୍ରଭାବରୁ ହିଁ ବୟସ୍କ ଲୋକଙ୍କ ମାନସିକ ଅବସ୍ଥାର ଉତ୍ତମ ପରିବର୍ତ୍ତନ ହୋଇଛି । ସେଥିପାଇଁ ଗବେଷକଙ୍କ କହିବାନୁସାରେ, ବୟସ୍କମାନେ ଚିତ୍ର ଆଙ୍କନ୍ତୁ ।

# ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ । ସପ୍ତାହର ଅଧିକାଂଶ ଦିନ ୬୦ ମିନିଟରୁ ଅଧିକ ସମୟ ଶୋଉଥିବା ଲୋକେ ମଧୁମେହ ଆକ୍ରାନ୍ତ ହେଉଥିବାର ଗବେଷକମାନେ ପ୍ରକାଶ କରିଛନ୍ତି। କୌଣସି ଦିନ ଅଧିକ ପରିଶ୍ରମ ପଡ଼ିଲେ, ତେବେ ଅତିବେଶୀରେ ୩୦ରୁ ୪୦ ମିନଟ୍ ଶୋଇବା ଏତେଟା କ୍ଷତିକାରକ ନୁହେଁ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକେ ନିୟମିତ ଦ୍ୱିପହରରେ ଶୋଉଥିଲେ ସେମାନଙ୍କୁ ମଧୁମେହ ଆକ୍ରାନ୍ତ ହେବାର ଆଶଙ୍କା ସବୁଠୁ ଅଧିକ ।

# ଗୃହିଣୀଙ୍କ ନିମନ୍ତେ ଟିପ୍ସ

ସକାଳ ପହରରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୃହିଣୀଙ୍କୁ ଘରର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ । ଏସବୁ ଭିତରେ ସେମାନେ ନିଜ ପ୍ରତି ଧ୍ୟାନ ଦେବାକୁ ସମୟ ପାଆନ୍ତିନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ଗୃହିଣୀଙ୍କ ମୁଖ୍ୟ ସମସ୍ୟା ହେଲା ଓଜନ ବଢ଼ିବା ସମସ୍ୟା । ଏଥିରୁ ମୁକୁଳିବାର ସହଜ ଘରୋଇ ଉପଚାର ମାନ ହେଲା-

- ଦିନର ଆରମ୍ଭ ଫଳ ଖାଇ କରନ୍ତୁ । କଦଳୀ, ସେଓ ଅବା ଡାଳିମ୍ବ ଏସବୁ ଫଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶୀଘ୍ର ଥକ୍କା ଲାଗିନଥାଏ ।
- ନିଜ ପାଇଁ ଯେପରି ହେଲେ ପ୍ରତିଦିନ ୩୦ମିନିଟ୍‌ରୁ ୧ଘଣ୍ଟା ସମୟ ବାହାର କରନ୍ତୁ । ଏଇ ସମୟରେ ଧ୍ୟାନ, ଯୋଗ କିମ୍ବା ପ୍ରାଣାୟମ ନଚେତ ପାଖରେ ଥିବା ପାର୍କରେ ଚଲାବୁଲା କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କୁ ଫୂର୍ତ୍ତି ଲାଗିବ ।



- ତେଲ- ଛଣାଛଣି ଖାଇବାର ଅଭ୍ୟାସଠାରୁ ଦୂରେଇବା ସହ ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।
- ମାସକୁ ଥରୁଟିଏ ଅନ୍ତତଃ ପାର୍ଲର ଯାଇ ଫେସିଆଲ କରାନ୍ତୁ ।
- ଖାଦ୍ୟ ପାନୀୟରେ ନିଜେ ସତର୍କ ହେବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ ସତର୍କ କରାଇବା ହି ଆପଣଙ୍କର ମୁଖ୍ୟ କର୍ତ୍ତବ୍ୟ । ଓଜନ କମ କରିବାକୁ ଚାହୁଁଥିଲେ ପ୍ରଥମେ ଚିନି ଖାଇବା ବନ୍ଦ କରନ୍ତୁ । ଏହା ପରିବର୍ତ୍ତେ ଗୁଡ଼, ମହୁ ଇତ୍ୟାଦିର ଉପଯୋଗ କରିପାରିବେ ।
- ଦ୍ୱିପହର ଭୋଜନ ଅବା ରାତ୍ରି ଭୋଜନରେ ସାଲାଡ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏପରି କଲେ ଆପଣଙ୍କ ଓଜନ ମଧ ନିୟନ୍ତ୍ରିତ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପୁଣିଥରେ ନୂଆ ରୂପରେ ନିପା ନିନାଦ...

ପ୍ରାୟ ତିନିବର୍ଷ ପରେ ଦେଶର ଦକ୍ଷିଣ ଭାଗର ରାଜ୍ୟ କେରଳରେ ପ୍ରାଣଘାତୀ ନିପା ଭୂତାଣୁ ପୁଣିଥରେ ତା' ଆଗମନର ଘଣ୍ଟି ବଜାଇଛି ଜଣେ ୧୨ ବର୍ଷ ବାଳକର ପ୍ରାଣ ନେଇ ଏବଂ ଦୁଇଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ସଂକ୍ରମିତ କରି । ୨୦୧୮ରେ କୋଝିକୋଡ୍ ଏବଂ ମାଲାପୁରମ୍ ଜିଲ୍ଲାରେ ତାଣ୍ଡବ ରଚିଥିବା ଏଇ ଭୂତାଣୁ ବର୍ତ୍ତମାନ ଦୈନିକ ହାରାହାରି ତିରିଶ ହଜାରରୁ ଅଧିକ କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଏହି ରାଜ୍ୟରେ ଆତଙ୍କ ସୃଷ୍ଟି କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ସମ୍ବାଦ ପାଇବା ପରେ ତୁରନ୍ତ ଉଭୟ ସରକାର ଚାଥମଙ୍ଗଲମ୍ ପଞ୍ଚାୟତର ଅବସ୍ଥା ସମ୍ପର୍କରେ ଅବଗତ ହେବା ନିମନ୍ତେ କୋଝିକୋଡ୍‌କୁ ବିଶେଷଜ୍ଞ ଦଳଙ୍କୁ ପଠାଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ ସାର୍ସ-ସିଓଭି-୨ ଭୂତାଣୁ ଭଳି ନିପା ମଧ୍ୟ ଏକ ଜୁନୋଟିକ୍ ଭୂତାଣୁ ଅର୍ଥାତ୍ ଏହା ପଶୁ ପକ୍ଷୀମାନଙ୍କ ଶରୀରରୁ ମଣିଷ ଶରୀରକୁ ଆସିଥାଏ ଏବଂ ସଂକ୍ରମିତ ଖାଦ୍ୟପଦାର୍ଥ ବା ସିଧାସଳଖ ସମ୍ପର୍କ ସ୍ଥାପନ ଜରିଆରେ ମଣିଷଠାରୁ ମଣିଷକୁ ପରିବାହିତ ହୋଇଥାଏ । ୨୦୦୧ରୁ ପଶ୍ଚିମବଙ୍ଗ ଏବଂ କେରଳରେ ନିର୍ଦ୍ଦିଷ୍ଟ ଭାବରେ ନିପା ଭୂତାଣୁ ସଂକ୍ରମଣ ସମ୍ପର୍କିତ ଖବରମାନ ଆସୁଥିବା ବେଳେ ୨୦୧୮ରେ କୋଝିକୋଡ୍‌ରେ ଏହି ଭୂତାଣୁ ଦ୍ୱାରା ୧୮ ଜଣ ନିର୍ଦ୍ଦିଷ୍ଟ ସଂକ୍ରମିତଙ୍କ ମଧ୍ୟରୁ ୧୭ ଜଣ ମୃତ୍ୟୁବରଣ କରିବା ସେତେବେଳେ ସମ୍ବାଦପତ୍ରଗୁଡ଼ିକର ଶିରୋନାମା ପାଲଟି ଥିଲା । ଏଥିରୁ ଜଣାପଡ଼େ ଯେ ଏହି ଭୂତାଣୁ କେତେ ମାରାତ୍ମକ । ଡବ୍ଲ୍ୟୁଏଚ୍‌ଓର ଆକଳନ ଅନୁସାରେ ଏହି ଭୂତାଣୁ ସଂକ୍ରମଣ ୪୦ରୁ ୭୫ ପ୍ରତିଶତ ପ୍ରାଣନାଶକ ହୋଇଥାଏ । ଭାରତକୁ ବିଦେଶୀ ଭୂତାଣୁଗୁଡ଼ିକର ଆଗମନ କିଛି ନୂଆ କଥା ନୁହେଁ । ପୃଥିବୀରେ ପ୍ରଥମ ଥର ପାଇଁ ନିପା ଭୂତାଣୁ ସଂକ୍ରମଣ ୧୯୯୯ରେ ମାଲେସିଆରେ ଘୁଷୁରି ଚାଷୀମାନଙ୍କଠାରେ ବ୍ୟାପିଥିଲା । ତେଣୁ ନିପା ମଧ୍ୟ ଏକ ବିଦେଶୀ ରୋଗ । ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭେଇଲାନ୍ସ ପ୍ରୋଗ୍ରାମ୍ ଦ୍ୱାରା ସଂକଳନ ଏକ ସାପ୍ତାହିକ ରିପୋର୍ଟ ଅନେକ ପ୍ରକାରର ଭୂତାଣୁ ବା କୀଟାଣୁ ସଂକ୍ରମଣ ସମ୍ପର୍କରେ ଉଲ୍ଲେଖ କରିଛି । ତେବେ ଯେ ପର୍ଯ୍ୟନ୍ତ ସେଗୁଡ଼ିକ ଏନ୍୧ଏଚ୍୧, ଚିକନ୍‌ଗୁନିଆ ବା ମ୍ୟାଲେରିଆ ଭଳି ପ୍ରସାରିତ ନ ହୋଇଛି, ସେ ପର୍ଯ୍ୟନ୍ତ ସେମାନେ ଏତେ ଧ୍ୟାନ ଆକର୍ଷଣ କରି ନଥାନ୍ତି । କୋଭିଡ-୧୯ ଭୂତାଣୁ ଭଳି ନିପା ଭୂତାଣୁର ମଧ୍ୟ ଦ୍ରୁତ ସଂକ୍ରମଣ ଘଟି ମହାମାରୀରେ ପରିଣତ ହେବାର ସମ୍ଭାବନା ରହିଥିବା ସମ୍ପର୍କରେ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ନିପା ଭୂତାଣୁ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ପଶୁ ବା ସଂକ୍ରମିତ ପଦାର୍ଥଗୁଡ଼ିକ ଦ୍ୱାରା ଏହି ଭୂତାଣୁରେ ଯେତିକି ସଂକ୍ରମିତ ହୋଇଛନ୍ତି, ତା' ତୁଳନାରେ ମଣିଷଙ୍କଠାରୁ ମଣିଷଙ୍କର ସଂକ୍ରମିତ ହେବାର ସଂଖ୍ୟା କମ୍ ରହିଛି । କିନ୍ତୁ ୨୦୧୯ର ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟ ଉଲ୍ଲେଖ କରିଥିଲା ଯେ ଏହି ଭୂତାଣୁ ନିକଟରେ ମ୍ୟୁଟେସନ୍ ବା ବିଭାଜିତ ହୋଇ ମଣିଷଙ୍କଠାରୁ ମଣିଷଙ୍କୁ ବ୍ୟାପି ମହାମାରୀର ରୂପ ନେବାର ଯଥେଷ୍ଟ ସମ୍ଭାବନା ରହିଛି ଏବଂ ସେପରି ହେଲେ ଏହା ଘୋର ଚିନ୍ତାଜନକ ପ୍ରସଙ୍ଗ ପାଲଟିବ । ଭାରତ କ୍ଷେତ୍ରରେ ଉପରୋକ୍ତ ଅଧ୍ୟୟନର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ୨୦୨୦ ମସିହାକୁ ଛାଡ଼ିଦେଲେ ଭାରତରେ ନିପା ଭୂତାଣୁ ଦେଖା ଦେବା ପରଠାରୁ କେରଳରେ ଏହି ଭୂତାଣୁର ସଂକ୍ରମଣ ନିୟମିତ ଭାବରେ ଘଟି ଚାଲିଛି । ୨୦୧୮ରେ ଏଥିରେ ୧୭ଜଣ ମୃତ୍ୟୁବରଣ କରିବା ପରେ ସମ୍ପୃକ୍ତ ରାଜ୍ୟ ସରକାର ବ୍ୟାପକ ଭାବରେ ଏହାର କଣ୍ଟାକ୍ଟ ଟ୍ରେସିଂ ବା ସମ୍ପର୍କ ଚିହ୍ନଟ ଏବଂ ପରୀକ୍ଷା ବ୍ୟବସ୍ଥା କରିଛନ୍ତି । ଏହାର ପର ବର୍ଷ ଜଣେ ଛାତ୍ର ଯେତେବେଳେ ଏହି ଭୂତାଣୁରେ ସଂକ୍ରମିତ ହୋଇଥିବା ଜଣା ପଡ଼ିଥିଲା, ସେତେବେଳେ ସେହି ଛାତ୍ର ସଂସ୍ପର୍ଶରେ ଆସିଥିବା ୩୨୯ଜଣ ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ପରୀକ୍ଷା କରାଯାଇଥିଲା ଏବଂ ଅଧିକ ସଂକ୍ରମଣ ଘଟିବାକୁ ପ୍ରତିରୋଧ କରାଯାଇ ପାରିଥିଲା । ସେହି ବର୍ଷ କୌଣସି ପ୍ରାଣହାନି ଘଟି ନଥିଲା । ଚଳିତ ବର୍ଷ ଏହି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୫୦ରୁ ଅଧିକ ଲୋକଙ୍କୁ ଚିହ୍ନଟ କରାଯାଇଛି ଏବଂ ପରୀକ୍ଷା ପରେ ୧୧ ଜଣଙ୍କଠାରେ ସଂକ୍ରମଣର ଲକ୍ଷଣ ପ୍ରକାଶ ପାଉଥିବା ଜଣାପଡ଼ିଛି । ସମ୍ପ୍ରତି କୋଭିଡ-୧୯ ସଂକ୍ରମଣରେ ଘାରି ହେଉଥିବା କେରଳ ପାଇଁ ନିପା ଅନ୍ୟତମ ମୁଣ୍ଡବିନ୍ଧାର କାରଣ ପାଲଟିଛି । କୋଭିଡ୍ ସମୟରେ ନିପା ଭୂତାଣୁର ସଂକ୍ରମଣ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଚେତାଇ ଦେଉଛି ଯେ ସାରା ଦେଶରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଉନ୍ନତି ଘଟାଯିବା ଜରୁରୀ ।

## ନୂଆଖାଁଇ ଜୁହାର



ଅକ୍ଷୟ କୁମାର ରାଉତ

ସଂସ୍କୃତି ଭାରତୀୟ ଜନଜୀବନକୁ ଶୃଙ୍ଖଳିତ କରିଥାଏ । ପ୍ରେମ, କରୁଣା, ସ୍ନେହ, ବାତ୍ସଲ୍ୟ, ଦୟା, ତ୍ୟାଗ , ଶ୍ରଦ୍ଧା, ଈର୍ଷା, ଦ୍ୱେଷ, ଘୃଣା ଓ ନିଷ୍ଠୁରତା ପ୍ରଭୃତି ଭାବ ସମୂହ ବ୍ୟକ୍ତି ସହିତ ସଂସ୍କୃତିର ସମ୍ବନ୍ଧ ଥାଏ । ସଂସ୍କୃତି ଯୋଗୁ ସଭ୍ୟତା କିନ୍ତୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ରହିଛି । ସଂସ୍କୃତି କଳା, ଆଦର୍ଶ , ବିଚାର, ଭାବ, ଭକ୍ତି ଓ ବିଶ୍ୱାସର ସଂସାର ମଟଂ । ତେଣୁ ଆମ ସଂସ୍କୃତି ସାମାଜିକ ଜୀବନର ପରିଚୟ । ଅସ୍ତବ୍ୟସ୍ତ କର୍ମମୟ ଜୀବନରେ ପର୍ବପର୍ବାଣି ଗୁଡ଼ିକ ପାଳନ କରିବାରେ ବୈଶିଷ୍ଟ ରହିଛି । ବହୁ ଧର୍ମ, ବହୁଜାତିଙ୍କୁ ନେଇ ସାମାଜିକ ଓ ସଂସାରିକ କ୍ଷେତ୍ରରେ ପର୍ବ ପର୍ବାଣିର ସ୍ୱତନ୍ତ୍ରତା ରହିଛି । ବିଭିନ୍ନତା ମଧ୍ୟରେ ଏକତ୍ୱର ପ୍ରତିଷ୍ଠାର ପର୍ବ ହେଉଛି ନୂଆଖାଇ। ସିଂହମାସ ଭାଦ୍ରବ ଶୁକ୍ଳପକ୍ଷ, ଗଣେଶ ଚତୁର୍ଥୀ ପରଦିନ ବା ପଚଂମୀ ତିଥିରେ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହେଉଛି । ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ସାମାଜିକ ଜୀବନକୁ



ବଳିଷ୍ଠ, ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ପର୍ବ ପାରସ୍ପରିକ ମନୋମାଳିନ୍ୟ, ଈର୍ଷା, ହିଂସା, ଶତୃତା ଓ ଅସହଯୋଗ ଦୂର କରିଥାଏ । ଗାଁ ମାଟିର ମମତା, ବନ୍ଧୁ , ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ ପରସ୍ପର ପ୍ରତି ଆପଣାର ଭାବ ବିନିମୟ ପ୍ରଭୃତି ଗୁଣକୁ ଏହି ପର୍ବ ପ୍ରେରଣା ଦିଏ । ଓଡ଼ିଶାର ପଶ୍ଚିମାଚଂଳ ଅର୍ଥାତ ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, ବଲାଙ୍ଗିରୀ, ନୂଆପଡ଼ା, କଳାହାଣ୍ଡି, ଦେବଗଡ଼ ଓ ଝାରସୁଗଡ଼ା ପ୍ରଭୃତି ଜିଲ୍ଲାରେ ଏକ ପ୍ରଧାନ ଗଣପର୍ବ ରୂପେ ନୂଆଖାଇ ଭେଟ୍‌ଘାଟ୍ (ବା) ନବାନ୍ନ ଭକ୍ଷଣ ଉତ୍ସବ ବହୁବର୍ଷ ଧରି ପାଳିତ ହୋଇ ଆସୁଅଛି । ଓଡ଼ିଶା ବାହାରେ ମଧ୍ୟପ୍ରଦେଶ, ଛତିଶଗଡ଼ରେ ବାସ କରୁଥିବା ଓଡ଼ିଆ ମାନେ ଏହି ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । କନ୍ଧ, କୋହ୍ଲ, ଓରାମ୍ କିଶାନ, ଭୂୟା, ବିଳ ପ୍ରଭୃତି ଆଦାବାସି ମାନେ ସେମାନଙ୍କର ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ନୂଆଖାଇ ପର୍ବପାଳନ କରନ୍ତି । ଏହି ପର୍ବ ପରଠାରୁ ଆଦିବାସୀ ମାନଙ୍କର କରମା ପୂଜା ଆରମ୍ଭ ହୁଏ । ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭ କରିବାର ଅନୁମାନ କରାଏ । ସେହିପରୀ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ ।

ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ ହୋଉଛି କୁହାଯାଇଛି, କର୍ମ ରୁ ଯଜ୍ଞ, ଯଜ୍ଞରୁ ବୃଷ୍ଟି, ବୃଷ୍ଟିରୁ ଶସ୍ୟ ବା ଧାନ, ଧାନରୁ ଅନ୍ନର ସୃଷ୍ଟି ଓ ଅନ୍ନ ରୁ ଜୀବ ସୃଷ୍ଟି । ତେଣୁ କୁହାଯାଇଛି 'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି' । ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ । ଗୃହକର୍ତ୍ତା ଅନ୍ନ ଖିରୀ, ଖେଚୁଡ଼ି ଆରାଧ୍ୟ ଦେବୀଙ୍କୁ ଅର୍ପଣ କରି ଥାଆନ୍ତି । ଯେଉଁମାନଙ୍କର ଚାଷ ଜମି ନାହିଁ, ସେମାନଙ୍କ ଘରେ ଗ୍ରାମରକ୍ଷୀ ବା ଢ଼ାଙ୍କର ନୂଆଖାଇ ପୂର୍ବରୁ ଧାନକେଣ୍ଡା ଦେଇ ଥାଆନ୍ତି । ସେହି ଧାନରୁ ଚାଉଳ ସଂଗ୍ରହ କରି ଦେବୀଙ୍କ ପାଇଁ ଭୋଗ ପ୍ରସ୍ତୁତ କରି ଥାଆନ୍ତି । ପଶ୍ଚିମ ଓଡ଼ିଶାରେ ବ୍ରାହ୍ମଣ ମାନେ ନିଜ ଗୃହରେ ଲକ୍ଷ୍ମିପୂଜା କରି ଦେବୀଙ୍କ ପାଖରେ ନବାନ୍ନ ଭୋଗ କରିଥାଆନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀଙ୍କଠାରେ ଲାଗି ହୋଇଥିବା ପ୍ରସାଦ ସେବନ କରିବା ପରେ ପରିବାରର ଅନ୍ୟମାନଙ୍କୁ ନବାନ୍ନ ଭୋଗ ଦିଆ ଯାଇଥାଏ । ଓଡ଼ିଶାରେ ଅଧିକାଂଶ ଅଚଂଳରେ ନୂଆଖାଇ ବା ନବାନ୍ନ ଭକ୍ଷଣ ଉତ୍ସବ ଜାକ ଜକମରେ ପାଳନ କରି ଥାଆନ୍ତି ।

ଗ୍ରାମ ଓ ମଣ୍ଡଳର ଦେବା ଦେବୀଙ୍କୁ ସମର୍ପଣ ପରେ ସମସ୍ତେ ମିଳିମିଶି ପ୍ରସାଦ ସେବନ କରନ୍ତି । ତାପରେ ଆରମ୍ଭ ହୁଏ ନୂଆଖାଇ ଜୁହାର । କନିଷ୍ଠ ମାନେ ବୟୋଜେଷ୍ଠଙ୍କୁ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରି ଥାଆନ୍ତି । ନୂଆଖାଇ ସରିବା ପରେ ସମସ୍ତେ ବିଲକୁ ଯାଇ ଚିହ୍ନା (ଭରଦ୍ୱାଜ) ବା ଭଦଭଦଳିଆ ପକ୍ଷୀକୁ ଦର୍ଶନ କରି ଥାଆନ୍ତି । ଭଦଭଦଳିଆ ପକ୍ଷୀକୁ ଦେଖି ନିଜ ନିଜର ଧାନ କିଆରି ଦେଖି ଘରକୁ ଫେରି ଥାଆନ୍ତି । ଉପକୂଳ ଅଚଂଳରେ ରଜପର୍ବ ପରି ପଶ୍ଚିମ ଅଚଂଳରେ ନୂଆଖାଇ ପାଳନ କରାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଲା, ସଙ୍ଗିତ, ନୃତ୍ୟ, ଭଜନ ସଂକୀର୍ତ୍ତନ ଆଦି ପରିବେଷଣ ସହିତ ଖେଳ ଓ କୁସ୍ତି ପଦର୍ଶନ କରି ଥାଆନ୍ତି ।

ନୂଆ ଖାଇ କୃଷିଭିତିକ ପର୍ବ, ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ପରମ୍ପରା, ସଂସ୍କୃତି ର ବାର୍ତ୍ତା ଓ ଧାର୍ମିକ ବିଶ୍ୱାସର ପ୍ରତିକ ନୂଆଖାଇ ହର୍ଷ, ଉଲ୍ଲାସ, ଉନ୍ମାଦନା ନେଇ ଜନପ୍ରିୟ ହୋଇଛି । ସେଥିପାଇଁ କବି ସତ୍ୟ ନାରାୟଣ ବହିଦାରଙ୍କ ଭାଷାରେ-

ଆମିଲ୍ ମହୁର୍ ନୂଆଁ ଧାନ୍  
ଖିରି ପିଠା ମଡ଼ା ଲକ୍ଷ୍ମି  
ଠାନେ ଲାଗ୍‌ବା ପୂଜା  
ପିଟ୍‌ମା ତିନେ ଢ଼ୁଡ଼ା  
ଗାଁ ମୁଡ଼ସା ସମଲେଇ ନ  
ସଁହରା ପିଲା ଗୁମ୍‌ଲେଇ  
ନ ଲଗାଲାନ ନୂଆଁ  
ଫୁଲ୍ ଚଂଦନ ଦିଅବୋ  
ପିଲେ ନଁଗଲ୍ ପଟା ଦୁଆଁ  
ଆସବୋ ପିଲେ ଖାଏମା ଆଜି ନୂଆଁ  
ବଛର୍‌କେ ଥରେ ଆଏସି ପରେ  
ଯିଏ ଯେନ ଥଅ  
ଘରେ ପରେ ଆସ ଆସ  
ଭାଇ ଆଜିର ନୂଆଖାଇ ।


+ ପାରାଦ୍ୱୀପଗଡ଼, କୁଜଙ୍ଗ  
ଜଗତସିଂହପୁର  
ମୋ-୯୯୩୭୬୯୧୪୭୫.


## ଏକତା ଓ ସାମ୍ୟବାଦର ପର୍ବ ନୂଆଁଖାଇ



ମୀରା ବେଉରା

ଭାରତ ବର୍ଷ ତଥା ଓଡ଼ିଶାର ସଂସ୍କୃତି ଅତି ପ୍ରାଚୀନ। ଓଡ଼ିଶା ତାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଲୋକନୃତ୍ୟ, ସଙ୍ଗୀତ, ଧର୍ମକୁ ନେଇ ସମଗ୍ର ବିଶ୍ୱରେ ଗର୍ବିତ ଏବଂ ଅଭିନନ୍ଦନୀୟ। ଆମେ ମଧ୍ୟ ଆମ ସଂସ୍କୃତି, ପରମ୍ପରା ଏବଂ ଉତ୍ସବ ପର୍ବକୁ ନେଇ ବେଶ୍ ଗର୍ବ କରିଥାଉ। ଆମ ଦେଶ ତଥା ରାଜ୍ୟରେ ପ୍ରାୟତଃ ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ପ୍ରାୟତଃ ଦେଖାଯାଏ ସବୁ କୃଷିଭିତ୍ତିକ ପର୍ବ ଆମେ ପାଳନ କରିଥାଉ ଯାହା ଆମ ସଂସ୍କୃତିର ପ୍ରତୀକ ହୋଇ ଆମ ପୁରପଲ୍ଲୀକୁ ଉତ୍ସବ ମୁଖର କରିଥାଏ। ଆଜିର କର୍ମକ୍ଳାନ୍ତ ମଣିଷ ଯେତେବେଳେ କର୍ମକରି କ୍ଲାନ୍ତ ଅନୁଭବ କରେ ସେ ଟିକିଏ ବିଶ୍ରାମ ନେବା ପାଇଁ ଚାହିଁଥାଏ। ଏହି ପର୍ବପର୍ବାଣୀଗୁଡ଼ିକ ଆମ କ୍ଳାନ୍ତ ସାମାଜିକ ଜୀବନକୁ ହସଖୁସିରେ ଭରିଦିଏ। ଆମକୁ ଆନନ୍ଦ, ଐଶ୍ୱର୍ଯ୍ୟ, ଶାନ୍ତି ପ୍ରଦାନ କରିଥାଏ ଏହି ପର୍ବପର୍ବାଣୀ ଗୁଡ଼ିକ। ନୂଆଖାଇ ଏଭଳି ଏକ କୃଷିଭିତ୍ତିକ ପର୍ବ ଯାହାର ଅନ୍ୟନାମ ହେଉଛି 'ନବାନ୍ନ ଭକ୍ଷଣ'। ଓଡ଼ିଶାର କେବଳ ପଶ୍ଚିମ ଓଡ଼ିଶାର ନୁହେଁ ଭାରତବର୍ଷର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଅଧିକାଂଶ ଲୋକେ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳିଥାନ୍ତି। ନୂଆଖାଇ ଯେ କେବଳ ପାରମ୍ପରିକ ପର୍ବ ନୁହେଁ ବରଂ ଏହି ପର୍ବ ଭାତୃଭାବ ଓ ଏକତାର ପର୍ବ, ସୌହାର୍ଦ୍ଦ୍ୟ, ମହାମିଳନର ପର୍ବ। କାରଣ ଯିଏ ଯେଉଁଠି ଥାଉ ଏହି ପର୍ବରେ ଏକାଠି ହୁଅନ୍ତି। ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ, ଧନୀଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ଏହି ପର୍ବକୁ ଏକାଠି ହୋଇ ପାଳନ କରିଥାନ୍ତି। ପ୍ରତ୍ୟେକ ବର୍ଷ ଭାଦ୍ରବମାସ ଶୁକ୍ଳପକ୍ଷର ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ। ଜନ୍ମାଷ୍ଟମୀ ତିଥିରେ ସମ୍ବଲପୁରସ୍ଥିତ ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତମାନେ ଏକତ୍ରିତ ହୋଇ, ମା' ସମଲେଶ୍ୱରୀଙ୍କ ରାଶି, ନକ୍ଷତ୍ର, ଅନୁସାରେ ନୂଆଖାଇ ପର୍ବପାଳନର ଦିନ ସ୍ଥିର କରିଥାନ୍ତି। ଏହି ଭାଦ୍ରବ ମାସ ଶୁକ୍ଳ ପକ୍ଷରେ ତିଥି ଅନୁସାରେ ମା' ସମଲେଇଙ୍କ ପାଖରେ ନବାନ୍ନ ଭୋଗ ସମର୍ପଣ କରାଯାଏ। ସମ୍ବଲପୁର ବ୍ୟତୀତ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କ ପାଖରେ ମଧ୍ୟ ନବାନ୍ନ ଭୋଗ ଲାଗି ହୁଏ। ପ୍ରାୟତଃ ଗଣେଶ ପୂଜାର ପରବର୍ତ୍ତୀ ଦିନ ଭାଦ୍ରବ ଶୁକ୍ଳପଞ୍ଚମୀ ତିଥିରେ ଏହି ନୂଆଖାଇ ପର୍ବ ପାଳନ କରାଯାଏ। କୃଷି କାର୍ଯ୍ୟରେ ଭଗବାନଙ୍କ ଆଶୀର୍ବାଦରୁ ଯେଉଁ ଶସ୍ୟ ଅମଳ ହୋଇଥାଏ ତାହାକୁ ସର୍ବପ୍ରଥମେ ଅଧିଷ୍ଠାତ୍ରୀ ଦେବୀଙ୍କ ପାଖରେ ନବାନ୍ନ ହୋଇ ସମର୍ପଣ କରାଯାଇଥାଏ। ଏହି ପର୍ବ ଆମର ଈଶ୍ୱର ବିଶ୍ୱାସର ଏକ ପ୍ରତିଫଳନ। ଯାହାକୁ ଆନନ୍ଦ ଉଲ୍ଲାସର ସହ ଉତ୍ସବମୁଖର ହୋଇ ପଶ୍ଚିମ ଓଡ଼ିଶାର ଲୋକମାନେ ସାଧାରଣତଃ ପାଳନ କରିଥାନ୍ତି। ଏହି ପର୍ବ ସମସ୍ତ ଆତ୍ମୀୟସ୍ୱଜନ ମାନଙ୍କୁ ଏକାଠି କରି ସଂଘତିର ପରିଚୟ ଦିଏ। ସମସ୍ତେ ମାନ, ଅଭିମାନ ଛାଡ଼ି ଏହି ପର୍ବକୁ ଏକାଠି ହୋଇ ପାଳନ କରିଥାନ୍ତି। ଦେଶ, ବିଦେଶରେ ଯିଏ ଯେଉଁଠି ଥାଉନା କାହିଁକି ସମସ୍ତେ ଏକାଠି ହୁଅନ୍ତି। ଆଜି କରୋନା କାଳରେ ମଧ୍ୟ ଆମେ ସମସ୍ତେ ଏକାଠି ହୋଇ ଏହି ପର୍ବକୁ ପାଳନ କରି ଖୁସି ଅନୁଭବ କରିପାରିବା। ଏକାଠି ଖାଇବାର ପରମ୍ପରା ଆମ ସଂସ୍କୃତିର ଅତିପ୍ରାଚୀନ। ବନ୍ଧୁବାନ୍ଧବ, ପଡ଼ୋଶୀ, ପରିବାରବର୍ଗ ସମସ୍ତ କୁଟୁମ୍ବ ଏକାଠି ହୋଇ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳିଥାନ୍ତି। ଏହା ଏକ ଗଣପର୍ବ ଅଟେ। ନୂଆ ଅମଳ ହୋଇଥିବା ଶସ୍ୟର ଚାଉଳରେ ଚୁଡ଼ାଘସା, ପିଠା, କ୍ଷୀରି, ଖେଚୁଡ଼ି, ମିଠା ଏବଂ ବିଭିନ୍ନ ପ୍ରକାର ତରକାରୀ ଆଦି ସୁସ୍ୱାଦୁ ଭୋଜନ ପ୍ରସ୍ତୁତ ହୋଇ ପ୍ରଥମେ ମା' ଅଧିଷ୍ଠାତ୍ରୀ ଦେବୀଙ୍କୁ ଅର୍ପଣ କରି ଭୋଗ ଆକାରରେ ଖିଆଯାଇଥାଏ। ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ଗୁରୁଜନମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇଥାନ୍ତି ଯଦି କୌଣସି ମନୋମାଳିନ୍ୟ ଥାଏ ତେବେ ତାହା ମଧ୍ୟ ସମାଧାନ ହୋଇଯାଏ। ଏହା ଏକ ସୁନ୍ଦର ଏବଂ ସୁସମ୍ପର୍କର ପର୍ବ। ଏହି ପର୍ବ ଈଶ୍ୱରଙ୍କୁ ଧନ୍ୟବାଦ ଦେବାର ପର୍ବ। ଈଶ୍ୱରଙ୍କୁ ଭକ୍ତିଦ୍ୱାରା ସମସ୍ତେ ଆନନ୍ଦପ୍ରାପ୍ତି ହୋଇଥାନ୍ତି। ସମ୍ପର୍କର ରଜ୍ଜୁ ସବୁ ମଜବୁତ୍ ହୋଇ ଆମର ସାମାଜିକ ଜୀବନକୁ ଦୃଢ଼ୀଭୂତ କରିଥାଏ। ଭାରତବର୍ଷର ବହୁ ସ୍ଥାନରେ ଏହି ପର୍ବ ପାଳନ କରାଯାଇଥାଏ। ମାତ୍ର ଓଡ଼ିଶାରେ ଏହା ଶ୍ରେଷ୍ଠ ପର୍ବ।

ଏହି ନୂଆଖାଇ ପର୍ବରେ ଘରର ସ୍ତ୍ରୀଲୋକମାନେ ଘରକୁ ପରିଷ୍କାର କରି, ଲିପାପୋଛା କରି ସମସ୍ତ ଦ୍ରବ୍ୟକୁ ପରିଷ୍କାର କରି ସଜାଇ ରଖିଥାନ୍ତି। ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ନୂଆଧାନ କେଣ୍ଡା, ଧୂପ, ଦୀପ, ଚନ୍ଦନ, କର୍ପୂର ବାସ୍ନାରେ ଘର ସର୍ବଦା ମହକୁ ଥାଏ। ଶଙ୍ଖ, ହୁଳହୁଳି, ଘଣ୍ଟାବାଦ୍ୟରେ ଘର, ଅଗଣା, ଦୁଲୁକି ଉଠେ। ପୂଜା ଶେଷରେ ଘରର ସମସ୍ତେ ଗୋଟିଏ ସ୍ଥାନରେ ପୂର୍ବ ଦିଗକୁ ମୁହଁ କରି ବସି ପତ୍ରର ଚଉତିରେ ବଢ଼ା ଯାଇଥିବା ପ୍ରସାଦକୁ ସେବନ କରନ୍ତି। ନୂଆଚୂଡ଼ା, ଘିଅ, ମହୁ, ଗୋରସ, ଗୁଡ଼, କଦଳୀ, ନାରୀକେଳ ମିଶାଇ ପ୍ରସାଦ ପ୍ରସ୍ତୁତ ହୋଇଥାଏ। ଏହାଛଡ଼ା ନୂଆଚାଉଳରେ ଖେଚୁଡ଼ି, କ୍ଷିରୀ, ପୁରି, ମିଠା, ଡାଲି, ତରକାରୀ ଇତ୍ୟାଦି ପ୍ରସ୍ତୁତ ହୋଇ ପ୍ରଥମେ ମା'ଙ୍କୁ ଅର୍ପଣ କରାଯାଏ ଏବଂ ପରେ ସମସ୍ତେ ଏକାଠି ହୋଇ ଏହି ପ୍ରସାଦକୁ ସେବନ କରି ଆନନ୍ଦ ପାଇଥାନ୍ତି। ଖାଇ ସାରିବାପରେ ଝିଅବୋହୂମାନେ ନୂଆ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ବାହାରି ପଡ଼ନ୍ତି ଭେଟ୍‌ଘାଟ ପାଇଁ। ଘର ଘର ସାହି ସାହି ବୁଲି ଗୁରୁଜନମାନଙ୍କୁ ଜୁହାର ହୁଅନ୍ତି।

ଘୁମୁରାନାଚ, ଭଜନ, କୀର୍ତ୍ତନ, ନାଟ, ତାମସା ଓ ଖିଆପିଆରେ ଲୋକେ ନିଜକୁ ହଜାଇ ଦିଅନ୍ତି। ବିଶେଷକରି ଆଦିବାସୀ ସମୁଦାୟ ଲୋକଙ୍କ ନାଚଗୀତ ଓ ବାଦ୍ୟବେଶ ଆନନ୍ଦଦାୟକ ହୋଇଥାଏ। ଏହି ପର୍ବରେ ଉଚ୍ଚନିଚ ଭେଦଭାବ ନଥାଏ ତେଣୁ ଏହା ସାମ୍ୟବାଦର ମଧ୍ୟ ଶିକ୍ଷା ଦେଇଥାଏ। ଏହି ପର୍ବ ଆନନ୍ଦ ଉଲ୍ଲାସର ଏକ ଉତ୍ସବ। ଗାଁର ଯୁବକମାନେ କବାଡ଼ି ଖେଳିଥାନ୍ତି ଏବଂ ପରମ୍ପରା ଅନୁଯାୟୀ କନିଷ୍ଠମାନେ ବରିଷ୍ଠ ସଦସ୍ୟଙ୍କୁ ଜୁହାର ହୋଇ ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି। ପ୍ରକୃତରେ ପର୍ବ ଯଦି ନଥାନ୍ତା ତେବେ ମଣିଷର ସାମାଜିକ ଜୀବନ ଦୁର୍ବିସହ ହୋଇପଡ଼ିଥାନ୍ତା। ଯେତେ କଷ୍ଟ, ଯନ୍ତ୍ରଣା, ଲୁହ ଲହୁ, ଝଡ଼ଝଞ୍ଜା ରହିଥିଲେ ମଧ୍ୟ କୃଷକ ନୂଆଖାଇ ପର୍ବ ଆମ ପରମ୍ପରା ଅନୁଯାୟୀ ହସଖୁସିରେ ପାଳିଥାନ୍ତି। ପଡ଼ୋଶୀ ଭାଇବନ୍ଧୁ, କୁଟୁମ୍ବ ସମସ୍ତେ ମିଳିତ ହୋଇ ଏହି ଏକତାର ଏବଂ ସଂଘତିର ପର୍ବ- ନୂଆଖାଇକୁ ବଡ଼ ଆନନ୍ଦ ଉଲ୍ଲାସର ସହ ପାଳନ କରି ସବୁ ଦୁଃଖ ଯନ୍ତ୍ରଣାକୁ ଭୁଲିଯାଆନ୍ତି। ଏହି ନୂଆଖାଇ ପର୍ବ ହିଁ ଏକତାର ଏବଂ ସଂହତିର ପ୍ରତୀକ କହିଲେ- ଭୁଲହେବ ନାହିଁ।


+ ରଘୁନାଥଜୀଉ ମହାବିଦ୍ୟାଳୟ,  
ଦେଉଳ ସାହି,  
ତୁଳସୀପୁର, କଟକ  
(ମୋ)୯୮୫୩୩୫୦୩୮୪


## ସମୃଦ୍ଧିର ପର୍ବ ନୂଆଁଖାଇ



ରଶ୍ମି ସାମଲ



ନୂଆଖାଇ ପର୍ବର ଅନ୍ୟ ନାମ ହେଉଛି ନବାର୍ଣ୍ଣ ଭକ୍ଷଣ ,ନବାର୍ଣ୍ଣ ର ଅର୍ଥ ନୂଆ ଅନ୍ନ । ଆଧୁନିକ ସଭ୍ୟତାର ଇତିହାସ ଅନୁସାରେ ହଜାର ହଜାର ବର୍ଷ ପୂର୍ବରୁ ଭାରତ ବର୍ଷରେ ଆରମ୍ଭ ହୋଇଥିଲା କୃଷି ପରମ୍ପରା । ସଭ୍ୟତାର କ୍ରମ ବିକାଶ ଧାରାରେ। ଆଦି ମାନବ ଯାଯାବର ଜୀବନ ଛାଡ଼ି ସ୍ଥାୟୀ ବସବାସ କରିଥିଲା । ଏବଂ କାଳାନ୍ତରରେ ଶିକାର ପରିବର୍ତ୍ତେ କୃଷିକୁ ଆଦରି ନେଇ ଥିଲା ।ପରମ୍ପରା ଅନୁସାରେ ଆମ ପୂର୍ବ ପୁରୁଷ ମାନେ ଅମଳ ହୋଇଥିବା ନୂଆ ଶସ୍ୟ ବର୍ଷର ପ୍ରଥମରେ ଖାଦ୍ୟ ପ୍ରସ୍ତୁତ ଅନ୍ନ ଯାହାକୁ ଅନୁକୂଳ କରି ଦେବା ଦେବୀଙ୍କ ନିକଟରେ ଭୋଗ କରାଯାଇ ଖିଆ ଯାଏ ।

ଭାରତର ବହୁ ସ୍ଥାନରେ ପାଳନ ହୁଏ ମାତ୍ର ଓଡ଼ିଶାର ଶ୍ରେଷ୍ଠ ପର୍ବ ରୂପେ ବିଶେଷତ ପଶ୍ଚିମ ଓଡ଼ିଶାରେ ପ୍ରସିଦ୍ଧ ପର୍ବ ରୂପେ ପାଳନ କରାଯାଏ ।ଭାଦ୍ରବ ମାସ ପଞ୍ଚମୀ ତିଥିରେ ନୂଆ ଖାଇ ପାଳନ ହୋଇଥାଏ । ଏହି ଦିନ ବର୍ଷର ପ୍ରଥମ ଅନ୍ନ ଇଷ୍ଟ ଦେବୀଙ୍କୁ ସମର୍ପଣ କରି ଖିଆ ଯାଇ ଥାଏ ।ନୂଆ ଧାନ ଭାଦ୍ରବ ମାସ ବେଳକୁ ହୋଇଯାଇଥାଏ । ଏହି ଧାନକୁ ମାଲୁ ଧାନ ବୋଲି କହନ୍ତି

ଏହି ଧାନ ସମ୍ପୂର୍ଣ୍ଣ ପାଚି ଗଲେ ପଶୁପକ୍ଷୀ ମାନେ ଖାଇଲେ ଅଇଁଠା ବା ଉଚିଷ୍ଟ ହୋଇଯିବ ।ଆଉ ଭଗବାନଙ୍କୁ ଦେବା ଉଚିତ ନୁହେଁ ବୋଲି ଚାଷୀ ମାନେ ଭାବନ୍ତି ।ଆମ ପୂର୍ବ ପୁରୁଷ ପୁରୁଷଙ୍କ ପରମ୍ପରା ଅନୁସାରେ ଅମଳ ହୋଇଥିବା ନୂଆ ଶସ୍ୟରେ ଅନ୍ନ ଓ ପିଷ୍ଟ କାଦି ପ୍ରସ୍ତୁତ କରି ଦେବତା ଓ ପିତୃ ପୁରୁଷଙ୍କୁ ଅର୍ପଣ କରିବା ପରେ ଅନ୍ନ ମୟ ପିଣ୍ଡ ବା ଶରୀର ରକ୍ଷା ଉଦ୍ଦେ୍ୟସ୍ ରେ ନିଜେ ଭକ୍ଷଣ କରୁଥିଲେ । ମାଲୁ ଧାନର ପ୍ରଥମ ଶସ୍ୟକୁ ଭଗବାନଙ୍କୁ ଅର୍ପଣ କରିବା ଉଚିତ ବୋଲି ଚାଷୀ ମାନେ ଭାବି ଥାନ୍ତି ।ଏହାର କାରଣ ହେଉଛି ଭାଦ୍ରବ ରେ ପରିବାର ପରିଜନ ଗହଣରେ ଏହି ପରମ୍ପରା ପରବର୍ତ୍ତୀ ସମୟରେ ସାମୁହିକ ଅନୁଷ୍ଠାନ ର ରୂପ ନେଲା । ଭିନ୍ନ ଭିନ୍ନ ସ୍ଥାନରେ ପାଳିତ ହେଲା ଯଥା ପଂଜାବରେ ବୈଶାଖୀ, ଆସାମରେ ବିହୁ, ପଶ୍ଚିମ ଭାରତରେ ଓନାମ । ତଥା ଆମ ରାଜ୍ୟରେ ଆମ ରାଜ୍ୟରେ ଏହା ଖ୍ୟାତୀ ହେଲା ନୂଆ ଖାଇ ନାମରେ ଏହି ଗଣ ପର୍ବ ଏକତାର ସୂତ୍ରକୁ ବାନ୍ଧି ରଖିବା ପାଇଁ ଏକ ସାଂସ୍କୃତିକ ମହୋତ୍ସବ, ପ୍ରାଚୀନ କାଳରୁ ପଶ୍ଚିମ ଓଡ଼ିଶାରେ ଏହାକୁ ରାଜା ସ୍ୱୀକୃତ ମିଳିଥିଲା । ସେହି ସମୟାରେ ରକ ମାନେ ଇଷ୍ଟ ଦେବୀଙ୍କ ନାମାନୁସାରେ ଲଗ୍ନ ସ୍ଥିର କରି ନବାନ୍ନ ଭକ୍ଷଣ କରୁଥିଲେ ।

ସବୁ ପ୍ରତିକୂଳ ପରିବେଶ ପରିସ୍ଥିତି ସତ୍ତ୍ୱେ ପଡି ଯାଇନି ନୂଆ ଖାଇର ମହକ ।ମଝି ଦାଣ୍ଡରେ ଲହଡି ଭାଙ୍ଗୁଥିବା ଏହି ସ୍ୱଜନ ଆନନ୍ଦଦାୟକ ଗଣ ପର୍ବର ଉଲ୍ଲାସ ଭିତରେ ବରଫ ପରି ଶୀତଳ ହୋଇଯାଏ ।


+ ଭୁବନେଶ୍ୱର  
(ମୋ)୯୪୩୭୧୧୫୮୬୫


## କବିତା କୋଣାର୍କ

### ନୂଆଁଖାଇ

#### ମହେଶ୍ୱର ପଧାନ



ଶୁଖା ଖଡ଼ ଖଡ଼ ଖେତ-ଖାରି  
ଆଁ ଫାରିଥିବା ବାହାଲ-ଡୁଲି,  
ଝାଉଁଳା ମାଳ, ବେଉସା-ବାରି  
ଚନକା ଚନକା ଫାଟି ପଡିଥିବା  
ଖେତର ମୁହଁରେ  
ମତେ ନୂଆଖାଇ ଦିଶୁଛି ।

ଆକାଶର ଫାଙ୍କାପଣ ଦେଖି  
ଦି ହାତ ପଶି ଯାଉଥିବା ଆଖି  
ନିଖୋଜ ମେଘର ତଲାସରେ  
ଖୋଦ୍ ମେଘ ପାଲଟୁଥିବା ଆଖିରେ  
ମତେ ନୂଆଖାଇ ଦିଶୁଛି ।

ଋଣଗ୍ରସ୍ତ ମୁଣ୍ଡର ଅସରନ୍ତି ବୋଝରେ  
ପଇସା ବଦଳରେ ଜମିବାଡ଼ି,  
ଘରଦ୍ୱାର  
ଲେଖିଥିବା ହାତରେ,  
ଋଣ ପଇଠ ନକଲେ  
ପୋଖରୀ ପାଖ ନହନହକା ଖେତ  
ହଡେଇବାର ଚକ୍ରାନ୍ତୀ ଚାହାଣୀରେ,  
ଟହଲୁ ବବାଙ୍କ  
ଧାର ଧାର ସୂର୍ଯ୍ୟକିରଣ  
ପଶି ଆସୁଥିବା  
ଛପରଛାତ ଫାଙ୍କମାନଙ୍କରେ,  
ମୁନୁଦେଇ ଫିଥର ପରି  
ଏଥର ବି ଆଦରିଥିବା ଫଟା ଶାଢ଼ୀ ଓ  
ଫଟା ଭାଗ୍ୟ ବେଶରେ  
ଏସନ ନୂଆଖାଇ ଆସୁଛି ।

ମତେ ନୂଆଖାଇ ଦିଶୁଛି  
ଖେତଖଳାକୁ ଠୋକର ମାରି  
ସହର ଆଡ଼କୁ ଲମ୍ଫି ଯାଇଥିବା  
ପାଦମାନଙ୍କରେ,  
ଇଟାଭାଟିର କୁହୁ ଅନ୍ଧାରରେ,  
ଅପାହାନ୍ତା ସକାଳରେ ।

ହୁଏତ  
ଆପଣମାନଙ୍କୁ ଦିଶୁ ଥାଇପାରେ  
ନୂଆ ନୂଆ ବେଶଭୂଷାରେ  
ଜିଭ ଖୋଜୁଥିବା ମିଷ୍ଟାନ୍ନ, ଚିପସ୍  
ଛଅ ତିଅଣ, ନଅ ଭଜାରେ  
ଏଥରର ନୂଆଖାଇ !


+ ଧୂଲୁଣ୍ଡା, ଝାରସୁଗୁଡ଼ା  
ମୋ -୯୦୭୮୯୩୧୫୨୨


### କୁଡ଼ିଆରେ ନୂଆଁଖାଇ

#### ଶୁଭେନ୍ଦୁ ମେହେର



କଁକ୍‌ରେ.......କଁକ୍ !  
ପାହାନ୍ତାରୁ ଉଠିଲା ମୋ ମାଆ  
ଘର ଲିପା ହେବବୋଲି  
ଖର୍ସି ଆଣିଲା ଗୁହାଳରୁ !  
ଘଷିଲା ଯତନ୍ କରି !!

ଆଇ କାଢୁଥିଲା ଚୂଲିର ଖାର  
ବଡ଼ଭାଇ ଯାଇଥିଲା  
କୁଟ୍‌ନୀ ପସରା  
ଆଳୁ ପାଏ, ତେଲ ଦୁଇଟଙ୍କା,  
ମାଖନ ଛେଲାଏ  
ଲୁଣ ପୁଡ଼ିଆଟେ ସାଥିରେ  
ନିଆଁଖାଡି ପୁଡ଼େ ନେଇ  
ଥୋଇଲା ଘର କୋଣରେ !

ତିନିବର୍ଷ ଆଗରୁ ଦାଦନ  
ଯାଇଛି ମୋ ବା'  
କହିଥିଲା ଆସିମି ବୋଲି  
ନୂଆଁଖାଇକୁ.......!  
ସଭିଙ୍କ ପାଇଁ କୁର୍ତ୍ତା ପେଣ୍ଟ  
ବୋଉ ପାଇଁ ଶାଢ଼ୀ  
ଆଇ ପାଇଁ ଧମନା ଧଡ଼ିଆ କପଟା !

ତିନି ତିନିଟା ନୂଆଁଖାଇ  
ଡେଇଁ ଗଲାପରେ ବି  
ଆମ ଘରେ ପାଦ ପଡ଼ିଲାନି ମୋ ବା'ର

ମୁଁ ଗଲି ନୁଆଁ ଧାନ କେରାଏ ପାଇଁ  
ଭଂଗାମୁଣ୍ଡା ନାଳ ଖଣ୍ଡିକୁ !  
ବୋଉ ରାନ୍ଧୁଥିଲା ଖୁଦ ଲେଥା  
ଆଇ ବୁଢ଼ୀଟା ଲଇଁ ଲଇଁ  
ସଫା କରୁଥିଲା ଖର୍ସି ଗୁହାଳ  
ସତେ ଯେମିତି ନଇଁ ଯାଇଥିବା  
ଆମ ପୁରୁଣା ଚାଳ ଘରର  
ଛାନି ପରି ।।


+ ଯାଲୋଏ, ସୁବର୍ଣ୍ଣପୁର




### ନୂଆଁଖାଇ

#### ରମାକାନ୍ତ ଦାସ



ଶ୍ରାବଣ ଯାଇଛି ଫେରି  
ଭାଦ୍ରବ ଆସିଛି  
ନୂତନ ଫସଲେ  
ନୂତନ ଫଳ ଫଳିଛି ।।

ନୂତନ ଫଳକୁ ତୋଳି  
ଆଣି ଚାଷୀଭାଇ  
ଇଷ୍ଟଦେବୀଙ୍କୁ ଅର୍ପଣ କରେ  
ହୁଏ ନୂଆଖାଇ ।।

ଭାଦ୍ରବ ମାସର ଶୁକ୍ଳପକ୍ଷ  
ପଞ୍ଚମୀ ତିଥିରେ  
ନୂଆଖାଇ ପର୍ବ ପାଳନ୍ତି  
ଓଡ଼ିଶା ବାସୀରେ ।।

ଧନୀ କି ଦରିଦ୍ର ସଭିଏଁ  
ଏ ପର୍ବ ପାଳନ୍ତି  
ମାନ-ଅଭିମାନ ସବୁ  
ଭୁଲି ସେ ଯାଆନ୍ତି ।।

ଗହଳି ଚହଳି ଉଠେ  
ସହର ବାଜରେ  
ଲୋକ ଭିଡ଼ ହୁଏ ପୁଣି  
ପରିବା ହାଟରେ ।।

ସୂର୍ଯ୍ୟୋଦୟ ପୂର୍ବରୁ ସଭିଏଁ  
ଶୌଚତ୍ୟାଗ କରି  
ନିତ୍ୟକର୍ମ ସାରିଥାନ୍ତି  
ସମସ୍ତ ନରନାରୀ ।।

ସଫାଲୁଗା ପିନ୍ଧି  
ପୂଜା ସାମଗ୍ରୀ ରଖନ୍ତି  
ନୂଆଚୁଡା,ଘିଅ ଆଦି  
ପୂଜା ଥାଳିରେ ରଖନ୍ତି ।।

ଘରର ମୁଖିଆ  
ପୂଜା ପାଠରେ ବସନ୍ତି  
ମହାଲକ୍ଷ୍ମୀଙ୍କୁ ଭୋଗ  
ସମର୍ପଣ କରନ୍ତି ।।

ଧୂପ, ଦୀପ, ଚନ୍ଦନ ଓ  
କର୍ପୁର ବାସ୍ନାରେ  
ସମସ୍ତଙ୍କ ଗୃହ  
ମହକି ଉଠେରେ ।।

ଶଙ୍ଖ, ହୁଳହୁଳି, ଘଣ୍ଟ  
ଘଣ୍ଟାର ନାଦରେ  
ଘର ଓ ଅଗଣା  
ଦୁଲୁକି ଉଠେରେ ।।

ପୂଜା ଶେଷରେ ସଭିଏଁ  
ଗୋଟେ ସ୍ଥାନରେ ବସନ୍ତି  
ପୂର୍ବ ଦିଗକୁ ଅନାଇ  
ପ୍ରସାଦ ପାଆନ୍ତି ।।

ଘରେ ଘରେ ହୁଏ ପୁଣି  
ପିଠାପଣା,ଡାଲି  
ସାନମାନେ ଜୁହାର ହୁଅନ୍ତି  
ଘରେ ଘରେ ବୁଲି ।।

ରଙ୍ଗବେରଙ୍ଗ ପୋଷାକ  
ଝିଅବୋହୂ ମାନେ ପିନ୍ଧି  
ଜୁହାର ହୁଅନ୍ତି ପୁଣି  
ମୁଣ୍ଡେ ଫୁଲ ବାନ୍ଧି ।।

ଗୁରୁଜନ ମାନଙ୍କୁ  
ମୁଣ୍ଡିଆ ମାରି  
ନୂଆଖାଇ ଭେଟଘାଟ ପାଇଁ  
ଯାଆନ୍ତି ବାହାରି ।।

ସମସ୍ତଙ୍କୁ ହାତଯୋଡି  
ଜୁହାର ହୁଅନ୍ତି  
ନୂଆଖାଇ ଜୁହାର  
ଏହାକୁ କୁହନ୍ତି ।।

ଗାଁ ମନ୍ଦିରକୁ ଯାଇ  
ଦେବ ଦର୍ଶନ କରନ୍ତି  
ଅନ୍ନକଷ୍ଟ ଦୂର ହେଉ  
ପାର୍ଥନା କରନ୍ତି ।।

ମଉଜ ମଜଲିସରେ  
ସମସ୍ତେ ମଜନ୍ତି  
କୀର୍ତ୍ତନ, ନାଟ -ତାମସାରେ  
ନିଜକୁ ହାଜନ୍ତି ।।

କୃଷିଭିତ୍ତିକ ପର୍ବ  
ଅଟେ ନୂଆଖାଇ  
ସଭିଁଙ୍କ ଓଠରେ ଫୁଟେ  
ହସର କଇଁ ।।


+ନନ୍ଦିଗ୍ରାମ, ନାଉଗାଁ,  
ଜଗତସିଂହପୁର  
(ମୋ)୯୬୬୮୮୧୫୩୬୯

ଧ୍ୱନି ପ୍ରତିଧ୍ୱନି
ଆମ କୁନାକୁନିଙ୍କ ଆପଣା ପୃଥିବୀ ⑤ ଶନିବାର, ୧୧ ସେପ୍ଟେମ୍ବର ୨୦୨୧





# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୧୧)

## ମହାରାଜା ଦଶରଥ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମିନ ଅପାଙ୍କ ରାମାୟଣ ଟୁଂଗି ଆରମ୍ଭ ହୋଇଗଲା । ମିନା ଅପା ରାମାୟଣ କଥା ଆରମ୍ଭ କଲେ । ପିଲାମାନେ, ମୁଁ ଆଗରୁ ରାଜା ଦଶରଥଙ୍କ କଥା ଅଳ୍ପ କହିଛି । ଏବେ ଆମେ ତାଙ୍କ ସଂପର୍କରେ ଅଧିକ କଥା ଜାଣିବା ।

ରାଜା ଦଶରଥଙ୍କ ପିତା ଥିଲେ ମହାରାଜା ଅଜ । ତାଙ୍କ ଜେଜେ ଥିଲେ ପ୍ରବଳ ପରାକ୍ରମୀ ରାଜା ରଘୁ । ଦଶରଥ ଛୋଟ ଥିଲାବେଳେ ତାଙ୍କ ପିତାମାତାଙ୍କ ଦେହାନ୍ତ ହୋଇଥିଲା । ସେଥିଲାଗି କୁଳଗୁରୁ ବଶିଷ୍ଠ ଦଶରଥଙ୍କ ନେଇ ନିଜ ଆଶ୍ରମରେ ରଖିଲେ ଓ ଲାଳନ ପାଳନ କଲେ । ଉପଯୁକ୍ତ ସମୟରେ ତାଙ୍କର ରାଜ୍ୟାଭିଷେକ କରି ନିଜର ଦାୟିତ୍ୱ ସମ୍ପନ୍ନ କଲେ ।

ପିଲାମାନେ, ଅଯୋଧ୍ୟା ନଗରୀ ସରଯୁ ନଦୀ କୂଳରେ ଥିଲା ଓ ଏହା ସୂର୍ଯ୍ୟବଂଶୀ ରାଜାମାନଙ୍କର ରାଜଧାନୀ ଥିଲା । ଏ ନଗରୀ ବହୁତ ସୁନ୍ଦର ଥିଲା ଓ ଅଯୋଧ୍ୟାର ପ୍ରଜାମାନେ ବହୁତ ଶୁଖ ଶାନ୍ତିରେ ରହୁଥିଲେ । ସୂର୍ଯ୍ୟବଂଶର ସମସ୍ତ ରାଜା ପ୍ରଜାବତ୍ସଳ ଥିଲେ ଓ ପ୍ରଜାମାନଙ୍କୁ ବହୁତ ଭଲ ପାଉଥିଲେ । ଆମେ ଆଗରୁ ସେଇ ବଂଶର ରାଜା ହରିଶ୍ଚନ୍ଦ୍ର, ଭାଗୀରଥି ଓ ରଘୁ ରାଜାଙ୍କ କଥା ଶୁଣିଛେ । ଏବେ ଦଶରଥଙ୍କ ସଂପର୍କରେ ଅଧିକ କଥା ଜାଣିବା ।

ଅଳ୍ପ ବୟସରେ ଦଶରଥ ଅଯୋଧ୍ୟାର ରାଜା ହେଲେ । କୁଳଗୁରୁ ବଶିଷ୍ଠ ତାଙ୍କ ସମସ୍ତ ପ୍ରକାର ବିଦ୍ୟା ଶିକ୍ଷା ଦେଇଥିଲେ । କେବଳ ସେତିକି ନୁହେଁ, ରାଜା ଦଶରଥ ନିଜ ପୂର୍ବ ପୁରୁଷଙ୍କ ପରି ଜଣେ ଭଲ ମଣିଷ ଓ ପ୍ରଜାବତ୍ସଳ ରାଜା ଥିଲେ ।

ରାଜା ଦଶରଥଙ୍କ ରାଜ୍ୟ ସଭାରେ ଆଠଜଣ ଦକ୍ଷ ମନ୍ତ୍ରୀ ଥିଲେ । ସେମାନେ ହେଲେ ରାଷ୍ଟ୍ରବର୍ଦ୍ଧକ, ସ୍ୱରାଷ୍ଟ୍ର, ବିଜୟ, ଜୟନ୍ତ, ଧର୍ମପାଳ, ଧୃଷ୍ଟି, ଅକୋପ ଓ ସୁମାନ୍ତ ଏମାନେ ସମସ୍ତେ ଦଶରଥଙ୍କୁ ରାଜ୍ୟ ଶାସନରେ ବହୁତ ସାହାଯ୍ୟ କରୁଥିଲେ । କେବଳ ସେତିକି ନୁହଁ, ତାଙ୍କ ରାଜ୍ୟ ସଭାକୁ ଆସୁଥିଲେ କୁଳଗୁରୁ ବଶିଷ୍ଠ ଓ ଆହୁରି ଅନେକ ଜ୍ଞାନୀ ଓ ତେଜସ୍ୱୀ ମୁନି ଋଷି ।

ଦଶରଥଙ୍କର କୌଶଲ୍ୟାଙ୍କ ସହିତ ବିବାହ:

କୋଶଳ ରାଜାଙ୍କର କନ୍ୟା ଥିଲେ କୌଶଲ୍ୟା । ସେ ଯେପରି ସୁନ୍ଦରୀ ଥିଲେ ସେହିପରି ଗୁଣମତୀ ଥିଲେ । ତାଙ୍କର ବିବାହ ବୟସ ହୋଇଯାଇଥିଲା । କୋଶଳର ରାଜା ବିଭିନ୍ନ ରାଜ୍ୟର ରାଜାଙ୍କ ଚିତ୍ର ମଗାଇଲେ । ମହାରାଜା ଦଶରଥଙ୍କୁ ସମସ୍ତେ କୌଶଲ୍ୟାଙ୍କ ଉପଯୁକ୍ତ ବୋଲି ଭାବିଲେ । କୋଶଳର ରାଜା ସଂଗେ ସଂଗେ ନିଜ କୁଳ ପୁରୋହିତଙ୍କୁ ଅଯୋଧ୍ୟା ପଠାଇଲେ । କୁଳ ପୁରୋହିତ ସୂର୍ଯ୍ୟବଂଶର କୁଳଗୁରୁ ବଶିଷ୍ଠଙ୍କୁ ଦେଖାକରି କୌଶଲ୍ୟାଙ୍କ ବିବାହ ପ୍ରସ୍ତାବ ଦେଲେ ।

କୋଶଳ ରାଜାଙ୍କ ଆଗ୍ରହ ଓ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର କିଛି କାରଣ ନଥିଲା । ଦଶରଥଙ୍କର ମଧ୍ୟ ବିବାହ ବୟସ ହୋଇ ଯାଇଥିଲା । କୁଳଗୁରୁ ବଶିଷ୍ଠଙ୍କ ଆଶୀର୍ବାଦ ମିଳିଗଲା । ମହାରାଜ ଦଶରଥ କୁଳଗୁରୁ ବଶିଷ୍ଠ ଓ ଅନ୍ୟମାନଙ୍କୁ ନେଇ କୋଶଳ ରାଜ୍ୟକୁ ଗମନ କଲେ ଓ କୌଶଲ୍ୟାଙ୍କୁ ବିବାହ କଲେ ।

ଦଶରଥଙ୍କର କୈକେୟୀଙ୍କ ସହିତ ବିବାହ:

ପିଲାମାନେ ସେ ଯୁଗରେ ରାଜାମାନେ ଅନେକ ପତ୍ନୀଙ୍କୁ ବିବାହ କରି ପାରୁଥିଲେ । ରାଜା ଦଶରଥଙ୍କର ଦ୍ୱିତୀୟ ପତ୍ନୀ ଥିଲେ ରାଣୀ କୈକେୟୀ । ଗିରିବଜ୍ରପୁରର ରାଜା ଥିଲେ କୈକେୟୀ । ତାଙ୍କର କନ୍ୟା ଥିଲେ କୈକେୟୀ । କୈକେୟୀ ସୁନ୍ଦରୀ ଥିଲେ ଓ ବୁଦ୍ଧିମତୀ ଥିଲେ । କେବଳ ସେତିକି ନୁହଁ ସେ ଯୁଦ୍ଧ ବିଦ୍ୟାରେ ମଧ୍ୟ ନିପୁଣା ଥିଲେ । ତାଙ୍କର ବିବାହ ବୟସ ହୋଇଯାଇଥିଲା । ତେଣୁ ରାଜା କୈକେୟ କନ୍ୟା କୈକେୟୀଙ୍କ ବିଭାଘର ଲାଗି ସ୍ୱୟମ୍ବର କରିବାକୁ ମନସ୍ତ କଲେ ।

ପିଲାମାନେ, ସେ ଯୁଗରେ ନାରୀମାନଙ୍କ ସ୍ଥାନ ସମାଜରେ ପୁରୁଷଙ୍କ ସମାନ ଥିଲା । କନ୍ୟାମାନଙ୍କର ଅଧିକାର ଥିଲା ନିଜ ପସନ୍ଦର ବର ବାଛିବାକୁ । ରାଜାମାନେ ତାଙ୍କ କନ୍ୟାମାନଙ୍କ ପାଇଁ ବିଭିନ୍ନ ଦେଶର ରାଜାମାନଙ୍କୁ ଏକ ସଭା ଲାଗି ନିମନ୍ତ୍ରଣ କରୁଥିଲେ । ଏହି ସଭାରେ ରାଜକୁମାରୀ ଯେଉଁ ରାଜକୁମାରଙ୍କୁ ବାଛୁଥିଲେ, ତାଙ୍କ ସହିତ ରାଜ କୁମାରୀଙ୍କର ବିବାହ ହେଉଥିଲା । ଏହାକୁ ସ୍ୱୟମ୍ବର କୁହାଯାଉଥିଲା । ଆଜିକାଲି ଯୁଗରେ ସ୍ୱୟମ୍ବର ସମ୍ଭବ କି ? ଭାବିକରି ଉତ୍ତର ଦେବ ।

ରାଜା କୈକେୟ ସ୍ୱୟମ୍ବର ସଭା ଡାକିଲେ । ସେଠାରେ ଅନେକ ରାଜା ଉପସ୍ଥିତ ଥିଲେ । ରାଜା ଦଶରଥ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । କୈକେୟୀ ରାଜା ଦଶରଥଙ୍କୁ ସମ୍ମାନ ଦେଲେ ଓ ତାଙ୍କର ରାଜା ଦଶରଥଙ୍କ ସହିତ ବିବାହ ହେଲା । ଏଇକ୍ରମରେ କୈକେୟୀ ଦଶରଥଙ୍କର ଦ୍ୱିତୀୟ ରାଣୀ ହେଲେ । ତାଙ୍କ ସାଂଗରେ ଜଣେ ଦାସୀ ଆସିଲେ ଯାହାଙ୍କ ନାମ ଥିଲା ମନ୍ଥରା । ତାଙ୍କ ବିଷୟରେ ଆମେ ପରେ ଆଲୋଚନା କରିବା ।

ରାଜା ଦଶରଥଙ୍କର ସୁମିତ୍ରାଙ୍କ ସହିତ ବିବାହ:

ସିଂହଳ ଦେଶର ରାଜା ଥିଲେ ସୁମିତ୍ର । ତାଙ୍କର ଅତ୍ୟନ୍ତ ସୁନ୍ଦରୀ କନ୍ୟା ଥିଲା ସୁମିତ୍ରା । ରାଜା ସୁମିତ୍ରାଙ୍କ ବିବାହ ଲାଗି ଚିନ୍ତିତ ଥିଲେ । ସେଇ ସମୟରେ ଚକ୍ରବର୍ତ୍ତୀ ରାଜା ଦଶରଥଙ୍କ କଥା ତାଙ୍କ ମନକୁ ଆସିଲା । ସେ କାଳ ବିଳମ୍ବ ନକରି ତାଙ୍କ ପୁରୋହିତଙ୍କୁ ଅଯୋଧ୍ୟା ପଠାଇଲେ ଓ ସୁମିତ୍ରାଙ୍କ ବିବାହର ପ୍ରସ୍ତାବ ଦେଲେ ।

ସେ ଯୁଗରେ ସ୍ୱୟମ୍ବରକୁ ନଯିବା କିମ୍ବା କୌଣସି ରାଜକନ୍ୟାଙ୍କ ବିବାହକୁ ପ୍ରତ୍ୟାଖାନ କରିବା ସମ୍ମାନଜନକ କଥା ନଥିଲା । ତେଣୁ ରାଜା ଦଶରଥ ତୁରନ୍ତ ସିଂହଳ ଦେଶ ଗଲେ ଓ ସୁମିତ୍ରାଙ୍କୁ ବିବାହ କରି ଅଯୋଧ୍ୟା ଆଣିଲେ ।

ରାଜା ଦଶରଥ ରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କ ସହିତ ସୁଖରେ ରହିଲେ । ରାଜ୍ୟ ଶାସନ ମଧ୍ୟ ସୁରୁଖୁରୁରେ ଚାଲିଥିଲା । ମାତ୍ର ମହାରାଜା ଦଶରଥ ଦୁଃଖୀ ଥିଲେ ।

ଆଜିତ ସମୟ ହୋଇଯାଇଛି । ଆମେ ଦଶରଥଙ୍କ ଦୁଃଖର କାରଣ ଆରଥର ଜାଣିବା ଏହା କହି ମିନା ଅପା ସଭା ସାଂଗ କଲେ ।

(କ୍ରମଶଃ)

+(ମୋ) ୯୯୮୦୩୦୦୭୫୧

# ଏ କଥା ରଖିବୁ ମନେ.....

ନୀଳମଣି ଚାନ୍ଦ



ଡିପେଇ ଡିପେଇ ଚାଲ୍ ଦନ୍ତାହାତୀ
ଦେଖି ଦେଖି ଚାଲୁଥାଆ
ଏବେବି ରହିଛି ଜଙ୍ଗଲ ଯେତିକି
ସେଠି ରହି ସୁଖ ପାଆ ।

ପିଇବୁ ଝରଣା ସୁଶୀତଳ ଜଳ
ତଡ଼ାଗେ କରିବୁ ସ୍ନାନ
ବଣରେ ବୁଲିବୁ, ମନ ଖୁସି ହେଲେ
ଦେବୁରେ ହଲେଇ କାନ ।

ଦେଖି ଚାଲୁଥିବୁ, ଥିବରେ କେଉଁଠି
ବିଦ୍ୟୁତ୍ ତାରଟି ଝୁଲି
ଲାଗିଗଲେ ଥରେ ଝଟକା ସେ ଦେବ
ପାରିବୁନି ଜମା ଭୁଲି ।

ଖେତରେ ଫଳିଛି ସୁନାର ଫସଲ
ଉଜାଡ଼ି ଦେବୁନି ପଶି
ଚାଷୀଭାଇ ଦେଖି ମୁଣ୍ଡେ ହାତ ରଖି
କାନ୍ଦିବେ ହିଡ଼ରେ ବସି ।

ଜଙ୍ଗଲ ଭିତରେ ରେଳ ଲାଇନକୁ
ଯେବେ ପାରି ହେଉଥିବୁ
ଅସାବଧାନ ତ ହୋଇଗଲେ ଟିକେ
ସିଧା ଉପରକୁ ଯିବୁ ।

ଗାଆଁ ମୁହାଁ ହେଲେ ଲୋକେ ଦେଖି ଦେଇ
ଫଟକା ଦେବେରେ ମାରି
ଘଉଡ଼େଇ ଦେବା କାମରେ ଲାଗିବେ
ମିଶି ବନ କର୍ମଚାରୀ ।

ଟିକିପିଲା ମୁହିଁ କହୁଛି ବୁଝେଇ
ଏ କଥା ରଖିବୁ ମନେ
ତୁମେ ତ ରହିଲେ ଝୁଲ୍ ହାତୀ ଝୁଲ୍
ଗାଇବେ ଜଗତ ଜନେ ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

କବିତା
ତୁମ ପାଇଁ



## ଭବିଷ୍ୟତ ତୁମ ଝଟକିବ

ନିରାକାର ଚଇନି

ସାବଧାନ ହୁଅ ଏବେଠୁ ପିଲାଏ
ପରୀକ୍ଷା ତୁମର ଆସିଗଲା
ଅଯଥାରେ କେହି ସମୟ ସାରନି
ଏଣେତେଣେ କରି ବୁଲାଚଲା ।

ଭୋଜିଭାତ ଅବା ଗୁଲି ଗପରେ ତ
ଟିକିଏ ବି କାଟନାହିଁ ବେଳ
ଆପଣା ମଙ୍ଗଳ କିଛି ଦିନ ପାଇଁ
ଭୂଲି ଯାଅ ସାଙ୍ଗସାଥୀ ମେଳ ।

ଧରନାହିଁ ହାତେ ମୋବାଇଲ୍ ଯନ୍ତ୍ର
ଛାଡିଦିଅ ନିଶା ଟିଭି ଦେଖା
ଏଣୁ ତେଣୁ କଥା ମନରେ ନଭାବି
ସବୁବେଳେ କର ପଢ଼ା ଲେଖା ।

ଅଳସୁଆ ହୋଇ ବସ ନାହିଁ ଜମା
ବହିଟିକୁ ସଦା କର ସାଥି
ଗୁରୁଙ୍କୁ ପଚାରି ଅବୁଝା ପାଠକୁ
ଘୋଷିଦିଅ ବସି ଦିନରାତି ।

ଦେଖିବ ନିଶ୍ଚୟ ସଫଳ ହୋଇବ
ଭବିଷ୍ୟତ ତୁମ ଝଟକିବବ
ଜୀବନ କଳିକା ବିକଶିତ ହୋଇ
ଚଉଦିଗ ଖାଲି ମହକିବ ।

+ କଳିଗାଁ,ହାଟଡିହୀ, କେନ୍ଦୁଝର-୮୩
ମୋ - ୮୨୪୯୩୮୭୯୭୩

## କ୍ରିଂ କ୍ରିଂ କ୍ରିଂ ଫୋନ୍ କହିଲା

ଶ୍ରୀ ପ୍ରଶାନ୍ତ କୁମାର ରାଉଳ

କ୍ରିଂ କ୍ରିଂ କ୍ରିଂ ଫୋନ୍ କହିଲା ଧାଇଁ ଯାଇ ଧରି ନେଲି
ରଂ ନମ୍ବର ନୁହେଁ ନାତି କରିଛି ପଚାରି ବୁଝିଗଲି ।
ପ୍ରଣାମ ଅଜା ! କହିଲା ନାତି ତୁମ ଦେହ ଅଛି କିପରି ?
ଭଲରେ ଅଛି କି ପାଇଁ ଫୋନ୍ କଲୁରେ ବାବୁ, ନରି ।
କେକେ ଦରବ ନାଲିରେ ଗଣା ଜାଣିବା ଇଚ୍ଛା କଲି,
କହୁଛି ଶୁଣ- ନାଲି ମନ୍ଦାର, ସିନ୍ଦୂର ଅଟେ ନାଲି ।
ନାଲି ଓଠରେ ହସଇ ଶିଶୁ, ପାଚିଲେ ନାଲି ଲଙ୍କା
ସଭିଙ୍କ ଦିହେ ନାଲି ରକତ ବହୁତ ସତ ଏକା ।
ଜାତି ଜାତିରେ ବିଭେଦ ଉଠେ ମନର ଭ୍ରମ ଖାଲି
ଆମେ ସଭିଏଁ ଗୋଟିଏ ମାଆ ସନ୍ତାନ ଭଲିଭଲି ।
ନାଲି ନାଲିଆ ଶୁଆର ଥଣ୍ଟ ଦେଖିବୁ ଚାଲି ଆ
ଶୁଣିବୁ କେତେ ମଜା କାହାଣୀ ଗାଁକୁ ଫେରି ଆ ।।
ସଜ ପରିବା ଗାଡ଼ିଆ ମାଛ ଖାଇବୁ ମନ ଭରି
ପାନଖିଆ ସେ ଆଈଙ୍କ ଓଠ ନାଲିଆ ଦିଶେ ଭାରି ।
ନାଲିଆ କଇଁ, ନାଲି ଅବିର, ନାଲି ଆଈର ଶାଢ଼ୀ
ପାନ ଖାଇକି ନାଲିଆ ଛେପ ଫିଙ୍ଗିବା ଦେ ଛାଡ଼ି ।
ରାଗଟା ବଡ଼ ଖରାପ ସାଙ୍ଗ ମୁହଁଟା ନାଲି ଭାରି
ତାହାର ପାଖ ଯାଆନା କେବେ ମହତ ଦେବ ସାରି ।

+ ଜଳେଶ୍ୱର, ବାଲେଶ୍ୱର-୩୨, ମୋ: ୯୯୩୮୭୧୯୫୬୪

## ଭାରତ ମାତାର ସୁଯୋଗ୍ୟ ସନ୍ତାନ

ଛବିରାଣୀ ପତି

ସ୍ନେହଁ-ଶ୍ରଦ୍ଧା ମନେ ସମର୍ପିତା ଆଜି
ଆମ ଦେଶର ବନ୍ଦନା ଲାଗି
ଧରିତ୍ରୀ ମାତାର ଶୁଭାଶିଷ ନେଇ
ତାର ସୁରକ୍ଷାରେ ଥିବା ଜାଗି ।

ଚାଲିବାକୁ ହେଲେ ଖଣ୍ଡା ଧାରେ ପଛେ
ଚାଲ ପୁଷ୍ପିତ କରିବା ବକ୍ଷ
ଧୈର୍ଯ୍ୟ, ସାହାସରେ ଗୁନ୍ଥିବା ହାରଟେ
ହୋଇ ଆଗ ନିଜେ ନିରପେକ୍ଷ ।

ଜାତି-ଧର୍ମ-ବର୍ଣ୍ଣ-ବୈଷମ୍ୟତା ଭୁଲି
ହେବା ଏକତା ସୂତ୍ରରେ ବାନ୍ଧି
ଅସରୀରି ନୋହି ଭାରତ ଜୀଇଁବ
ଏବେ ଆତ୍ମାରେ ମିତ୍ରତା ଛନ୍ଦି ।

ହିଂସା, ଅସୂୟାକୁ ଦୂରେ ଫିଙ୍ଗି ଦେଇ
ନେବା କୋଳେଇ ପବିତ୍ର ମନେ
ନିଃସ୍ୱାର୍ଥ ସେବାରେ ବ୍ରତୀ ହୋଇ ଆମେ
ଆଗ ଜାଗ୍ରତ କରିବା ଜନେ ।

ଭାରତ ମାତାର ଅଭୁଲା ଅତୀତ
ସେହି ବୀରତ୍ୱର ଜୟ ଗାଥା
ପ୍ରଗତି ପଥରେ ଲୁହ-ଲୁହ ଦେଇ
ଆସ ଟେକି ରଖିବା ତା'ମଥା ।

ପାଞ୍ଚ ମନ ଆଉ ପଚିଶି ପ୍ରକୃତି
ପଛେ ସବୁ କରି ଏକାକାର
ଦେଶ ମାତୃକାର ଶ୍ରୀପୟ ଧୋଇବୁ
ଢାଳି ପୂର୍ଣ୍ଣ ଦେଶ ଭକ୍ତି ଧାର ।

ଶବ୍ଦ ସଂଯୋଜନେ ବିରଙ୍ଗନା ସାଜି
କବି କଲମେ କରିବ ଯୁଦ୍ଧ
କୋମଳାଙ୍ଗୀ ନାରୀ ବିଭୂଷଣ ତ୍ୟାଗି
କରି ଅସ୍ତ୍ରକୁ ନିଜ ଆୟୁଧ ।

ଆବାଳ, ବୃଦ୍ଧ ଅବା ପୁରୁଷ, ଯବାନ
ହେଉ ଗରିବ କି'ଅବା ଧନୀ
ଅଖଣ୍ଡ ଭାରତ ସ୍ୱପ୍ନକୁ ସାକାର
ଆସ କରିବା ନ'ହୋଇ ମାନୀ ।

+ ମଧ୍ୟ ଶାସନ, ଜଗତସିଂହପୁର
ଫୋନ - ୯୩୩୭୯୬୦୦୬୦

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପିଲାଙ୍କ ଉପନ୍ୟାସ : ଭାଗ-୧୯

ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୋମୁ ତ ହତାଶବୋଧରେ ଜଡ ପାଲଟି ଯାଇଥିଲା । ଟିନି ତାଙ୍କୁ ଜଣାଇଦେଇଛି ସେମାନଙ୍କୁ ଘଂଟାଏ ମଧ୍ୟରେ ଏଠାରୁ ଫେରିଯିବାକୁ ହେବ । ଖାଦ୍ୟ ପାନୀୟ ଜନିତ ମୃତ୍ୟୁ ଅପେକ୍ଷା ପ୍ରଫେସର୍ କବ୍‌ଜାରେ ରହିବାର କଷ୍ଟ ଅତ୍ୟନ୍ତ ଭୟାବହ । ପ୍ରଫେସର ପାଖରେ କେତେକ ପଜେଟିଭ୍ ସିଗ୍‌ନାଲ୍ ପଂହଚି ଯାଇଛି । ଏଣୁ ଟିନି ଚାହେଁ ପ୍ରଫେସର୍ ଆସି ପଂହଚିବା ପୂର୍ବରୁ ଟାଇମ୍ ମେସିନ୍‌ର ଟାଇମ୍ ବ୍ୟାକ କରି ସେମାନଙ୍କୁ ପୁଣି ତାଙ୍କ ସମୟକୁ ପଠାଇ ଦେବାକୁ , ମନୀଷ ଆଉ ଧୈଯ୍ୟ ଧରି ଚୁପ୍‌ଚାପ୍ ବସି ରହିଲାନି । ଟିନି ପାଖକୁ ଉଠିଯାଇ ଅନୁରୋଧ କଲା - ମତେ କିଛି କାମ ଶିଖାଇ ଦିଅ -ଯାହା ଦ୍ୱାରା ମୁଁ ତୁମକୁ କିଛିଟା ସାହାଯ୍ୟ କରିପାରିବି ।

ଚିନ୍ତିତା ଟିନି ମନୀଷ କଥା ଶୁଣି ଟିକେ ହସିଲା , ତାକୁ ଗୋଟାଏ କି ଧରାଇ ଦେଇ କହିଲା -ଏ ଓାଚ୍ ପଂଏଟକୁ ଘୁରାଇ ବ୍ୟାକ୍ କର । ମନୀଷକିଟିକୁ ଓାଚ୍ ପଂଏଟର ସଂଯୋଗ କଲା କିନ୍ତୁ ଘୁରାଇ ପାରିଲାନି । ଏବେ ସେ ଜାଣିପାରିଲା ଟିନି ଛୋଟ ହୋଇପାରେ ତାର କାମ ବଡ, ସେମାନଙ୍କଠାରୁ ସେ ଅଧିକ ଶକ୍ତିଶାଳିନୀ ।

ଟିନି ଏବେ ଆଖିବୁଜି କିଛି ଚିନ୍ତା କଲା, ତା' ମୁଣ୍ଡ ଚାରିପଟେ ଏକ ନୀଳଲୋହିତ ଚକ୍ର ଘୁରିବାକୁ ଲାଗିଲା । ଏହାଦ୍ୱାରା ଟିନିର ବ୍ରେନ୍ ପାଓାର୍ ରିଚାର୍ଜ ହେଲା । କେନ୍ଦ୍ରିତ ହେଲା ଅଧିକ କ୍ଷମତା । ତାକୁ ଦେଖି ସୋମୁ ତ ପୁରା ଡରିଗଲା । ଛାନିଆ ସେ ମନୀଷ୍‌କୁ ଜାବୁଡି ଧରିଲା । ତା'ର ମନେପଡିଗଲା ତାଙ୍କ ଦେବାଦେବୀଙ୍କ ମୁଣ୍ଡରେ ପଛପଟେ ଘୁରୁଥିବା ଚକ୍ର କଥା ଯେଉଁଟା ସେ ଟିଭି ସିରଏଲ୍‌ରେ ଦେଖିଚି । କିଛିକ୍ଷଣ ପରେ ଟିନି ପୁଣି ଆଖିଖୋଲିଲା । ତା'ମୁଣ୍ଡ ଚାରିପଟେ ଘୁରୁଥିବା ନୀଳଲୋହିତ ଚକ୍ର ଆଉ ନଥିଲା । ପୂର୍ବାପେକ୍ଷା କ୍ଷିପ୍ର ଗତିରେ ତା କାମକରି ଚାଲିଲା । ଗୋଟିକ ପରେ ଗୋଟିଏ ଓାଚ୍ ହ୍ୱିଲ୍ କାମ ମାତ୍ର ୩୦ ମିନିଟରେ କରିନେଲା ସେ । ଓାଚ୍ ଟାଓ୍ୱାର କାମ କରିବାକୁ ଆଉ ଜମା ଦୁଇ ମିନିଟ୍ ଲାଗିଲା ସବୁକାମ ସରିବା ପରେ ସେ ଖୁସିରେ ଏକ ପ୍ରକାର ନାଚିଗଲା । ତାକୁ ଦେଖି ମନୀଷ ଆଉ ସୋମୁ ବି ଆନନ୍ଦରେ ଆତ୍ମ ହରା ହୋଇପଡିଲେ । ଦୁହେଁ ଟିନିର ପାଦ ତଳେ ଲମ୍ବହୋଇ ପଡିଗଲେ । ଟିନି ସେମାନଙ୍କୁ ଆଶ୍ୱସନା ଦେଲା - ଆଉ ବିବ୍ରତ ହେବାର ନାହିଁ । ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତୁମ ଟାଇମ୍ ମେସିନ୍ କାମ ସରିଗଲା । ଆଉ ହଁ ....ମୁଁ ତୁମ ମେସିନ୍‌ର ଗତି ଅଧିକ କରିଦେଇଛି ଯେ ତୁମ ସମୟର ପରିମାଣ ଖୁବ୍ କମିଯିବ ।

ସୋମୁ ବିସ୍ମିତ ହୋଇ ପଚାରିଲା - ମାନେ... !

ମନୀଷ ତାକୁ ବୁଝାଇଲା - ଆରେ ବୋକା, ତୁ ଫିଲ୍ମ ଦେଖିନୁ ।

ମଣିଷ ସମୟ ଯାନରେ ଯାଇ ପୁଣି ନିଜ ସମୟକୁ ଫେରିଆସିଲା ବେଳକୁ କେତେ ବର୍ଷ ବିତି ଯାଇଥାଏ ମାନେ ତା ନାତି, ଅଣନାତି, ପଣନାତି ସମୟ ବି ହୋଇଯାଇଥାଏ ।

ସୋମୁ ଚମକି ପଡିଲା ... ଏଁ । ତୁ କଣ କହୁଛୁ ଆମେ ପଂହଚିଲା ବେଳକୁ ଆମ ବାପାବୋଉ ଆଉ ଆମ ସମୟର ଲୋକ ନଥିବେ .... !

ଟିନି କହିଲା- ଥିବେ.... ସମସ୍ତେ ଥିବେ । ତୁମେ ଯମା ଡରନା କି ମନ ଖରାପ କରନା । ତୁମେ ବିଜ୍ଞାନରେ ପଢୁଛ ନା ସ୍ପିଡ୍ ମାନେ ଗତି ଯଦି ବଢିଯିବ ଟାଇମ୍ ମାନେ ସମୟ କମିଯିବ । ମୁଁ ଠିକ୍ ସେହି ଅନୁସାରେ ଟାଇମ୍ ମେସିନ୍ ସ୍ପିଡ୍ ବଢାଇ ଦେଇଛି । ତୁମେ ତୁମ ସମୟରେ ପଂହଚିଲା ବେଳକୁ ମାତ୍ର ୨ ମାସ ଅତିକ୍ରମ କରିଥିବ ।

ସୋମୁ - ଦୁଇମାସ୍... !!!

ଟିନି ହସିହସି କହିଲା - ଏହାଠୁ କମ୍ ସମୟ ଆଉ ହେଇପାରିବ ନାହିଁ । ମୁଁ ମୋର ଲାଟେଷ୍ଟ ବ୍ରେନ୍ ପାଓାର ପ୍ରୟୋଗ କରିଛି

ମନୀଷ କହିଲା ଜାଣେ ଟିନି ...ତୁମ ପାଇଁ ଆମେ ଆଜି ପୁଣି ଆମ ସମୟକୁ ଫେରିଯାଉଛୁ । ଆମ ବାପା ମା, ଭାଇବନ୍ଧୁ ପ୍ରିୟ ପରିଜନଙ୍କ ଗହଣକୁ ଯେଉଁମାନେ ଆକୁଳରେ ଆମ ଫେରିବା ବାଟକୁ ଚାହିଁ ବସିଛନ୍ତି ।

(କ୍ରମଶଃ)

+ ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

# ସତକର୍ମରେ ବିଶ୍ୱାସ



ନଗେନ୍ଦ୍ର ନାଥ ପଟ୍ଟନାୟକ



କୁଳୁକୁଳୁ ଗୀତ ଗାଇ ବହିଯାଉଥିଲା ନଈଟିଏ । ତା'ର କୂଳକୁ ଲାଗି କାରୁକାର୍ଯ୍ୟ ଖୋଦିତ ଖୁବ୍ ସୁନ୍ଦର ଶିବ ମନ୍ଦିରଟିଏ । ଜଣେ ପଣ୍ଡିତ ଆଉ ଚୋରଟିଏ ନିଇତି ସେଇ ଶିବମନ୍ଦିରକୁ ଯାଉଥାନ୍ତି । ପଣ୍ଡିତ ଜଣକ ପୂଜାଥାଳିରେ ଫୁଲ, ଫଳ, କ୍ଷୀର ଚନ୍ଦନ ଧରି ଭଗବାନ ଶିବଙ୍କୁ ପୂଜା କରୁଥାଏ । ଏଣେ ଚୋରଟି ମଧ୍ୟ ରୋଜ ଯାତ୍ରୁସ୍ୟାତ୍ରୁ ମନ୍ଦକଥା ଗୁଡିଏ ଭଗବାନଙ୍କୁ ଶୁଣାଉଥାଏ । ଆଗପଛ ନ ଭାବି ନିଜକୁ ଧିକ୍କାର କରିବା ସହିତ ଭାଗ୍ୟକୁ ମଧ୍ୟ ନିନ୍ଦୁଥାଏ ।

ଦିନେ ପଣ୍ଡିତ ଆଉ ଚୋର ଦୁହେଁ ଏକାବେଳକେ ମନ୍ଦିର ଭିତରୁ ବାହାରିଆସିଲେ । ଖୋଜେ ବାଟ ଯାଉ ଯାଉ ଚୋର ସ୍ୱର୍ଣ୍ଣ ମୁଦ୍ରାଭରା ଥଳିଟିଏ ପାଇଲା । ଖୋଜିଲା ଧନ ପାଇଲା ଭଳି ଖୁସିରେ ଗଦଗଦ ହୋଇ ନାଚିଉଠିଲା ସେ ।

ଠିକ ସେତିକିବେଳେ ଖଣ୍ଡେ ଦୂରେ ଗଲାପରେ ମୁନିଆ କଂଟାଟିଏ ଟସ୍‌କିନା ଫୋଡିହୋଇ ଗଳିଗଲା ପଣ୍ଡିତ ଡାହାଣ ପାଦରେ । ଅହସ୍ୟ ପୀଡା ଯନ୍ତଣାରେ ପଣ୍ଡିତ ଛଟପଟ ହେବାକୁ ଲାଗିଲା । ମନେ ମନେ ଭାବିଲା ହେ ଭଗବାନ, ତୁମକୁ ମୁଁ ଭକ୍ତିରେ ନିଇତି ପୂଜାପାଠ କଲି । ଅଥଚ ତୁମେ ଏଡେ ନିଷ୍ଠୁର ଯେ ଆର୍ଶୀବାଦ ବଦଳରେ ମତେ ପୀଡା କଷ୍ଟ ଦେବାରେ ଲାଗିଛ । ନାନା ପ୍ରକାର କୁକର୍ମ କରି ସୁଦ୍ଧା ଏଇ ଚୋରଟିକୁ ତୁମେ ପୁରସ୍କାର ସ୍ୱରୂପ ମୂଲ୍ୟବାନ ସ୍ୱର୍ଣ୍ଣମୁଦ୍ରା ଭରା ଥଳିଟିଏ ଧରାଇଦେଲ । ଏ କି ପ୍ରକାର ନ୍ୟାୟ କହିଲେ ? ଏତିକିବେଳେ ମନ୍ଦିର ଭିତରୁ ଶୂନ୍ୟବାଣୀ ଶୁଣାଗଲା ହେ ପଣ୍ଡିତ ! ଆଜି ତୁମକୁ ଏକ ବଡ ଦୁଘର୍ଟଣାର ସମ୍ମୁଖୀନ ହେବାକୁ ପଡିଥିଲା । କିନ୍ତୁ ତୁମର ସତକର୍ମ ଯୋଗୁଁ ତୁମ ପାଦରେ କେବଳ ମୁନିଆ କଂଟାଟିଏ ଫୋଡିହୋଇ ଗଳିଗଲା । ତୁମେ ପୀଡା କଷ୍ଟ ଭୋଗି ମଧ୍ୟ ତହିଁରୁ ମୁକ୍ତି ପାଇପାରିବ । ସେପଟେ ଏଇ ଚୋରଟି କପାଳିଆ ହୋଇଥିବାରୁ ଅମାପ ଧନ ସଂପତି ଲାଭ କରିବାର ଯୋଗ ଥିଲା । ହେଲେ ନିଜର କୁକର୍ମ କାରଣରୁ ତାକୁ କେବଳ ଥଳିଏ ସ୍ୱର୍ଣ୍ଣମୁଦ୍ରା ମିଳିଗଲା ।

୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# ବହୁ ଶିଶୁ ମଲ୍ଟିସିଷ୍ଟମ୍ ଇନଫ୍ଲାମେଟୋରି ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୦/୯ (ନି.ପ୍ର): ରାଜ୍ୟରେ ଶିଶୁମାନଙ୍କ କୋଭିଡ ସଂକ୍ରମଣର ଏକ ମାସ ପରେ ଜନ୍ମରୁ ୧୦ ବର୍ଷ ପିଲାଙ୍କ ଭିତରେ ମଲ୍ଟିସିଷ୍ଟମ୍ ଇନଫ୍ଲାମେଟୋରି ସିଣ୍ଡ୍ରୋମର ସମ୍ଭାବନା ବଢି ଯାଉଥିବା ଦେଖା ଯାଉଛି । ମଲ୍ଟିସିଷ୍ଟମ୍ ଇନଫ୍ଲାମେଟୋରି ସିଣ୍ଡ୍ରୋମରେ ପୀଡ଼ିତ ବହୁତ ପିଲା ହୋଇ ଡାକ୍ତରଖାନାକୁ ଆସୁଛନ୍ତି । କୋଭିଡରୁ ସୁସ୍ଥ ହେବା ଏକ ମାସ ପରେ ସେମାନଙ୍କ ମୁଣ୍ଡବିନ୍ଧା, ଝାଡ଼ା ଓ ବାନ୍ତି ଆଦି ହେଉଛି । ଏହି ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେଇ ହସ୍ପିଟାଲରେ ଭର୍ତି ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି । ଏପରି କଲେ ମୃତ୍ୟୁହାର କମିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ପ୍ରଥମ ଲହରୀ ବେଳେ ଏହା ଦେଖା ଯାଉ ନଥିଲା । ହେଲେ ଦ୍ୱିତୀୟ ଲହରୀ ବେଳେ ଏହା ଦେଖା ଯାଉଛି । ସେ କହିଛନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସବୁ ହସ୍ପିଟାଲରେ ପିଲାଙ୍କ ପାଇଁ ଅକ୍ସିଜେନ ସିଲିଣ୍ଡର ଓ ବେଡ୍ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆଇସିୟୁ ଓ ଏଚଡିୟୁ ବ୍ୟବସ୍ଥା ପାଇଁ ବନ୍ଦୋବସ୍ତ ଚାଲିଛି । ଖୁବ ଶୀଘ୍ର ସବୁ ହସ୍ପିଟାଲରେ ଏହି ଚିକିତ୍ସା ସୁବିଧା ମିଳିବ । ବର୍ତ୍ତମାନ ସବୁ ମେଡିକାଲ କଲେଜରେ ଏହି ସୁବିଧା ଅଛି ବୋଲି ସେ କହିଛନ୍ତି ।

# ନମାମୀ ଗଙ୍ଗେର ପ୍ରଥମ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ଭୁବନେଶ୍ୱର,୧୦/୯ (ନି.ପ୍ର): ବିଜେପି ନଦୀ ସୁରକ୍ଷା ସମିତି (ନମାମୀ ଗଙ୍ଗେ)ର ଆଜି ପ୍ରଥମ ରାଜ୍ୟକର୍ମକର୍ତା ମାନଙ୍କର ବୈଠକ ବିଜେପି ରାଜ୍ୟକାର୍ଯ୍ୟାଳୟ ଠାରେ ରାଜ୍ୟସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ବୈଠକକୁ ଉଦ୍‌ଘାଟନ କରିଥିଲେ । ଆଗାମୀ ସେପ୍ଟେମ୍ବର ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ୭୧ତମ ଜନ୍ମ ଦିବସ ସାରା ରାଜ୍ୟରେ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ଓଡିଶାରେ ଯେତେ ପବିତ୍ର ନଦୀ ଅଛି ସେ ନଦୀକୁ ଆମେ ସଂସ୍କାର କରିବା ସହିତ ନଦୀ ସୁରକ୍ଷା ସମିତି (ନମାମୀ ଗଙ୍ଗେ) ତରଫରୁ ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୨୨ ଦିନ ଧରି ୭୧ଟି ଜାଗାରେ ନଦୀ ଗୁଡିକୁ ସଫାସୁତୁରା କରାଯିବ ଏବଂ ନଦୀର ଆଳତୀ ଓ ବନ୍ଦନା କରାଯିବା ପାଇଁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆହ୍ୱାନ ଦେଇଥିଲେ । ଭୁବନେଶ୍ୱରର ବିନ୍ଦୁସାଗର ଓ ପୁରୀରେ ନରେନ୍ଦ୍ର ପୁଷ୍କରିଣୀରେ ମଧ୍ୟ ବିଶେଷ ଆଳତୀ କରି ନରେନ୍ଦ୍ର ମୋଦିଜୀଙ୍କ ଉଦ୍ଦେଶ୍ୟରେ ନମାମୀ ଗଙ୍ଗେ ସମିତି ତରଫରୁ ବନ୍ଦାପନା ହେବ । ଏହି ବୈଠକରେ ଓଡିଶାର ଯେଉଁ ବ୍ୟାପକ ଭାବରେ ନଦୀକୁ ପ୍ରଦୂଷିତ କରାଯାଉଛି, କଳକାରଖାନାର ବର୍ଜ୍ୟବସ୍ତୁ ପାଣି ଦ୍ୱାରା ନଦୀ ପାଣି ପ୍ରଦୂଷିତ ହେଉଛି ତାହାର ପ୍ରତିବାଦରେ ନମାମୀ ଗଙ୍ଗେ ସମିତି କାର୍ଯ୍ୟ କରିବବୋଲି ଶ୍ରୀ ମହାନ୍ତି ମତବ୍ୟକ୍ତ କରିଛନ୍ତି । ଓଡିଶାରେ ଶାସକ ଦଳର ବାଲିମାଫିଆଙ୍କ ଦ୍ୱାରା କୋଟି କୋଟି ଟଙ୍କାର ବାଲିକୁ ହରିଲୁଟ୍ କରାଯାଉଛି ତାହା ବିରୁଦ୍ଧରେ ଭାରତୀୟ ଜନତାପାର୍ଟି ନଦୀ ସୁରକ୍ଷା କମିଟି ଆଗାମୀ ଦିନରେ କାମ କରିବ ସେହି ବିଷୟରେ ବିଶେଷ ଭାବରେ ଆଲୋଚନା କରାଗଲା । କମ୍ପାନୀ ମାନେ ଯେଉଁଭଳି ଭାବରେ ନଦୀର ପାଣିକୁ ଦୁରୁପଯୋଗ କରି ନିଜସ୍ୱ କଳକାରଖାନାକୁ ଅନ୍ୟାୟ ଭାବେ ନେଉଛନ୍ତି ତାର ପ୍ରତିବାଦରେ ନଦୀ ସୁରକ୍ଷା ସମିତି ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରିବ ବୋଲି ଶ୍ରୀ ମହେଶ୍ୱର ସାହୁ କହିଛନ୍ତି । ଏହି ବୈଠକରେ ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି, ବରିଷ୍ଠ ନେତା ତଥା ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସଜ୍ଜନ ଶର୍ମା ଓ ଓଡିଶାର ବିଶିଷ୍ଟ ଗବେଷକ ଅନୀଲ ଧୀର୍ ମତବ୍ୟକ୍ତ କରିଥିଲେ ।

# ହିରାଖଣ୍ଡ ଏକ୍ସପ୍ରେସ ଆଧୁନିକ ଏଲଏଚବି କୋଚ୍ ଶୁଭାରମ୍ଭ

ଭୁବନେଶ୍ୱର,୧୦/୯ (ନି.ପ୍ର): ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସର ନୂତନ ଏଲଏଚବି ରେକର ଶୁଭାରମ୍ଭ ହୋଇଛି । କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ରେଳ ଭବନରୁ ଭିଡିଓ କନଫରେନ୍ସିଂ ମାଧମରେ ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ମନ୍ତ୍ରୀ ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା; ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ସପ୍ତଗିରି ଶଙ୍କର ଉଲ୍ଲାକା, ବିଧାୟକ ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ଅନନ୍ତ ନାରାୟଣ ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର ରାଉତ, ମକରନ୍ଦ ମୁଦୁଲି ଏବଂ ପ୍ରଭୁ ଜାନୀ ପ୍ରମୁଖ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ।

ଯାତ୍ରୀମାନଙ୍କୁ ଉତମ ଓ ଆରାମ ଦାୟକ ଏବଂ ଜର୍କ ମୁକ୍ତ ଯାତ୍ରା ଯୋଗାଇବା ପାଇଁ ପୂର୍ବତଟ ରେଳପଥ ବର୍ତମାନ ଚାଲୁଥିବା ପାରମ୍ପାରିକ କୋଚଗୁଡ଼ିକୁ ବଦଳାଇ ଆଧୁନିକ ଲିଙ୍କେ-ହୋଫମାନ-ବୁଶ (ଏଲଏଚବି ) କୋଚ ସହିତ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ ଚଳାଚଳ କରାଇବାକୁ ନିଷ୍ପତି ନେଇଛି । ୦୮୪୪୫/୦୮୪୪୬ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ସ୍ୱତନ୍ତ୍ର ହିରାଖଣ୍ଡ ଏକ୍ସପ୍ରେସ ୧୦ ସେପଟ୍ମେର ଠାରୁ ଭୁବନେଶ୍ୱର ରୁ ଏବଂ ୧୧ ସେପଟ୍ମେର ଠାରୁ ଜଗଦଲପୁରରୁ ଯାତାୟାତ କରିବ । ସ୍ପେଶାଲ୍ ହୀରାଖଣ୍ଡ ଏକ୍ସପ୍ରେସ୍ ବର୍ତମାନ ପୂର୍ବ ଭଳି ୧୨ କୋଚ୍ ଯଥା ଗୋଟିଏ ଏସି-୨ ଟାୟାର, ଦୁଇଟି ଏସି ୩ ଟାୟାର, ଚାରିଟି ସ୍ଲିପର କ୍ଲାସ, ତିନିଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ଏବଂ ଦୁଇଟି ଗାର୍ଡ ତଥା ଲଗେଜ ଭ୍ୟାନ ମିଶ୍ରଣ ସହିତ ଚଳାଚଳ କରିବ ଏବଂ ଏହାର ଗଠନରେ କେବଳ ପାରମ୍ପରିକ କୋଚଗୁଡ଼ିକୁ ବଦଳାଇ ଏଲଏଚବି କୋଚ୍ ଦ୍ୱାରା ଚଳାଚଳ ହେବ । ଏଲ.ଏଚ.ବି. କୋଚ୍ ଆଂଟି ଟେଲିସ୍କୋପିକ । ଦ୍ୱୈତ ବଫର ପ୍ରଣାଳୀ ପରିବର୍ତେ କେନ୍ଦ୍ରୀୟ ବଫର କପଲିଙ୍ଗ ପ୍ରଣାଳୀ ଯୁକ୍ତ ଏହି ଆଧୁନିକ ପ୍ରଣାଳୀର ଏଲ.ଏଚ.ବି. କୋଚ ଦୁର୍ଘଟଣା ସମୟରେ କୋଚ ଉପରେ କୋଚ ଚଢି ନଯାଇ ପାଖାପାଖି ହୋଇ ରହିଯାଏ ଏବଂ କୋଚ ଗୁଡିକ ପୂର୍ବ କୋଚ ଭଳି ଓଲଟି ଯାଇନଥାଏ । ପୂର୍ବ ପ୍ରଚଳିତ କୋଚ ଅପେକ୍ଷା ଏହାର ଲମ୍ବା ଅଧିକ ଥିବାରୁ ଅଧିକ ବର୍ଥ କ୍ଷମତା ବୃଦ୍ଧି କରିଥାଏ । ଏହି ନୂତନ ପ୍ରଣାଳୀର କୋଚ୍ ଗୁଡିକର ରକ୍ଷଣାବେକ୍ଷଣ ଖର୍ଚ କମ ଅଟେ । ଏହା ମଧ ପୂର୍ବ ପ୍ରଚଳିତ କୋଚ୍ ତୁଳନାରେ କମ ଖର୍ଚରେ ଉପଲବ୍ଧ ଅଟେ ।

# ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଓ ଭୂସଂସ୍କାର କ୍ଷେତ୍ରରେ ସଦାଶିବ ତ୍ରିପାଠୀଙ୍କ ଭୂମିକା ଅତୁଳନୀୟ

ଭୁବନେଶ୍ୱର,୧୦/୯ (ନି.ପ୍ର): ବିଶିଷ୍ଟ ଶିକ୍ଷକ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିରୋଧିଦଳ ନେତା ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ୪୧ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଧାନୀ ଚିକିତ୍ସାଳୟ ନିକଟସ୍ଥ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ, ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ସଦାଶିବ ପ୍ରଧାନୀ, ପ୍ରକାଶ ଚନ୍ଦ୍ର ମାଝୀ, ରଘୁରାମ ପୋଡାଲ୍, ମକରନ୍ଦ ମୁଦୁଲି, ରଘୁନାଥ ଗମାଙ୍ଗୋ, ମୌଷଧି ବାଗ୍, ରମେଶଚନ୍ଦ୍ର ସାଏ, ମନୋହର ରାନ୍ଧାରୀ, ସୁରେଶ କୁମାର ରାଉତରାୟ, ବିଭାଗୀୟ ଶାସନ ସଚିବ, ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦାସ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର କୁମାର ମହାନ୍ତି, ରବି ନାରାୟଣ ନନ୍ଦ, ଦେବରାଜ ସେନାପତି, ସତ୍ୟବ୍ରତ ଜେନା, ଶ୍ରୀମତୀ ଦେବଜାନୀ ଦାସ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଅଧ୍ୟାପକ ରମେଶଚନ୍ଦ ପାତାଳସିଂହ, ରବିନ୍ଦ୍ରନାଥ ପଣ୍ଡା, ଜ୍ୟୋତିପ୍ରକାଶ ସାହୁ, ଦେବୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହିତ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ସ୍ୱର୍ଗତ ସଦାଶିବ ତ୍ରିପାଠୀ ଜଣେ ଜମିଦାର ସନ୍ତାନ ହୋଇ ଆଦ୍ୟ ଜୀବନରେ ଶିକ୍ଷକତା କରୁଥିବା ବେଳେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ କୋରାପୁଟ ଜିଲ୍ଲାର କୋଣ ଅନୁକୋଣରେ ସ୍ୱାଧୀନତାର ମନ୍ତ୍ରକୁ ଜନସାଧାରଣ ନିକଟରେ ପହ ାଇଥିଲେ ଓ ଏଥିପାଇଁ ଅକଥନୀୟ ନିର୍ଯ୍ୟାତନ ଭୋଗିବା ସହ କାରାବରଣ କରିଥିଲେ । ୧୯୩୬ମସିହାଠାରୁ ୧୯୭୧ ମସିହା ପର୍ଯ୍ୟନ୍ତ ବିଧାୟକ ଭାବରେ ନିର୍ବାଚିତ ହୋଇ ଲୋକସେବାରେ ନିଜକୁ ନିୟୋଜିତ କରିଥିଲେ । ରାଜସ୍ୱ ମନ୍ତ୍ରୀ ଭାବରେ ଭୂସଂସ୍କାର ଆଇନ୍ କାର୍ଯ୍ୟକାରୀ କରିବା ସହିତ ଭୂଦାନ ଯଜ୍ଞ ସମିତିରେ ନିଜକୁ ସାମିଲ୍ କରିଥିଲେ । ତାଙ୍କର ଜୀବନାଦର୍ଶ ସବୁବେଳେ ଯୁବ ଓ ଛାତ୍ର ସମାଜକୁ ଦେଶପ୍ରେମର ମନ୍ତ୍ର ପ୍ରଦାନ କରିଆସୁଅଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଶିଷ୍ଟ ପାଲାଗାୟକ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କୁ ସଦାଶିବ ତ୍ରିପାଠୀ ସ୍ମୃତିସମ୍ମାନରେ ସମ୍ମାନିତ କରାଯାଇଥିଲା । ପରିଶେଷରେ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶା ବିଜେପି ଚାଷୀ ବିରୋଧୀ : ବିଜେଡି

ଭୁବନେଶ୍ୱର,୧୦/୯ (ନି.ପ୍ର): ଓଡିଶା ବିଜେପି ବିଧାୟକମାନେ ସ୍ୱୀକାର କରିଛନ୍ତି ଯେ କେନ୍ଦ୍ରର ଅବହେଳା କାରଣରୁ ଓଡିଶା ଚାଷୀଙ୍କୁ ସାର ଉପଲବ୍ଧ ନହେବା ନେଇ ବିଜେଡି ବିରୋଧ କରୁଥିବାବେଳେ ଓଡିଶାର ବିଜେପି ବିଧାୟକମାନେ ରାଜ୍ୟର ଚାଷୀଙ୍କ କଲ୍ୟାଣ ପାଇଁ ଚିନ୍ତା କିମ୍ବା ସହାନୁଭୂତି ଦେଖାଇ ନାହାଁନ୍ତି । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଆଜିର ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକମାନେ ଚାଷୀ ପ୍ରସଙ୍ଗ ଉଠାଇବା ସହିତ ସ୍ୱାମୀନାଥନ୍ କମିଶନର ରିପୋର୍ଟ ଅନୁଯାୟୀ କୃଷକମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇବା ତଥା ଏହାର କାର୍ଯ୍ୟକାରିତା ଏବଂ ଓଡିଶା ଚାଷୀଙ୍କୁ କିପରି ବୀମା କମ୍ପାନୀ ଦ୍ୱାରା ପ୍ରତାରଣା କରାଯାଉଛି ଏବଂ ଏଫ୍‌ସିଆଇ ଚାଉଳ ଖରିଦ କରୁନଥିବାରୁ କୃଷକମାନେ କିଭଳି ପ୍ରତାରିତ ହେଉଛନ୍ତି ତାହା ଦର୍ଶାଇଥିଲା । ଅନ୍ୟପକ୍ଷରେ, ଓଡିଶା ବିଜେପି ବିଧାୟକମାନେ ଓଡିଶା ଚାଷୀଙ୍କ କଥା ଚିନ୍ତା କରୁନଥିବାରୁ ସେମାନେ ଓଡିଶାର ଚାଷୀଙ୍କ ସହ ଜଡିତ ନୁହଁନ୍ତି । ତେଣୁ ସେମାନେ ଓଡିଶା କୃଷକଙ୍କ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହାଁନ୍ତି ନାହିଁ ଏବଂ ଜାଣିଶୁଣି ଓଡ଼ିଶା ବିଧାନସଭାକୁ ଅଚଳ କଲେ ଏବଂ ଏ ବାବଦରେ ଆଲୋଚନା କରିବାକୁ ଚାହିଁଲେ ନାହିଁ । ବୋଧହୁଏ ଓଡିଶା ବିଜେପି ବିଧାୟକମାନେ ଦିଲ୍ଲୀରେ ଥିବା ସେମାନଙ୍କର ଦଳର ନେତୃତ୍ୱ ସହ ସହମତ ନୁହଁନ୍ତି ଯେଉଁମାନେ ସଂସଦ ଏବଂ ବିଧାନସଭାରେ ଆଲୋଚନା ଏବଂ ବିତର୍କ ହେବା ଉଚିତ ବୋଲି ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଓଡିଶାରେ ବିଜେପି ବିଧାୟକମାନେ ସେହି ନିର୍ଦ୍ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ଏବଂ ଓଡ଼ିଶା ବିଧାନସଭା କାର୍ଯ୍ୟରେ ବାଧା ଉପୁଯାଉଛନ୍ତି ଯାହା ଓଡିଶା ବିଜେପିର ଦୋ ମୁହାଁ ନୀତିକୁ ପ୍ରକାଶ କରୁଛି । ଓଡ଼ିଶାର ବିଜେପି ବିଧାୟକମାନେ କିଭଳି ବିଧାନସଭା କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ତାହା ଓଡିଶାବାସୀ ଦେଖୁଛନ୍ତି ଏବଂ ଆଗାମୀ ଦିନରେ ସେମାନଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀ ତଥା ସାରା ରାଜ୍ୟରେ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି ।

# ଶିଳ୍ପମନ୍ତ୍ରୀଙ୍କ ନିର୍ମାଣଧୀନ ପ୍ରେକ୍ଷାଳୟ କଳାମଣ୍ଡଳ ପରିଦର୍ଶନ

ଭୁବନେଶ୍ୱର,୧୦/୯ (ନି.ପ୍ର): ଆଜି ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଓ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୈନିକ ସ୍କୁଲ ନିକଟରେ ନିର୍ମାଣଧୀନ ଥିବା ବୃହତ୍ ପ୍ରେକ୍ଷାଳୟ "କଳା ମଣ୍ଡଳ" ବୁଲି ଦେଖିଛନ୍ତି । ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପ କାର୍ଯ୍ୟର ବିଳମ୍ବ ଏଡ଼ାଇବାକୁ ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ପ୍ରସ୍ତୁତ କରି କାର୍ଯ୍ୟର ଅଗ୍ରଗତି ତଦାରଖ କଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ପାରିବ ବୋଲି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ୨ ହଜାର ଆସନ ବିଶିଷ୍ଟ ଏହି ବୃହତ୍ ପ୍ରେକ୍ଷାଳୟର ନିର୍ମାଣ ଶେଷ ହେଲେ ରାଜ୍ୟର ଏହା ସବୁଠାରୁ ବଡ଼ ପ୍ରେକ୍ଷାଳୟ ହେବ । ପ୍ରାୟ ଶହେ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ରେକ୍ଷାଳୟ ପାଇଁ ୬ ଏକର ପରିମିତ ଜମି ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି । ଶୀତତାପ ନିୟନ୍ତ୍ରିତ ପ୍ରେକ୍ଷାଳୟରେ ଅତ୍ୟାଧୁନିକ ଆଲୋକ, ଦୃଶ୍ୟଶ୍ରାବ୍ୟ, ସ୍ୱୟଂଚାଳିତ ପରଦା, ଭିନ୍ନକ୍ଷମଙ୍କ ପାଇଁ ର୍ୟାମ୍ପର ବ୍ୟବସ୍ଥା ରହିଛି । ଏଥିସହିତ ବାହାରେ ୫ ଶହ ଆସନ ବିଶିଷ୍ଟ ଆମ୍ଫି ଥିଏଟର, ୬୨ ହଜାର ବର୍ଗଫୁଟ୍ ଅଂଚଳରେ ଭୂମିତଳ ପାର୍କିଂ, ଗ୍ରୀନ୍‌ରୁମ୍, ଗେଷ୍ଟରୁମ୍, ଭିଆଇପି ରୁମ୍, ଲବି ପ୍ରଭୃତି ରହିଛି । ଏହି ଅବସରରେ ଦୁଇ ମନ୍ତ୍ରୀ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଏବଂ ସ୍ଥପତିମାନଙ୍କୁ ନେଇ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଏଠାରେ ଉନ୍ନତମାନର ଉପକରଣ ଲଗାଇବା ସହିତ ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ କହିଥିଲେ । ଏହା ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ ଏବଂ ଏଠାରେ ରାଷ୍ଟ୍ରୀୟ ଓ ଆନ୍ତର୍ଜାତିକ ସ୍ତରର ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହୋଇପାରିବ ସେ ଦୃଷ୍ଟିରୁ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଏବଂ ରାଜ୍ୟର ସଂସ୍କୃତିକୁ ପ୍ରୋତ୍ସାହନ ମିଳିବା ସହିତ ରାଜ୍ୟର ସୁନାମ ବୃଦ୍ଧି ହେବ ବୋଲି ମନ୍ତ୍ରୀ ମତ ରଖିଥିଲେ । ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଂଜନ କୁମାର ଦାସ, ସ୍ଥପତି ଶ୍ରୀ ଅକ୍ଷୟ ବେଉରା ଓ ଅନ୍ୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୭୪୫ ସଂକ୍ରମିତ ଚିହ୍ନଟ: ୧୮ରୁ କମ୍ ବୟସ୍କ ୧୧୯ ଜଣ ଶିଶୁ ଓ କିଶୋରଙ୍କୁ କରୋନା

ଭୁବନେଶ୍ୱର,୧୦/୯ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୩୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୩୧୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୧୧୯ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୯୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୦ ଜଣ, ବାଲେଶ୍ୱରରୁ ୩୨ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୯ ଜଣ, କଟକରୁ ୧୨୦ ଜଣ, ଦେବଗଡ଼ରୁ ୬ ଜଣ, ଢେଙ୍କାନାଳରୁ ୯ ଜଣ, ଗଞ୍ଜାମରୁ ୩ ଜଣ, ଜଗତସିଂହପୁରରୁ ୧୮ ଜଣ, ଯାଜପୁରରୁ ୨୭ ଜଣ, କଳାହାଣ୍ଡିରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୧୮ ଜଣ, କେଉଁଝରରୁ ୫ ଜଣ, ଖୋର୍ଦ୍ଧାରୁ ୨୯୭ ଜଣ, କୋରାପୁଟରୁ ୧ ଜଣ, ମାଲକାନଗିରିରୁ ୧ ଜଣ, ମୟୂରଭଞ୍ଜରୁ ୩୨ ଜଣ, ନବରଙ୍ଗପୁରରୁ ୪ ଜଣ, ନୟାଗଡ଼ରୁ ୧୧ ଜଣ, ନୂଆପଡ଼ାରୁ ୨ ଜଣ, ପୁରୀରୁ ୧୭ ଜଣ, ରାୟଗଡ଼ାରୁ ୨ ଜଣ, ସମ୍ବଲପୁରରୁ ୧୦ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୨୪ ଜଣ ଓ ଷ୍ଟେଟ ପୁଲରୁ ୭୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦, ୧୫, ୦୮୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୯, ୯୯, ୮୫୯ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୭୦୮୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬ ଜଣ ସଂକ୍ରମିତଙ୍କ ପ୍ରାଣହାନି

ଭୁବନେଶ୍ୱର,୧୦/୯ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୦୮୪କୁ ବୃଦ୍ଧି ପାଇଛି । ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ସେହିପରି କରୋନାରେ ପ୍ରାଣ ହରାଇଥିବା ଆଉ ୬ ଜଣ ଲୋକଙ୍କ ସଂପର୍କରେ ସୂଚନା ଦେଇଛନ୍ତି ସରକାର । ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ମୃତକଙ୍କ ମଧ୍ୟରେ ଅନୁଗୁଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ମୟୂରଭଞ୍ଜ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି । ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୩୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୩୧୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୧୧୯ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦, ୧୫, ୦୮୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୯, ୯୯, ୮୫୯ ଜଣ ସୁସ୍ଥ ହୋଇଛନ୍ତି ।

# ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଶକ୍ତିମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦/୯ (ନି.ପ୍ର): ଆଜି ପୂର୍ବାହ୍ନରେ ଏମ୍ସ ଯାଇ ଚିକିତ୍ସାଧିନ ଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କୁ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ସାକ୍ଷାତ କରିଛନ୍ତି । ସେଠାରେ ଉଭୟ ମନ୍ତ୍ରୀ ପ୍ରାୟ ଅଧଘଂଟା ରହି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରାୟ ଛଅମାସ ତଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଶ୍ରୀ ନାୟକ ଏମ୍ସରେ ଚିକିତ୍ସାଧୀନ ରହିଛନ୍ତି । ମଝିରେ ତାଙ୍କ ସ୍ୱାସ୍ଥ୍ୟ ଅତି ଗୁରୁତର ହେବା ଯୋଗୁଁ ବହୁଦିନ ଯାଏଁ ଭେଂଟିଲେଟରରେ ରଖାଯାଇଥିଲା । ଏବେ ସେ ଭେଂଟିଲେଟରରୁ ବାହାରି ଥିଲେ ହେଁ ସ୍ୱାସ୍ଥ୍ୟ ଅତ୍ୟନ୍ତ ଦୁର୍ବଳ ଥିବା ଯୋଗୁଁ ସମ୍ପୂର୍ଣ୍ଣ ସୁସ୍ଥ ନହେବା ଯାଏଁ ବିଶେଷଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି ଜଣାପଡ଼ିଛି । ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନାୟକଙ୍କ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଶ୍ରୀ ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି ବୋଲି କହିଥିଲେ । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିରୋଧୀ ଦଳ ନେତାଙ୍କୁ ନୂଆଖାଇର ଅଭିନନ୍ଦନ ଆଗୁଆ ଜଣାଇବା ସହିତ ସମଗ୍ର କଳାହାଣ୍ଡିବାସୀ ଶ୍ରୀ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରୁଥିବା ଜଣାଇଥିଲେ । ନିଜ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ସହ ସମ୍ପୂର୍ଣ୍ଣ ସୁସ୍ଥ ନହେବାଯାଏଁ ନିଜକୁ ବାହ୍ୟ ବାତାବରଣରୁ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । କଳାହାଣ୍ଡି ଜିଲ୍ଲାବାସୀଙ୍କ ଶୁଭେଚ୍ଛା ତାଙ୍କ ସହିତ ରହିଛି ବୋଲି ଜଣାଇ ଶିଳ୍ପମନ୍ତ୍ରୀ ବିରୋଧୀ ଦଳ ନେତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

# ରାଜ୍ୟରେ ଗଣତନ୍ତ୍ର ବିପଦରେ, ବିଧାନସଭାକୁ ସରକାରଙ୍କ ଖାତିର ନାହିଁ : ବିଜେପି

ଭୁବନେଶ୍ୱର,୧୦/୯ (ନି.ପ୍ର): ଚଳିତ ବିଧାନସଭା ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେବାକୁ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର ବିଧାନସଭାରେ ଲଗାତାର ଅନୁପସ୍ଥିତି, ବାଚସ୍ପତିଙ୍କର ସରକାରଙ୍କ ପାଖରେ ଆତ୍ମସମର୍ପଣ, ଶାସକ ଦଳର ବିଧାୟକ ମାନଙ୍କର ରାଜନୈତିକ ନାଟକବାଜୀ ଓ ବିରୋଧୀ କଂଗ୍ରେସର ଶାସକ ବିଜେଡିର ବି ଟିମ୍ ଭଳି ଆଚରଣ ପାଇଁ ପ୍ରସଙ୍ଗମାନ ଆଲୋଚନା ହୋଇପାରିଲା ନାହିଁ । ଏହା ଗଣତନ୍ତ୍ରପାଇଁ ଶୁଭଙ୍କର ନୁହେଁ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ବିଜେପି ବିଧାୟକ ମାନେ ଅଭିଯୋଗ କରିଛନ୍ତି । ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିଜେ ବିଧାନସଭାକୁ ଆସୁନାହାଁନ୍ତି ବିଧାନସଭାର ଯେଉଁ ଗାରିମା ଅଛି ତାହା ନଷ୍ଟ ହୋଇଗଲେ ମଧ୍ୟ ସେଥିପ୍ରତି ଭୃକ୍ଷେପ ନାହିଁ । ବିଧାନସଭାକୁ କୋଭିଡ୍ ଆଳରେ ଗୋଟିଏ ଥର ଆସିଲେନାହିଁ କି ଲୋକଙ୍କ ସମସ୍ୟା ବିଷୟରେ ଶୁଣିଲେ ନାହିଁ । ଖଣିଦୁର୍ନିତି ବିଷୟରେ ଭାରତୀୟ ଜନତାପାର୍ଟି ମୁଲତବୀ ପ୍ରସ୍ତାବ ଦେଲେ ମଧ୍ୟ ଏହା ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ନୁହେଁ କହି ବାଚସ୍ପତି ତାହାକୁ ଖାରଜ କରୁଛନ୍ତି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଯାଉଥିଲେ ମଧ୍ୟ ବିଧାନସଭାର ବାଚସ୍ପତି ସରକାରଙ୍କର ହାତବାରିସି ସାଜିଛନ୍ତି । ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି ଯେ ମୁଖ୍ୟ ବିରୋଧୀ ଦଳ ଭାବେ ଭାରତୀୟ ଜନତାପାର୍ଟି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାନସଭାରେ ଆଲୋଚନା କରି ସରକାରଙ୍କ ଠାରୁ ସମାଧାନ ଚାହୁଁଥିଲା । ବିଜେପି ମରୁଡି ପ୍ରସଙ୍ଗ ଗୃହରେ ଆଣିବାରୁ କଂଗ୍ରେସ ବିଜେଡି ଇଙ୍ଗିତରେ ପ୍ରଥମ ଦିନ ଗୃହକୁ ଚଲାଇ ଦେଲାନାହିଁ । ପରବର୍ତୀ ପର୍ଯ୍ୟାୟରେ ଯେଉଁ ପାଂଚଟି ମୁଲତବୀ ପ୍ରସ୍ତାବ ଭାରତୀୟ ଜନତାପାର୍ଟି ଆଣିଥିଲା ତାହା ଭିତରୁ ଅନେକ ପ୍ରସ୍ତାବକୁ ବିଜୁ ଜନତାଦଳ ତାଙ୍କର ବି ଟିମ୍ କଂଗ୍ରେସ ଦଳ ମାଧମରେ ଭାରତୀୟ ଜନତାପାର୍ଟି ର ଅନେକ ପ୍ରସ୍ତାବକୁ ବନ୍ଦ କରାଇଲେ । ମୋହନ ମାଝୀ କହିଛନ୍ତି ଯେ ଗତ କାଲି ଠାରୁ ବିରୋଧୀ ଦଳ ତରଫରୁ ଗୁରୁତ୍ୱପୂର୍ଣ୍ଣ ଖଣି ଦୁର୍ନିତୀ କଥା ଉଠାଯିବା ପାଇଁ ଦାବୀ କରାଯାଉଥିଲା । ସରକାର ଜାଣିଶୁଣି ଖଣିଦୁର୍ନୀତି ଆଲୋଚନାକୁ ଆସିଲେ ସମ୍ପୂର୍ଣ୍ଣ ଭାବରେ ତାଙ୍କର ଦୁର୍ନିତୀ କଥା ପଦାରେ ପଡିବ ତାହାକୁ ଆଧାର କରି ବାଚସ୍ପତି ଆଗ୍ରାହ୍ୟ କରିଦେଲେ । ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଗତକାଲି ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେଇଥିବା ଦୁଷ୍ମନ୍ତ ଦାସଙ୍କର ରାତି ଅଧରେ ମୃତ୍ୟୁ ହେଲା । ପ୍ରଶାସନ ତରବରିଆ ଭାବରେ ତାଙ୍କର ପୋଷ୍ଟମର୍ଟମ କରାଇ ଶବକୁ ପରିବାରକୁ ନଦେଇ ଅନ୍ତିମ ସଂସ୍କାର କରିଲେ । ଦୁଷ୍ମନ୍ତ ଦାସ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଚିକିତ୍ସା ପାଇଁ ସାହାଯ୍ୟ ମାଗିଥିଲେ । ସେ ମରିବା ପୂର୍ବରୁ ମଧ କହିଛନ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାହାଯ୍ୟ ନମିଳିବାରୁ ସେ ଆତ୍ମହତ୍ୟା କରିବା ପାଇଁ ବାଧ ହେଲେ । ଏଥିରୁ ପ୍ରମାଣିତ ହେଉଛି ଯେ ରାଜ୍ୟରେ ସ୍ୱାସ୍ଥ୍ୟ ଅବସ୍ଥା ଏପରି ଚାଲିଛି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିପରି ଲୋକଙ୍କୁ ସାହାଯ୍ୟ କରୁଛି । ତାଙ୍କ ପରିବାରକୁ ଶବ ନଦେବା ଆହୁରି ଦୁଃଖଦ ଓ ନିନ୍ଦନୀୟ ଘଟଣା ଅଟେ । ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ଭାରତୀୟ ଜନତାପାର୍ଟି ଆଗରୁ ଦାବି କରିଛି । ଯଦି ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ ହୋଇଥାନ୍ତା ହୁଏତ ଆଜି ଦୁଷ୍ମନ୍ତ ଦାସଙ୍କ ଜୀବନ ଯାଇନଥାନ୍ତା । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ନାଉରୀ ନାଏକ, ସୁବାଷ ପାଣିଗ୍ରାହୀ, ଭାସ୍କର ମଢେଇ, କେ. ନାରାୟଣ ରାଓ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ନିତ୍ୟାନନ୍ଦ ଗଣ୍ଡ, ପ୍ରକାଶ ସୁରେନ୍, ନବ ମାଝୀ ଓ ଭବାନୀ ଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ କଟକଣା ଭିତରେ ହେଉଛି ଗଣେଶ ପୂଜା

ଭୁବନେଶ୍ୱର,୧୦/୯ (ନି.ପ୍ର): ଗତବର୍ଷ ଭଳି ଚଳିତ ବର୍ଷ ମଧ ବିଦ୍ୟାଳୟମାନଙ୍କରେ ପୂଜା ପାଳନ ଉପରେ କଟକଣା ରହିଛି । ବହୁ ବିଦ୍ୟାଳୟରେ କେବଳ ବିଧିରକ୍ଷା କରି ପୂଜା ପାଳନ କରାଯାଉଛି । ଶିକ୍ଷକ ଶିକ୍ଷୟିତ୍ରୀମାନେ କେବଳ ଫଟୋ ପୂଜାରେ ବିଧି ରଖୁଥିବା ଜଣାପଡ଼ିଛି । କୌଣସି ଛାତ୍ରଛାତ୍ରୀ ଏଥିରେ ସାମିଲ୍ ହୋଇପାରିବେ ନାହିଁ । ତେଣୁ ଛାତ୍ରଛାତ୍ରୀମାନଙ୍କ ମନରେ ସରସତା ନାହିଁ କି ଉତ୍ସାହ ନାହିଁ କହିଲେ ଚଳେ । ବହୁ ପିଲା ନିଆରା ଢ଼ଙ୍ଗରେ ଗଣେଶଙ୍କୁ ପୂଜା କରିବାକୁ ଯାଉଛନ୍ତି । ବିଦ୍ୟାଳୟରେ ନହେଲେ ବି ସେମାନେ ଘରେ ପୂଜା କରୁଛନ୍ତି । ତେଣୁ ବଜାରରୁ ସେମାନେ ବହୁ କୁନିକୁନି ଗଣେଶ ମୂର୍ତ୍ତି କିଣିଛନ୍ତି । କିଏ ମାଟି ମୂର୍ତ୍ତି କିଣିଛି ତ କିଏ ସହିତ ପ୍ଲାଷ୍ଟର ଅଫ୍ ପାରିସ୍ ମୂର୍ତ୍ତି କିଣିଛି । ବଡ଼ କଥା ହେଉଛି ପିଲାମାନେ ବିନା ପୂଜକରେ ପୂଜା କରିବେ । ପୂଜକ ଭାଇନା ମିଳିବା ଓ ଦକ୍ଷିଣା ସମସ୍ୟା ପାଇଁ ସେମାନେ ନିଜେ ମନ୍ତ୍ରପାଠ କରିବାକୁ ଯୋଜନା କରିଛନ୍ତି । ତେଣୁ ପୂଜା ବିଧି ବହି କିଣିଛନ୍ତି । ନିଜେ ନିଜେ ମୂର୍ତ୍ତି ସମ୍ମୁଖରେ ବହିରୁ ମନ୍ତ୍ର ପଢ଼ି ସେମାନେ ଗଣେଶଙ୍କୁ ଆବାହନ କରୁଛନ୍ତି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କରେ ନିଆରା ଗଣେଶ ପୂଜା । ଗଛକୁ ଗଜାନନ ରୂପ ଦେଇଛନ୍ତି ବକୁଳ ପାଠାଗାରର ସଦସ୍ୟମାନେ । ପୂଜା ସମୟରେ କୌଣସି ଜିନିଷ ନଷ୍ଟ ନ ହେବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ଗଛକୁ ପୂଜା କରିବା ବେଳେ ଦୁଇଟି ବାର୍ତ୍ତା ଦେଉଛନ୍ତି ବକୁଳ ପାଠାଗାର । ପ୍ରଥମତଃ କମ୍ ଖର୍ଚ୍ଚରେ ଗଣେଶ ପୂଜା ଓ ପୂଜା ମାଧମରେ କିପରି ପରିବେଶ ସୁରକ୍ଷା କରାଯାଇ ପାରିବ ସେ ବାର୍ତ୍ତା ଦିଆଯାଇଛି । କରୋନା ମହାମାରୀ ସହ ଲଢେଇ କରୁଛନ୍ତି ବିଘ୍ନବିନାଶକ । ମହାମାରୀ ଯୋଗୁଁ ଆଗଭଳି ଜାକଜମକରେ ପୂଜା ହେଉନାହିଁ । କିନ୍ତୁ ବିଭିନ୍ନ ସ୍ଥାନରେ ବିଭିନ୍ନ ରୂପରେ କଟକରେ ଗଣେଶ ପୂଜା ଚାଲିଛି ।

# ନୁଆପିଢୀ ବିପ୍ଳବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ
# ବାଘାଯତୀନଙ୍କ ୧୦୬ତମ ବଳିଦାନ ଦିବସ ପାଳିତ



ବାଲିଆପାଳ,୧୦/୦୯ (ନି.ପ୍ର): ଇଂରେଜଙ୍କ ବରିଧରେ ସଂଗ୍ରାମକରି ଅନେକ ବିପ୍ଳବୀ ନିଜ ଜୀବନକୁ ବଳିଦେଇଛନ୍ତି ।ସେମାନଙ୍କ ମଧ୍ୟରୁ ବାଘାଯତୀନ ଓ ତାଙ୍କ ସହେଯାଗୀ ମାନଙ୍କ ଅବଦାନ ଅତୁଳନୀୟ ।ସେହି ବିପ୍ଳବୀମାନଙ୍କ ଯୋଗୁଁ ଆମେ ସ୍ୱାଦୀନ ଭାରତର ନାଗରିକଭାବେ ପରିଚିତ ହୋଇପାରିଛୁ ।ତେଣୁ ସେହି ବିପ୍ଳବୀମାନଙ୍କୁ ଆଦର୍ଶକରି ଆଜି ନୁଆପିଢୀ କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାଇରଖିବାକୁ ଆଜି ବାଘାଯତୀଙ୍କ ୧୦୬ତମ ବଳିଦାନ ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ବାଲିଆପାଳ ବ୍ଲକ ପୂ ବିଭାଗ ଡାକବଙ୍ଗଳା ପରିସରରେ ବାଘାଯତୀନ ସ୍ମୃତିପରିଷଦ ବାଲିଆପାଳ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ପରିଷଦର ଆବାହକ ଅରବିନ୍ଦ ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଆତ୍ମାର ପୂର୍ବତନ ଅଧକ୍ଷ ମନ୍ମଥ କୁମାର ପାତ୍ର, ବାଲିଆପାଳ ପୂର୍ବତନ ସାମରିକସଂଘର ସଂପାଦକ ମନୋଜ କୁମାର ସୀ ବକ୍ତବ୍ୟ ପ୍ରଦାନକରି ବାଘାଯତୀନଙ୍କ ସଂଗ୍ରାମ ମାଟି ଭାବେ ବାଲେଶ୍ୱର ଆଜି ଗର୍ବୀତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଷିତିଶ ଜେନା,ସରୋଜ କର,ସୁଦାମ ଦାସ,ଜିତେନ୍ଦ୍ର ପାତ୍ର,ବିଶ୍ୱନାଥ ସେଠୀ,ନୀଳକଣ୍ଠ ଜେନା,ସଞ୍ଜୟ ଦାସ,କାର୍ତ୍ତିକ ଜେନା, ,କାଳିଚରଣ ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନକରି ବାଘାଯତୀନଙ୍କ ସ୍ମୃତିଚାରଣ କରିଥିଲେ ।

# କରୋନା ଯୋଗୁଁ ବାଲେଶ୍ୱରରେ ନିରାଡ଼ମ୍ବର ଗଣେଶ ପୂଜା

ବାଲେଶ୍ୱର,୧୦/୦୯ (ନି.ପ୍ର): କୋଭିଡ କଟକଣା ମଧ୍ୟରେ ସହର ସମେତ ସମଗ୍ର ବାଲେଶ୍ୱର ଜିଲାରେ ଶ୍ରଦ୍ଧା ଓ ଭକ୍ତିର ସହ ଅଗ୍ରପୂଜ୍ୟ ଆଦ୍ୟଦେବ ପ୍ରଭୁ ଲମ୍ବୋଦରଙ୍କ ପୂଜାର୍ଚ୍ଚନା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ସ୍ୱତନ୍ତ୍ର ନିର୍ଦ୍ଦେଶନାମା ତଥା ମାର୍ଗଦର୍ଶିକା ଅନୁଯାୟୀ ଜିଲାବାସୀ ସାମୂହିକ ପୂଜା ଓ ମିଳିତ କାର୍ଯ୍ୟକ୍ରମରୁ ନିବୃତ ରହିଥିବା ପରିଲକ୍ଷିତ ହୋଇଛି । ପ୍ରଶାସନର ନିର୍ଦ୍ଦେଶାନୁସାରେ କୌଣସି ସ୍ଥାନରେ ମୂର୍ତ୍ତିର ଉଚ୍ଚତା ୪ ଫୁଟରୁ ଅଧିକ କରାଯାଇ ନଥିବା ଦେଖିବାକୁ ମିଳିଛି । ସେହିପରି ଡାକବାଜି ଯନ୍ତ୍ର ବ୍ୟବହାର ମଧ୍ୟ ହୋଇନାହିଁ । ପ୍ରତ୍ୟେକ ପୂଜା ମଣ୍ଡପରେ ପୂଜକ, କର୍ତ୍ତାଙ୍କୁ ମିଶାଇ ୭ଜଣରୁ କମ ବ୍ୟକ୍ତି ଉପସ୍ଥିତ ରହି ପୂଜାର୍ଚ୍ଚନା କରିଛନ୍ତି । ସେହିପରି ଶିକ୍ଷାନୁଷ୍ଠାନଗୁଡିକରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କାଁଭାଁ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ କେବଳ ବିଧିରକ୍ଷା ପୂର୍ବକ ପୂଜା କରାଯାଇଛି । ଅନ୍ୟପକ୍ଷରେ ଘର ପରିବାର ମଧ୍ୟରେ ସମସ୍ତେ ଗଣପତିଙ୍କୁ ଉପାସନା କରିଛନ୍ତି । ତେବେ ୩୦ରୁ ଉର୍ଦ୍ଧ୍ୱ ଆକର୍ଷଣୀୟ ସାର୍ବଜନୀନ ଗଣେଶଙ୍କ ମେଢ଼ ସ୍ଥାପନ ସମସ୍ତଙ୍କ ପାଇଁ ଆକର୍ଷଣର ବଳୟ ସୃଷ୍ଟି କରିଥିବା ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗ ସମ୍ପୂର୍ଣ୍ଣ ଖାଁ ଖାଁ ଲୁଗଛି । ପ୍ରଶାସନର ନିୟମ ମାନି ହାତଗଣତି ୨/୪ଟା କ୍ଲବର ସଦସ୍ୟମାନେ ମଣ୍ଡପ ପୂଜା ଆୟୋଜନ କରିଥିବା ଦେଖିବାକୁ ମିଳିଛି । ସେହିଭଳି ବାଲେଶ୍ୱରର ସର୍ବୋଚ୍ଚ ତୋରଣ ସାଙ୍ଗକୁ ବଡ଼ ଗଣେଶ ମୂର୍ତ୍ତି ପୂଜା କରାଯାଉଥିବା ଫକୀର ମୋହନ ଗୋଲେଇର ଲରି କ୍ଲବ ବି କୋଭିଡ ନିୟମ ମାନି ଚଳିତ ବର୍ଷର ପୂଜା ବିଧିରକ୍ଷାରେ କରିଛି । ପ୍ରଶାସନର ମାର୍ଗଦର୍ଶିକା ଅନୁସାରେ ଆସନ୍ତା ୧୨ ତାରିଖ ସକାଳ ୯ଟାରୁ ଅପରାହ୍ନ ୫ଘଟିକା ମଧ୍ୟରେ ମୂର୍ତ୍ତି ବିସର୍ଜନ ସମ୍ପନ୍ନ ହେବ । ବିନା ଭାସାଣି ଶୋଭାଯାତ୍ରାରେ ପ୍ରଶାସନ ଦ୍ୱାରା ଚିହ୍ନଟ କୃତ୍ରିମ ଜଳାଶୟରେ ମୂର୍ତ୍ତି ବିସର୍ଜନ କରାଯିବ । ତୃତୀୟ ଲହରର କରୋନା ସଂକ୍ରମଣ ଆଶଙ୍କା ଯୋଗୁଁ ପ୍ରଶାସନର ନିର୍ଦ୍ଦେଶାନୁସାରେ ଚଳିତ ଗଣେଶ ପୂଜା କଟକଣା ମଧ୍ୟରେ ନିରାଡ଼ମ୍ବର ଭାବେ ଆୟୋଜିତ ହୋଇଥିବା ବେଳ ଆଗାମୀ ଦିନରେ ଦୁର୍ଗା ପୂଜାରେ ସ୍ଥିତି କ'ଣ ରହିବ ଓ କଟକଣା କହୋଳ ହେବ କି ନାହିଁ, ତାହାକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି ଜିଲାବାସୀ ।

## କୋରାପୁଟ, ମାଲକାନଗିରିରେ ନୂତନ ଜିଲ୍ଲା ଅଦାଲତ ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର,୧୦/୦୯(ନି.ପ୍ର): ଜୟପୁରଠାରେ କୋରାପୁଟ ଜିଲ୍ଲା ଅଦାଲତର ନୂତନ ଗୃହ ଏବଂ ମାଲକାନଗିରିଠାରେ ମାଲକାନଗିରି ଜିଲ୍ଲାର ନୂତନ ଅଦାଲତ ଗୃହ ଉଦ୍‌ଘାଟନ କରିଛନ୍ତି । ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ଜଷ୍ଟିସ ତଥା ସବଅର୍ଡିନେଟ୍ କୋର୍ଟ ବିଲ୍‌ଡିଂ କମିଟିର ଅଧକ୍ଷ ଏସ୍ ପୂଜାହାରୀ, ଓଡ଼ିଶା ହାଇକୋର୍ଟ ଜଷ୍ଟିସ ତଥା କୋରାପୁଟ ପ୍ରଶାସନିକ ବିଚାରପତି ଏବଂ ମାଲକାନଗିରି ନ୍ୟାୟାଧିଶ ଏସ୍.କେ. ପାଣିଗ୍ରାହୀ ଉପସ୍ଥିତି ଥିଲେ । ଏହି କାର୍ଯ୍ୟକ୍ରମରେ ଡ. ଜଷ୍ଟିସ୍ ବି.ଆର. ଷଡଙ୍ଗୀ, ଜଷ୍ଟିସ୍ ଏସ୍.କେ. ସାହୁ, ଜଷ୍ଟିସ୍ ସାବିତ୍ରୀ ରଥ ପ୍ରମୁଖ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦାନ କରିଥିଲେ ।

## ବିଜେପି ମିଡିଆ ସହ ସଂଯୋଜକ ସୁଜିତ୍ ଦାସଙ୍କ ପିତୃ ବିୟୋଗ

ଭୁବନେଶ୍ୱର,୧୦/୦୯ (ନି.ପ୍ର): ମିଡିଆ ସହ ସଂଯୋଜକ ସୁଜିତ୍ କୁମାର ଦାସଙ୍କ ପିତା ଶିବଦତ ଦାସ ୮୪ ବର୍ଷ ବୟସରେ ଇହଲୀଳା ତ୍ୟାଗ କରିଛନ୍ତି । ସ୍ୱର୍ଗତଃ ଦାସ ଜଣେ ଫୁଟବଲ ଖେଳାଳି ଭାବେ ଭୁବନେଶ୍ୱର ଓ କଟକର ବିଭିନ୍ନ ପ୍ରତିଷ୍ଠିତ କ୍ଲବ ତଥା ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରି ରାଜ୍ୟରେ ଫୁଟବଲ ଖେଳର ବିକାଶ ପାଇଁ ଉଦ୍ୟମ କରି ଆସୁଥିଲେ । ସ୍ୱର୍ଗତଃ ଦାସଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ସଂଗଠନ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି, ବିଧାୟକ ଡ. ମୁକେଶ ମହାଲିଙ୍ଗ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରୀ ନାଏକ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ,ସଜ୍ଜନ ଶର୍ମା, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଓ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ପ୍ରମୁଖଙ୍କ ସହ ଦଳର ବହୁ ନେତୃବୃନ୍ଦ ପହଂଚି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦୁଷ୍ମନ୍ତଙ୍କ ମୃତ୍ୟୁ ପଛରେ....

କରିଛନ୍ତି । ଏହାପରେ ପୁଲିସ ଛାନଭିନ ଆରମ୍ଭ କରିଛି । ଦୁଷ୍ମନ୍ତଙ୍କ କହିବା କଥା ହେଲା ଜଗତସିଂହପୁର ଜିଲ୍ଲା କୁଜଙ୍କ ପଙ୍କପାଳ ଅଂଚଳର ଦୁଷ୍ମନ୍ତ ଦାସ ଗତବର୍ଷ ମାର୍ଚ୍ଚରେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଘରକୁ ଫେରୁଥିବା ବେଳେ ପିକଅପ୍ ଭ୍ୟାନ୍ ଧକ୍କାରେ ତାଂକ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ପ୍ରଥମେ ତାଂକୁ ଜଗତସିଂହପୁର ମେଡିକାଲ ଓ ପରେ ଏସସିବିରେ ଭର୍ତ୍ତି କରାଯାଇଥିଲା । ଏସସିବିରେ ଅସ୍ତ୍ରୋପଚାର ବି କରାଯାଇଥିଲା । ହେଲେ ଦୀର୍ଘଦିନ ପରେ ବି ଗୋଡ଼ରୁ ଯନ୍ତ୍ରଣା କମି ନଥିଲା । ବାମ ଗୋଡ଼ ସଠିକ ଭାବେ କାମ ନକରିବାରୁ ଚାଲିବା ବି ତାଂକ ପକ୍ଷେ କଷ୍ଟକର ହୋଇପଡ଼ିଥିଲା । ତେଣୁ ସେ ଓ ପରିବାର ପାଇଁ ଇଛାମୃତ୍ୟୁ ଆବେଦନ କରିଥିଲେ । ଆଉ ଏଥିପାଇଁ ସେ ସରକାରଙ୍କୁ ଟ୍ୱିଟ କରିଥିଲେ ।

## ବଢିବନି ଦେବୀଙ୍କ....

ସଂଖ୍ୟା ବଢୁଛି । ଆମ ଦେଶର କେରଳ ରେ ଓନାମ ପର୍ବ ପାଳନ ପରେ ପଜିଟିଭ ସଂଖ୍ୟା ବଢିଛି । କୁମ୍ଭମେଳା ଏବଂ ଓନାମ ପର୍ବରୁ ଶିକ୍ଷା ଲାଭ କରିବା ଏବଂ ନିୟମ ମାନି ପର୍ବ ପାଳନ କରିବାକୁ ଏସଆରସି କହିଛନ୍ତି । ଆମେ କରୋନାର ୨ଟି ଲହର ଦେଖି ସାରିଲେଣି । ଆମେ ଜୀବନ ସହ ଜୀବିକାକୁ ଗୁରୁତ୍ୱ ଦେଇଛୁ ।ଜନସ୍ୱାର୍ଥ ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଅନେକ କ୍ଷେତ୍ରରେ କଟକଣା ରଖିଛୁ । କରୋନାର ମୂଳମନ୍ତ୍ର ସାମାଜିକ ଦୂରତା ବଜାୟ ରଖିବା । ତେଣୁ ମାସ୍କକୁ ସଠିକ ଢଙ୍ଗରେ ପିନ୍ଧିବା, ହାତକୁ ବାରମ୍ବାର ଧୋଇବା ବୋଲି ଏସଆରସି ପରାମର୍ଶ ଦେଇଛନ୍ତି ।

## ଭବାନୀପୁରରୁ ପ୍ରିୟଙ୍କା ....

ସୁପ୍ରିମୋଙ୍କ ଆଇନ ପରାମର୍ଶଦାତା ଥିଲେ ପ୍ରିୟଙ୍କା । ଆଉ ସେବେଠାରୁ ପ୍ରିୟଙ୍କାଙ୍କ ଉପରେ ଦଳର ନଜର ଥିଲା । ଆଉ ଆଜି ମମତାଙ୍କ ବିରୋଧରେ ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କରି ରଣହୁଙ୍କାର ଦେଇଛି ବିଜେପି । ମମତାଙ୍କ ପାଇଁ ଭବାନୀପୁର ଉପ-ନିର୍ବାଚନ ଜିତିବା ନିହାତି ଆବଶ୍ୟକ । ନଚେତ ମମତାଙ୍କ ହାତରୁ ମୁଖ୍ୟମନ୍ତ୍ରୀ ଆସନ ଖସି ଯାଇପାରେ । କାରଣ ବିଧାୟକ ନଥାଇ ମଧ ଯଦି କେହି ମୁଖ୍ୟମନ୍ତ୍ରୀ ହୋଇଥାନ୍ତି ତେବେ ୬ ମାସ ମଧରେ ନିର୍ବାଚିତ ହେବାକୁ ପଡିଥାଏ । ତେଣୁ ଉଭୟ ମମତା ଓ ଟିଏମସି ପାଇଁ ଏହି ଉପ-ନିର୍ବାଚନ ବେଶ ଗୁରୁତ୍ୱ ବହନ କରୁଛି । ଅନ୍ୟପଟେ ଶାସନ କ୍ଷମତାରୁ ମମତାଙ୍କୁ ହଟାଇବାକୁ ବିଜେପି ପାଇଁ ଏହା ସବୁଠୁ ବଡ ସୁଯୋଗ । ଯେଉଁଥିପାଇଁ ପୂରା ରଣନୀତି ସହ ନିର୍ବାଚନ ମୈଦାନକୁ ଓହ୍ଲାଇଛି ବିଜେପି । ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କରିବା ପୂର୍ବରୁ କେବଳ ଭବାନୀପୁର ଆସନ ପାଇଁ ସାଂସଦ ଅର୍ଜୁନ ସିଂହଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଛି । ଅର୍ଜୁନଙ୍କ ସହ ସାଂସଦ ସୌମିତ୍ର ଖାନ୍ ଓ ଜ୍ୟୋର୍ତିମୟ ସିଂଙ୍କୁ ସହ-ପ୍ରଭାରୀ ଦାୟିତ୍ୱ ଦେଇଛି ଦଳ ।ଏପରିକି ବୁଥ୍ ସ୍ତରରେ ଭୋଟ ଜଗିବାକୁ ଦଳ ୮ ଜଣ ବିଧାୟକଙ୍କୁ ମଧ ଦାୟିତ୍ୱ ବାଣ୍ଟିଛି । ଭବାନୀପୁର ଆସନ ପାଇଁ କଂଗ୍ରେସ କୌଣସି ପ୍ରାର୍ଥୀ ଦେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ବାମମୋର୍ଚ୍ଚାରୁ ଶ୍ରୀଜୀବ ବିଶ୍ୱାସ ପ୍ରାର୍ଥୀ ହୋଇଛନ୍ତି । ଭବାନୀପୁର ଆସନ ସହ ପଶ୍ଚିମବଙ୍ଗର ଆଉ ଦୁଇ ବିଧାନସଭା ଆସନ ଶମସେରଗଞ୍ଜ ଓ ଜାଙ୍ଗିପୁରରେ ମଧ ନିର୍ବାଚନ ହେବ । ତେବେ ଭବାନୀପୁରରୁ ଆଜି ନାମାଙ୍କନପତ୍ର ଦାଖଲ କରିବେ ମମତା ।

## ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ'....

ରେଳବାଇ କ୍ଷେତ୍ରରେ ବିପୁଳ ଅର୍ଥ ମିଳିଛି । ନୂଆ ରେଳ ଲାଇନ, ରେଳ ଲାଇନର ଦୋହରୀକରଣ, ବିଦ୍ୟୁତକରଣ, ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଆନୁଷାଙ୍ଗିକ ସୁବିଧାକୁ ମୋଦି ସରକାରରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି । ଓଡ଼ିଶା ପରି ରାଜ୍ୟର ସାଧାରଣ ଲୋକମାନେ ଉଡାନ୍ ଯୋଜନାରେ ବିମାନ ସେବାର ଲାଭ ପାଇପାରୁଛନ୍ତି । ଜନଜାତି ଅଧ୍ୟୁଷିତ ଅଂଚଳ ସୁଦୂର ରାୟଗଡ଼ା - କୋରାପୁଟ ଅଂଚଳର ଲୋକମାନେ ଟ୍ରେନରେ ଯାତ୍ରା କରିପାରିବାର ସ୍ୱପ୍ନ ମଧ ସାକାର ହୋଇପାରିଛି । ଏହା କଲ୍ୟାଣକାରୀ ମୋଦି ସରକାରଙ୍କ କାରଣରୁ ସମ୍ଭବ ହୋଇପାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ବାରିପଦାରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱାରା ଅକ୍ସିଜେନ ପ୍ଲାଂଟ ଉଦଘାଟିତ



ବାରିପଦା,୧୦/୦୯ (ନି.ପ୍ର): କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଅବସରରେ ଆଜି ଅପରାହ୍ନରେ ମୟୂରଭଞ୍ଜର ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ପିଏମ କେୟାରର୍ସ ଫଣ୍ଡ ଜରୁରୀ କାଳୀନ ପାଂଠି ସହାୟତାରେ ୧୦୦୦ ଏଲଏମପି କ୍ଷମତା ବିଶିଷ୍ଟ ନୂତନ ଅକ୍ସିଜେନ ପ୍ଲାଂଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ଅକ୍ସିଜେନ ପ୍ଲାଂଟ କାର୍ଯ୍ୟକାରୀ ହେବା ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ଠାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲ ଏବଂ ସମଗ୍ର ଜିଲ୍ଲାର ଥିବା ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ମାନେ ସେମାନଙ୍କ ଆବଶ୍ୟକ ସମୟରେ ନିରବଚ୍ଛିନ୍ନ ଭାବରେ ଅକ୍ସିଜେନ ପାଇପାରିବେ ଏବଂ ଏଠାରେ ଦୁଇ ପ୍ରକାର ଅକ୍ସିଜେନ ସୁବିଧା ଉପଲବ୍ଧ ହେବାର ବ୍ୟବସ୍ଥା କରାଯାଇଛି । ବାୟୁମଣ୍ଡଳରୁ ଅକ୍ସିଜେନ ସଂଗୃହୀତ (ଚାପ ଅବଶୋଷଣ ବ୍ୟବସ୍ଥାରେ ମେଡିକାଲ ଅକ୍ସିଜେନ ଉତ୍ପାଦନ ଓ ବଂଟନ) ବ୍ୟବସ୍ଥା ଏବଂ ଲିକୁଇଡ ଅକ୍ସିଜେନ ସିଲିଣ୍ଡର (ତରଳ ମେଡିକାଲ ଅକ୍ସିଜେନ ସଂରକ୍ଷଣ ଓ ବଂଟନ) ଉଭୟ ସେବା ଉପଲବ୍ଧ ହେବ । ଏହି ଅବସରରେ ଆୟୋଜିତ ଉଦଘାଟନ ଉତ୍ସବରେ ସିଡିଏମଓ ଡା. ରୂପଭାନୁ ମିଶ୍ର, ଡିଏମଓ ଏମଏସ ତଥା ସୁପରିନଟେଣ୍ଡେଟ ଡାଃ ନୀହାରରଞ୍ଜନ ଦାସ, କୋଭିଡ ନୋଡାଲ ଅଫିସର ଡା. ଜ୍ଞାନ ରଞ୍ଜନ ମହାନ୍ତି, ହସପିଟାଲ ମେନେଜର ସମୀର ରଞ୍ଜନ ମହାପାତ୍ର, ପ୍ରମୁଖଙ୍କ ସହିତ ହସପିଟାଲର ବହୁ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ତଥା ବହୁ ମାନ୍ୟ ଗଣ୍ୟ ଜନସାଧାରଣ ଉପସ୍ଥିତ ଥିଲେ ।

# ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ରହିଛି ପ୍ରମୁଖ ଭୂମିକା : ୧୦ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୦/୯(ନି.ପ୍ର): ସବୁବର୍ଷପରି ଗତ ବୁଧବାର ସଂଧ୍ୟାରେ ରୋଟାରୀ କ୍ଲବର ଜଳେଶ୍ୱର ଶାଖା ପକ୍ଷରୁ ରାଷ୍ଟ୍ର ନିର୍ମାଣ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବର ସଭାପତି ରାଜେଶ କୁମାର ଖଟୁଆ ଅଧ୍ୟକ୍ଷତା କରି ସୁସ୍ଥ ସମାଜ ଗଠନରେ ଗୁରୁମାନଙ୍କ ଭୂମୀକା ଗୁରୁତ୍ୱପୂର୍ଣ୍ଣବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଜିତାରାମ ଦେ ଯୋଗ ଦେଇ ପୁସ୍ତକ ନଥିବା ଘର ଶ୍ମଶାନ ସମାନ ଓ ଏଥିପାଇଁ ବାପା ମାଙ୍କ ଭୂମୀକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଯେଉଁ ଦେଶରେ ଶିକ୍ଷକ ଯେତେ ଦୃଢ ସେ ଦେଶର ଶିକ୍ଷା ବ୍ୟବସ୍ଥା ସେତେ ଉନ୍ନତ । ଅତିଥିଭାବେ ଲେଲିନ୍ ପ୍ରଧାନ ଯୋଗ ଦେଇ ଶିକ୍ଷକତା ବୃତ୍ତି ନୁହେଁ ବ୍ରତ ହେବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଂନର ଶିକ୍ଷା ଅଧ୍ୟକ୍ଷ ସତ୍ୟବ୍ରତ ଜେନା ଯୋଗ ଦେଇ ସୁ ନାଗରିକ ରାଷ୍ଟ୍ର ନିର୍ମାଣରେ ସକରାତ୍ମକ ଚିନ୍ତା କରିଥାଏ ବୋଲି କହିଥିଲେ । ସମ୍ପାଦକ ମଣିଭଦ୍ର ଜେନା ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କକରିଥିଲେ । ଏଥିରେ ଜଳେଶ୍ୱର ଓ ଭୋଗରାଇର ବିଶିଷ୍ଟ ଶିକ୍ଷକ ରାଜେଶ କୁମାର ହାଁସଦା, ଚନ୍ଦନ କୁମାର ସେଠୀ, ପ୍ରଦୀପ କୁମାର ସିଂ, ଚନ୍ଦନ କୁମାର ସାସମଲ, ସସ୍ମିତା ସିଟ, ପ୍ରଦୀପ କୁମାର ଜେନା, ଶିବଶଂକର ଦାସ, ଆଶାଲତା ଦତଉ, ଗୀତାମଣୀ ଗିରି ଓ ରାଜେନ୍ଦ୍ର ବିକାଶ ପାତ୍ରଙ୍କୁ ଗୁରୁଙ୍କ ଦାୟିତ୍ୱ ଲାଗି ଶିକ୍ଷାସମ୍ମାନ ପ୍ରଦାନ କରାଯାଇଥିଲା ।

# ରାଜଧାନୀରେ ୨୪ ଘଂଟାରେ ୨୮୮ ପଜିଟିଭ୍

ଭୁବନେଶ୍ୱର,୧୦/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଦିନ ଆଉ ୨୮୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୯୦ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୯୮ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୭୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଲୋକାଲ ମାମଲା ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଓଲ୍ଡ ଟାଉନ୍ ଓଝାରପଡାରୁ ୧୦ ଜଣ ଲେଖାଏଁ , ଖଣ୍ଡଗିରିରୁ ୯ଜଣ, ପଟିଆ , ରସୁଲଗଡ ଓ ସହୀଦନଗରର ୮ ଜଣ ଲେଖାଏଁ , ଶୈଳଶ୍ରୀବିହାର, ଡୁମଡୁମା, ପୋଖରୀପୁଟ , ଚନ୍ଦ୍ରଶେଖରପୁର ଓ ଭୀମଟାଙ୍ଗୀରୁ ୬ ଜଣ ଲେଖାଏଁ, ବରମୁଣ୍ଡା, ୟୁନିଟ ୬ ଓନିଳାଦ୍ରୀବିହାରର ୫ ଜଣ ଲେଖାଏଁ, ବଡଗଡ, ଆଇଆରସି ଭିଲେଜ, ଜାଗମରା, ଶିଶୁ ବିହାର, ସୁନ୍ଦରପଦା ,ବିଜେବି ନଗର ,ୟୁନିଟ୍ ୮ ଓ ୟୁନିଟ ୯ ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୯୦୭୮ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୪୭୧୬ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୩୩୩୨ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୦୯ କୁ ବୃଦ୍ଧି ପାଇଛି ।

## ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୦/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୦୮୪ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଅନୁଗୁଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ମୟୂରଭଞ୍ଜ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରାଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ଉନ୍ନୟନ କମିଟି ପକ୍ଷରୁ ସହିଦ ବୀର ବାଘାଯତୀନଙ୍କ ବଳିଦାନ ଦିବସ

ବାଲେଶ୍ୱର,୧୦/୦୯ (ନି.ପ୍ର): ବାଘାଯତୀନ ଉନ୍ନୟନ କମିଟି ପକ୍ଷରୁ ସଂଗ୍ରାମୀ ବୀର ବାଘାଯତୀନ ଓ ସାଥୀଙ୍କ ୧୦୬ ତମ ବଳିଦାନ ଦିବସ ସ୍ଥାନୀୟ ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ପାଳିତ ହୋଇଯାଇଛି । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମକୁ ସିମୀତ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ପନ୍ନ କରାଯାଇଥିଲା । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ସହିଦ ବାଘାଯତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବୀର ବାଘାଯତୀନ ଶେଷ ନିଶ୍ୱାସ ତ୍ୟାଗ କରିଥିବା ତତ୍କାଳୀନ ମିଲିଟାରୀ ଡାକ୍ତରଖାନା ତଥା ବର୍ତ୍ତମାନର ଏହି ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଆମ ସମସ୍ତଙ୍କ ପାଇଁ ତୀର୍ଥଭୂମି ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ସୁଜିତ ଦେବ, ହରେନ ରଣା, ପଦ୍ମଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ଉନ୍ନୟନ କମିଟିର କର୍ମକର୍ତ୍ତାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ବାଘାଯତୀନଙ୍କ ଦେହାନ୍ତ ହୋଇଥିବା କୋଠରୀରେ ସହିଦଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୀପଦାନ କରାଯାଇଥିଲା । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଅପରାହ୍ନରେ କମିଟିର କର୍ମକର୍ତ୍ତାଙ୍କ ସମେତ ବିଧାୟକ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ବାଲେଶ୍ୱର ଜେଲକୁ ଯାଇ ବାଘାଯତୀନଙ୍କ ଦୁଇସାଥୀଙ୍କୁ ଦିଆଯାଇଥିବା ଫାଶୀସ୍ଥଳ ପରିଦର୍ଶନ କରିଥିଲେ । ଏଠାରେ ଥିବା ସ୍ମୃତିପୀଠାରେ ପୁଷ୍ପ ଅର୍ପଣ ସହ ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ପାର୍ବଣ ଋତୁରେ ଦୁର୍ଦ୍ଦିନରେ ମୂର୍ତ୍ତୀ କାରିଗର : ବିକ୍ରି କରିନପାରି ସହୁଛନ୍ତି କ୍ଷତି

ଜଳେଶ୍ୱର, ୧୦/୯(ନି.ପ୍ର): କରୋନାର ତାଲାବନ୍ଦ ଏବେ ଖୋଲିଥିଲେ ମଧ୍ୟ ପାର୍ବଣ ଋତୁରେ ମୂର୍ତ୍ତୀକରିଗରମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି । ପ୍ରତିବର୍ଷ ଗଣେଶପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଏ । ବିଶ୍ୱକର୍ମପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀ ପୂଜା, କାର୍ତ୍ତିକ ପୂଜା ଇତ୍ୟାଦି ଲଗା ଲଗି ହୋଇ ଆସିଥାଏ । କାଶତତଣ୍ଡିଫୁଲର ଶୋଭାବର୍ଦ୍ଧନ କରି ଜଣେ ଜଣେ ଦେବାଦେବୀ ଧରାବତର କରନ୍ତି । ସେହି ଅନୁଯାୟୀ କାରୀଗରମାନେ ମୂର୍ତ୍ତୀ ନିର୍ମାଣରେ ନିମଗ୍ନ ରହନ୍ତି । ୨ ବର୍ଷ ଧରି ଏହି କରୀଗର ମାନଙ୍କ ମୂର୍ତ୍ତୀ ବିକ୍ରି ହେଉନଥିବାରୁ ସେମାନେ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି । ମୂର୍ତ୍ତିନିର୍ମାଣରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବିକ୍ରି ହେଉନଥିବାରୁ ସେମାନଙ୍କ ଆଥିକସ୍ଥିତି ଦୋହଲି ଯାଇଥିବାରରୁ ବୃତ୍ତିଛାଡିବା ଅବସ୍ଥାରେର ପହଞ୍ଚିଲାଣି । ରାତି ପାହିଲେ ଗଣେଶ ଚତୁର୍ଥୀ । ପ୍ରତି ଗାଁରେ ବିଦ୍ୟାଳୟ, ଯୁବକ ସଂଘ, ସାର୍ବଜନୀନ ଏପରିକି ଘରୋଇଭାବେ ଗଣେଶପୂଜା ପ୍ରତି ବହୁଳ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ଅଦ୍ୟାବଧି ସବୁ ଶିକ୍ଷାନୁଷ୍ଠାନ ଖୋଲି ନଥିବାରୁ ଏବଂ କୋଭିଡ୍‌ର ସମସ୍ତ କଟକଣା ରହିଥିବାରୁ କାଁ ଭାଁ ଛାଡିଦେଲେ ପୂଜାର ମାହୋଲ ଫିକା ପଡିଛି । ଜଳେଶ୍ୱରରେ ଚଳିତବର୍ଷ ମୂର୍ତ୍ତିକାରୀଗର ସପନ ଗିରି ପ୍ରାୟ ୨୦୦ ଗଣେଶମୂର୍ତ୍ତୀ ତିଆରି କରିଥିଲେ ମଧ୍ୟ ଖୁବ୍ କମ୍ ସଂଖ୍ୟକ ବିକ୍ରି ହୋଇଛି । ସେହିପରି ସିଦ୍ଧେଶ୍ୱର ଅଣ୍ଡିଆ, ଚନ୍ଦନ ଦାସ, ସମ୍ଭୁ ଦା, ସୁଶାନ୍ତ ସେନାପତି ପ୍ରମୁଖ ମୂର୍ତ୍ତୀ ତିଆରୀକରି ମୁଣ୍ଡରେ ହାତମାରି ବସିଛନ୍ତି । ଅଳ୍ପ ସଂଖ୍ୟକ ଗରାଖ ଆସୁଥିବାରୁ ସେମାନେ ତାଙ୍କର ପ୍ରାରିଶ୍ରମିକ ପାଉନଥିବା କ୍ଷୋଭର ସହିତ କହିଛନ୍ତି । ତେଣୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ୨୮୦ଗ୍ରାମ ବ୍ରାଉନ୍ ସୁଗର ଜବତ :୨ ଗିରଫ

ଜଳେଶ୍ୱର, ୧୦/୯(ନିପ୍ର) : ବ୍ରାଉନ୍‌ସୁଗର ହବ୍ ପାଲଟିଥିବା ଜଳେଶ୍ୱରରୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନକୁ ବ୍ରାଉନ୍‌ସୁଗର ଚାଲାଣ ହୋଇ ଆସୁଥିବା ବେଳେ ଗତ ଗୁରୁବାର ରାତିରେ ଚାଲାଣ ହେବାକୁଥିବା ୨୮୦ ଗ୍ରାମର ବ୍ରାଉନ୍‌ସୁଗର ଓ ଏଥିରେ ସଂପୃକ୍ତ ୨ଜଣଙ୍କୁ ପୁଲିସ୍ ଗିରଫ କରିବାରେ ସଫଳ ହୋଇଛି । ଲେଶ୍ୱରର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଂକିତା କୁମ୍ଭାର ଓ ଥାନା ଭାରପ୍ରାପ୍ତ ପୁଲିସ୍ ଅଧିକାରୀ ପ୍ରଜ୍ଞା ମହାନ୍ତିଙ୍କୁ ନେଇ ଉଚ୍ଚ କର୍ତ୍ତୃପକ୍ଷ ଏକ ଟିମ୍ ଗଠନ କରିଛି । ଗୁରୁବାର ବିଳମ୍ବିତ ରାତିରେ ଜଳେଶ୍ୱରରୁ ୨୮୦ ଗ୍ରାମର ବ୍ରାଉନ୍‌ସୁଗର ଅନ୍ୟ ଜିଲାକୁ ଚାଲାଣ ହେବାର ଗୁଇନ୍ଦା ଖବର ପାଇ ଏହି ଟିମ୍ ଚଢାଉ କରିଥିଲା । ରାଜପୁର ଗାଁରେ ୨ ପ୍ଲାଟୁନ୍ ଫୋର୍ସ ସହିତ ପୁଲିସ୍ ଝାଡେଶ୍ୱରପୁରର ନୁରଖାନର ପୁଅ ସମୀର ଖାଁ ଓରଫ ବୁଧିଆ (୩୯) ଏବଂ ରାଜପୁର ଗାଁର ସେକ୍ ରିହାସାତ୍ ର ପୁଅ ସେକ୍ ଅଇମତ୍(୪୫)କୁ ପୁଲିସ୍ ଗରିଫ କରିବା ସହ ୨୮୦ ଗ୍ରାମର ବ୍ରାଉନ୍‌ସୁଗର ଜବତ୍ କରରିଛି । ଯାହାର ବଜଜାର ମୂଲ୍ୟ ୨୮ ଲକ୍ଷ ଟଙ୍କାରୁ ଅଧିକ ହେବ । ଏହି ଘଟଣାରେ ସଂପୃକ୍ତ ଏହି ୨ଜଣଙ୍କ ବ୍ୟତିତ ଅନ୍ୟ ୪ଜଣ ରହିଥିବାରୁ ସେମାନଙ୍କ ସଂପର୍କରେ ପୁଲିସ୍ ଖୋଳତାଡ କରିଛି । ଜଳେଶ୍ୱରରେ ବ୍ରାଉନ୍‌ସୁଗରକୁ ୪ଟି ସାହିରେ କୁଟିର ଶିଳ୍ପଭାବେ ଆବାଳ ବୃଦ୍ଧବନୀତା ଆପଣେଇ ନେଇଛନ୍ତି । ବିଭିନ୍ନ ସମୟରେ ପାକିସ୍ଥାନ, ଆଫଗାନିସ୍ଥାନ କିମ୍ବା ବାଂଲାଦେଶରୁ ଏହି ଧଳାଜହର ମୁର୍ଷିଦାବାଦ, ଗୋଲକୁଣ୍ଡା, ଖଡଗପୁରରୁ ଜଳେଶ୍ୱରକୁ ଆସୁଥିବାର ସରକାରୀ ତଥ୍ୟ ପ୍ରକାଶ କରିଆସୁଛି । ମାଛ, କଦଳୀ, ଆଳୁ, ଚା ପ୍ୟାକେଟ୍ କିମ୍ବା ଅନ୍ୟକିଛି ବୋଝେଇ ଟ୍ରକ୍‌ରେ ଜଳେଶ୍ୱର ଆସୁଥିବାାର ବହୁ ନଜିର ରହିଛି । ଏହା ବ୍ୟତିତ କାର, ବାଇକ୍ ଓ ଟ୍ରେନ୍‌ରେ ମଧ୍ୟ ଏହା ଦୂର ସ୍ଥାନରୁ ଆସୁଛି ଓ ଅନ୍ୟସ୍ଥାନକୁ ଚାଲାଣ ହେଉଛି । ଗତ ୨ ମାସ ମଧ୍ୟରେ ଜଳେଶ୍ୱରରୁ ୬.୫ କି.ଗ୍ରା ଧଳା ଜହର ଏଠାରେ ପୁଲିସ୍ ପକ୍ଷରୁ କିମ୍ବା ବାଟରେ ଏଏସ୍‌ଟିଫ୍ ଦ୍ୱାରା ଧରାପଡିଥିବା ଜଣାଯାଇଛି । ସେହିପରି ଜଳେଶ୍ୱରୁ ଏହି ଲିଙ୍କରେ ଥିବା ପ୍ରାୟ ୧୮ଜଣଙ୍କୁ ପୁଲିସ୍ ଓ ଏସ୍‌ଟିଏଫ ଗିରଫ କରିଛି । ଆଶ୍ଚର୍ଯ୍ୟର କଥା ଏବେ ପୁଲିସ୍‌କୁ ସଫଳତା ମିଳୁଥିବା ବେଳେ ଅତୀତରେ ପୁଲସ୍ ବ୍ରାଉନ୍‌ସୁଗର ସଂପର୍କରେ ନିଷ୍କ୍ରିୟତା ତଦନ୍ତ ସାପେକ୍ଷ । ପୁଣି ଏବେ ଛୋଟ ଛୋଟ ବ୍ୟବସାୟୀ ଏବଂ ଗରାଖକୁ ପୁଲିସ୍ ଧରିପାରୁଥିବା ବେଳେ ମୁଖ୍ୟକାର୍ପଟଦାର ଧରାପଡୁନଥିବା ସଂପର୍କରେ ବହୁକଥା ଶୁଣିବାକୁ ମିଳୁଛି ।

# ଗୋଟିଏ ଦିନରେ ୭୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୦/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୫୦୮୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୧୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୯୮୫୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୦୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ୭୪୫ ଜଣଙ୍କ ମଧ୍ୟରୁ ୪୩୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୨ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୨୦ , ଦେବଗଡ ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮ ଜଣ, ଯାଜପୁରରୁ ୨୭ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୩, କେନ୍ଦ୍ରାପଡ଼ାରୁ ୧୮ ଜଣ, କେନ୍ଦୁଝରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ସରକାରଙ୍କ ବେଳାଭୂମି ମଦ ବିକ୍ରି ନୀତିର ପ୍ରତିବାଦ ପାଇଁ 'ମୋନା'ର ଖସଡ଼ା ପ୍ରସ୍ତୁତି




ବାଲେଶ୍ୱର,୧୦/୦୯ (ନି.ପ୍ର): ବାଲେଶ୍ୱରର ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଚାନ୍ଦିପୁର, ଉଦୟପୁର ଓ ତାଳସାରି ପ୍ରଭୃତି ବେଳାଭୂମିରେ ରାଜ୍ୟ ସରକାରଙ୍କ 'ମଦ କୁଡ଼ିଆ' ସ୍ଥାପନ ନିଷ୍ପତ୍ତିକୁ ବିରୋଧରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା' ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବା ନେଇ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର 'ମୋନା' କାର୍ଯ୍ୟାଳୟଠାରେ ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ବୈଠକରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ମଦ ନୀତି ପ୍ରତିବାଦ ପାଇଁ ଖସଡ଼ା ପ୍ରସ୍ତୁତ କରିଥିଲେ। ୩ ବେଳାଭୂମିରେ ଶାନ୍ତି ପଦଯାତ୍ରା ଓ ସାଧାରଣ ସଭା ଆୟୋଜନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ସେହିପରି ବାଲେଶ୍ୱର ସହରର ପୁରୁଣା ବାଲେଶ୍ୱର ଓ ଅରଡ଼ବଜାର ଅଞ୍ଚଳରେ ପଥପ୍ରାନ୍ତ ସଭା ଓ ଗଣ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଆସନ୍ତା ଗାନ୍ଧି ଜୟନ୍ତୀ ପୂର୍ବରୁ ଅର୍ଥାତ ଅକ୍ଟୋବର ୧ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସଂଗଠନ ତଥା ସାମାଜିକ ଅନୁଷ୍ଠାନ ସହ ମିଳିତ ଗଣଧାରଣା, ଆସନ୍ତା ସୋମବାର ଦିନ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଚାନ୍ଦିପୁର ଅଂଚଳର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ଜିଲାପାଳଙ୍କୁ ପ୍ରତିବାଦପତ୍ର ପ୍ରଦାନ ପାଇଁ ଏହି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ସାଧାରଣ ସଂପାଦିକା ମମତା ମହାପାତ୍ରଙ୍କ ସମେତ ଉପଦେଷ୍ଟା ସୁବ୍ରତ କର, କୁମୁଦ ରଞ୍ଜନ ଗିରି, ଡ. କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା, ଶଶାଙ୍କ ଶେଖର ଦତ, କମଳାକାନ୍ତ ଦାଶ, ସନାତନ ଦାସ, ତ୍ରିଦୀପ ନାୟକ, ବେଣୁଧର ସାହୁ, ଶେଖ କରିମ, ଶ୍ରୀକାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ବସନ୍ତ ପ୍ରଧାନ, ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ମୋନାର କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୀତାରାମ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାସା ଆର୍ମୀ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ



ବାରିପଦା,୧୦/୦୯ (ନି.ପ୍ର): ଆଜି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କଲେଜରେ ପଢୁଥିବା ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କୁ ୨୦୨୦-୨୧ ଶିକ୍ଷା ବର୍ଷର ଷ୍ଟାଇପେଣ୍ଡ କିଛି ଛାତ୍ର ଛାତ୍ରୀଙ୍କୁ ମିଳିଥିବା ବେଳେ ଆଉ କିଛି ଛାତ୍ର ଛାତ୍ରୀ ମାନଙ୍କୁ କୌଣସି କାରଣ ପାଇଁ ଏ ପର୍ଯ୍ୟନ୍ତ ମିଳି ନାହିଁ । ଯାହା ଫଳରେ ମୟୁରଭଞ୍ଜର ଗରିବ ଆଦିବାସୀ ଛାତ୍ର ଛାତ୍ରୀ ମାନେ ଆଗକୁ ପଢିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଯେଉଁ ଛାତ୍ର ଛାତ୍ରୀ ମାନଙ୍କୁ ଏ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ମିଳି ନାହିଁ ସେମାନଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରି ଆଗାମି ୧୦ ଦିନ ଭିତରେ ଷ୍ଟାଇପେଣ୍ଡ ପ୍ରଦାନ କରାଯାଉ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କ ନିକଟରେ ଦାବୀ କରା ଯାଇଛି । ଯଦି ତୁରନ୍ତ ଛାତ୍ର ଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ନମିଳେ ତେବେ ଆଗାମୀ ୧୦ ଦିନ ପରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ତାଲା ମାରି ଆନ୍ଦୋଳନ କରାଯିବ ବୋଲି ମାସା ଆର୍ମୀ ସଂଗଠନ ପକ୍ଷରୁ କୁହାଯାଇଛି । ଆଜିର ପ୍ରତିନିଧି ଦଳରେ ଜିଲ୍ଲା ସଂଯୋଜକ ହରି ସିଂ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଟାଉନ ସଭାପତି ଦିଲ୍ଲୀପ ମାଝୀ, କୁଆଁର ଟୁଡୁ, ଦ୍ରୌପଦୀ ସିଂ, ମଦନ ସିଂ, ମାଲହୁ ହେମ୍ବ୍ରମ, ରାଦଳ ହେମ୍ବ୍ରମ ପ୍ରମୁଖ ସାମିଲ ଥିଲେ ।

# ବାଲିଆପାଳରେ ବିଭିନ୍ନସ୍ଥାନରେ ବିଘ୍ନନାଶ ଗଣେଶଙ୍କ ପୂଜାର୍ଚ୍ଚନା



ବାଲିଆପାଳ,୧୦/୦୯ (ନି.ପ୍ର): କରୋନା କଟକଣା ଯୋଗୁଁ ଫିକା ପଡିଛି ଗଣେଶ ପୂଜା ।ନା ଅଛି ସାଦୃଶ୍ୟ ତୋରଣ ,ନା ଭଳିକି ଭଳି ମେଢ,ଦେଖିବାକୁ ମିଳିନି ସାଦୃଶ୍ୟ ଆଲୋକ ସାଜ ସାଜା ।କଟକଣାକୁ ମାନି ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଆଜି ବିଘ୍ନନାଶ ଗଣେଶ ଙ୍କ ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ତେବେ କଟକଣା ଯୋଗୁଁ ଯାକଯମକ ନଥିବାରୁ ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ କେବଳ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଛି ।ତେବେ ଆୟୋଜକ ମାନଙ୍କ ମଧ୍ୟରେ ସେତେଟା ଉତ୍ସାହ ନଥିବା ଦେଖିବାକୁ ମିଳିଛି ।ସେହିପରି ଚଳିତବର୍ଷ ମଧ ବିଦ୍ୟାଳୟ ମାନଙ୍କରେ ବିନା ଛାତ୍ର ଛାତ୍ରୀରେ ଗଣେଶପୂଜା ହୋଇଥିବାରୁ ଛାତ୍ର ଚାତ୍ରୀମାନେ ମଧ ବହୁମାତ୍ରାରେ ନିରାଶ ହୋଇଛନ୍ତି ।ଏଥିପାଇଁ ଅନେକଙ୍କ ଘରେ ଛାଞ୍ଚ ମୂର୍ତ୍ତୀ କିଣି ବିଘ୍ନନାଶଙ୍କୁ ପୂଜାର୍ଚ୍ଚନା କରାଯାଇଛି ।ବାଲିଆପାଳ ବ୍ଲକର ଗ୍ଲୋଇଙ୍ଗଷ୍ଟାର ଷ୍ଟୁଡେଣ୍ଟସ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ପୂଜା ଚଳିତବର୍ଷ ୨୨ ବର୍ଷରେ ପଦାର୍ପଣ କରିଛି । ଏହାକୁ ଆସୋସିଏସନର ସଭାପତି ବ୍ୟୋମକେଶ ସାହୁ,ଦେବବ୍ରତ ସାହୁ,ବ୍ରହ୍ମପ୍ରକାଶ ନାଥ,ରମେଶ ଜେନା, ଉମାକାନ୍ତ ନାୟକ,ସୁବାଶିଷ ଦେ, ଗୋପାଳ ନାୟକ,ରଜତ ସାହୁ, ଶୁଭେନ୍ଦୁ ସାହୁ,ଉମେଶ ଜେନା,ପ୍ରଭାସ ସାହୁ,ଦୀପକ ବେହେରା,ଦୀପକ ରଣା, ମିଳନ କୁମାର ମଣ୍ଡଳ, ଦେବାଶିଷ ପାତ୍ର,ସୌରଭ ଚକ୍ରବର୍ତ୍ତୀ,ଅଙ୍କିତ ଦାସ ,ମଣ୍ଟୁ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।ସେହିପରି ବାଲିଆପାଳ କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ ପୂଜାରେ ବ୍ଲକର ବହୁ କଳାକାର ମାନେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ ।କାର୍ଯ୍ୟକ୍ରମକୁ ନାଟ୍ୟକାର ଝାଡେଶ୍ୱର ପ୍ରଧାନ,ପ୍ରଫୁଲ୍ଲ ନାୟକ,ପ୍ରକାଶ ଚନ୍ଦ୍ର ପ୍ରଧାନ,ରାଧାରମଣ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ । ବାସୁଦେବପୁର, କଟିସାହି, ବଡପାଳ, କାଳରୁଇ, ପଞ୍ଚରୁଖୀ, ଖାଳମୁହାଣୀ, ଲଙ୍ଗଳେଶ୍ୱର, କାଳିପଦା ପ୍ରଭୃତି ସ୍ଥାନରେ ବିଭିନ୍ନ କ୍ଲବ ଓ ପୂଜାକମିଟି ପକ୍ଷରୁ ବିଘ୍ନନାଶଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଛି ।

# ଘର ଭିତରୁ ସ୍ୱାମୀ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର : କାରଣ ଅସ୍ପଷ୍ଟ

ବାଲିଆପାଳ,୧୦/୦୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଅଳାଡିହା ପ ।ୟତ ବାଲିବିଲ ଗ୍ରାମରେ ଆଜି ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।ଜଣେ ବ୍ୟକ୍ତିଙ୍କ ଘର ଭିତରେ ସ୍ୱାମୀ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି ।ମୃତକ ମାନେ ହେଲେ ଲକ୍ଷ୍ମୀଧର ଜ୍ୟୋତି ଙ୍କ ପୁଅ ଜଗନ୍ନାଥ ଜ୍ୟୋତି(୨୮) ଓ ତାଙ୍କ ପତ୍ନୀ ରୁନୁ ଜ୍ୟୋତି (୨୨) ।ନିଜ ଘର ଭିତରେ ସ୍ତ୍ରୀ ଜଣଙ୍କ ପିନ୍ଧା ଲୁଗାରେ ଏବଂ ସ୍ୱାମୀ ଏକ ଦଉଡିରେ ଝୁଲୁଥିବା ଦେଖିବାକୁ ମିଳିଥିଲା ।ଜଗନ୍ନାଥ ତିନିବର୍ଷ ତଳେ ବିବାହ କରିଥିଲେ ।ତାଙ୍କ ପତ୍ନୀ ଗର୍ଭବତୀଥିବା ସୂଚନା ମିଳିଛି ।ଜଗନ୍ନାଥଙ୍କ ବୃଦ୍ଧ ପିତାମାତା ଘରେ ନଥିବା ବେଳେ ଏହି ଘଟଣା ଘଟିଥିବା କୁହାଯାଉଛି ।ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣା ସ୍ଥଳରେ ପହଂଚିନାହିଁ ।ତେବେ ଏହା ଆତ୍ମହତ୍ୟା କି ହତ୍ୟା କାରଣ ଅସ୍ପଷ୍ଟ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ କରି ଏହାର ପର୍ଦ୍ଦାଫାସ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସିପିଆଇ ଅଫିସ୍ ପୋଡିକୁ ଜଳେଶ୍ୱର ସିପିଏମ୍‌ର ନିନ୍ଦା ଓ ପ୍ରତିବାଦ

ଜଳେଶ୍ୱର,୧୦/୦୯ (ନି.ପ୍ର): ତ୍ରିପୁରାରେ ବିଜେପି ଶାସନ କ୍ଷମତାକୁ ଆସିବାପରେ ସିପିଆଇ(ଏମ୍)ର କାର୍ଯ୍ୟାଳୟ, କର୍ମୀମାନଙ୍କ ଘର ଭାଂଗିବା. କର୍ମୀମାନଙ୍କୁ ହତ୍ୟା କରିବା, ମହାପୁରୁଷ ପ୍ରତିମୂର୍ତ୍ତୀ ଭାଂଗିବା ଇତ୍ୟାଦି ଫାସିଷ୍ଟବାଦ କାର୍ଯ୍ୟ କରିଆସୁଛନ୍ତି । ଗତ ବୁଧବାର ବିଜେପି ଓ ଆର୍‌ଏସ୍‌ଏସ୍‌ର କେତେକ କର୍ମୀ ସିପିଆଇ(ଏମ୍) ରାଜ୍ୟ ଓ ଜିଲା କାର୍ଯ୍ୟାଳୟରେ ନିଆଁ ଲଗାଇ କର୍ମୀମାନଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ୨୦୧୪ରେ ବିଜେପି କ୍ଷମତାକୁ ଆସିବାପରେ ହିଂସା ବଢିବାରେ ଲାଗିଛି । ଏହା ବିରୁଦ୍ଧରେ ଆଜି ଗୁରୁବାର ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ସିତାଂଶୁ ସେନାପତି, ପଲ୍ଟୁ ଦାସ, ଦିଲ୍ଲିପ ପରିଡ. ପ୍ରକାଶ ଦେ. ରବିନ୍ଦ୍ର ବାରିକ, ଯତିନ୍ ଜେନା, ଗଣେଶ ପାତ୍ର. ଜଗନ୍ନାଥ ପରିଡା, ସବିତା ଭୂୟାଁ, ସୁନିଲ ମହାନ୍ତି. ମନ୍ମଥ ପଣ୍ଡିତ, ବାସନ୍ତି ବାରିକ, ବରେନ୍ଦ୍ର ମହାନ୍ତି, ଭବଶଂକର ବାଗ, ବ୍ରଜଗୋପାଳ ପାଳ, ଜିତାଂଶୁ ନନ୍ଦି ପ୍ରମୁଖ ପ୍ରତିବାଦ କରି ବିକ୍ଷୋଭ କରିଥିଲେ ।

# ଦେଶୁଆଁ ପୋଖରୀ ସ୍ମୃତିପୀଠରେ ସହିଦ ବାଘାଯତୀନଙ୍କ ବଳିଦାନ ଦିବସ

ବାଲେଶ୍ୱର,୧୦।୯(): କୋଭିଡ କଟକଣା ମଧ୍ୟରେ ବାଘାଯତୀନ ବିକାଶ ପରିଷଦ ପକ୍ଷରୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ଉଗ୍ର ଜାତୀୟତାବାଦୀ ସଂଗ୍ରାମୀ ସହିଦ ବାଘାଯତୀନ ଓ ସାଥୀଙ୍କ ୧୦୬ତମ ବଳିଦାନ ଦିବସ ଚଷାଖଣ୍ଡସ୍ଥିତଦେଶୁଆଁ ସ୍ମୃତିପୀଠରେ ପାଳିତ ହୋଇଯାଇଛି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ସହିଦସ୍ମୃତି ଉତ୍ସବକୁ ଉଦଘାଟନ କରିଥିଲେ। ବାଘାଯତୀନ ଓ ସାଥୀଙ୍କ ଆତ୍ମବଳି ବାଲେଶ୍ୱର ସମେତ ସମଗ୍ର ଦେଶ ପାଇଁ ଗୌରବ ବୋଲି ସେ କହିଥିଲେ। ସହିଦ ବୀରଙ୍କ ରକ୍ତାକ୍ତ ସଂଘର୍ଷର କାହାଣୀ ଦେଶବାସୀଙ୍କୁ ସର୍ବଦା ଅନୁପ୍ରାଣୀତ କରୁଥିବ ବୋଲି ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ସର୍ବେଶ୍ୱର ମହାନ୍ତି, ଉପ-ସଭାପତି ମନୋଜ କୁମାର ନାୟକ, ଅର୍ଚ୍ଚନା ନନ୍ଦୀ, ସ୍ନେହଲତା ଦାସ, ସହ-ସମ୍ପାଦିକା ଜୟନ୍ତୀ ପଣ୍ଡା, ଅଜିତ କୁମାର ବରାଳ, ସୁଦର୍ଶନ ଭୂୟାଁ, ଅନୀତା ଭୂୟାଁ ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ଦୟନୀୟ ଅବସ୍ଥାରେ ଥିବା ବାଘାଯତୀନ ସ୍ମୃତିପୀଠ ରାସ୍ତାର ନବୀକରଣ ପାଇଁ କମିଟି ପକ୍ଷରୁ ଏହି ଅବସରରେ ଅତିରିକ୍ତ ଜିଲାପାଳଙ୍କୁ ନିବେଦନ କରାଯାଇଥିଲା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତେ ସାମାଜିକ ଦୂରତା ରକ୍ଷା କରୁଥବା ଦେଖିବାକୁ ମିଳିଥିଲା।

## କାଳିଆଶୋଳ ଆଦିବାସୀ ମହିଳାଙ୍କୁ ଆକ୍ରମଣ ଘଟଣା

# ସାତଦିନ ପରେ ବନ୍ଧାହେଲେ ଦବଙ୍ଗ ସିପାହୀ ଓ ସହଯୋଗୀ



ବାରିପଦା / କୋଷ୍ଠା,୧୦/୦୯ (ନି.ପ୍ର): ଗତସେପଟେମ୍ବର ୨ତାରିଖ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ କାଳିଆଶୋଳ ପଣ୍ଡିତ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ଆଦିବାସୀ ମହିଳାଙ୍କୁ ଅସଦାଚରଣ ଓ ମାଡ଼ ଅଭିଯୋଗ ନେଇ ଶୁଳିଆପଦା ଥାନାର ଦ୍ୱାରସ୍ଥ ହୋଇଥିଲେ ମହିଳା ଜଣକ । ସୂଚନା ଅନୁସାରେ ଗତ୨ତାରିଖ ଗୁରୁବାର ୫ମ ବାଟାଲୀୟନର ସିପାହୀ ଦ୍ୱାରିକା ନାଏକ ପେଟ୍ରୋଲ ପମ୍ପରେ ମାରପିଟ ଓ ଅଶ୍ଲିଳ ଭାଷାରେ ଗଲି ଗୁଲଜକରିବା ସହ ପେଟ୍ରୋଲ ପମ୍ପର ମାଲିକ, କର୍ମଚାରୀ ଓ କାର୍ଯ୍ୟରତ ଆଦିବାସୀ ମହିଳା ଯମୁନା ଟୁଡୁଙ୍କୁ ଛାତିରେ ଧକ୍କାମାରି ଟଣାଓଟୁରା କରି ତଳେ ପକାଇ ମାଡ଼ ମାରିବା ତଥା ଏକେ୪୭ରେ ଗୁଳିକରି ମାରିଦେବା ଧମକ ଦେବା ଘଟଣାରେ ଗତ୨ତରଖରେ ପିଡିତା ମହିଳା ଜଣକ ଥାନରେ ଲିଖିତ ଏତେଲା ଦେଇଥିଲେ ମଧ ପୋଲିସ କେବଳ ମାମଲା ରୁଜୁ କରିଦେଇ ଚୁପ ବସିଥିଲା । ବହୁ ସଂଗଠନ ପିଡୀତାଙ୍କ ସପକ୍ଷରେ ଗୋଡ କାଢ଼ି ମାମଲାରେ ସଂପୃକ୍ତ ଆସାମୀଙ୍କୁ ତୁରନ୍ତ ଗିରଫ ଦାବୀରେ ଥାନା ଘେରାଉ କରିଥିଲେ । ଶେଷରେ ପୋଲିସ ଦବଙ୍ଗ ସିପାହୀ ଓ ତାର ସଯଯୋଗୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଖବର ମିଳିଛି ।

# ଶିଶୁ ଯୌନ ନିର୍ଯ୍ୟାତନା ଓ ସୁରକ୍ଷା କର୍ମଶାଳା

ଜଳେଶ୍ୱର ୧୦/୯(ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ଦେଶରେ ଶିଶୁ ସୁରକ୍ଷା ଲାଗି ୪୧ଟି ଆଇନ୍ ପ୍ରଣୟନ କରାଯାଇଛି । ମାତ୍ର ଏହା ଦୃଢଭାବେ କାର୍ଯ୍ୟକାରୀ ହେଉନଥିବାରୁ ନିର୍ଯ୍ୟାତନା ବଢି ଚାଲିଛି । ଦିଲ୍ଲୀର ନିର୍ଭୟା ନିର୍ଯ୍ୟାତନା ପରେ ସରକାର ଆଇନ୍‌କୁ କଡାକଡି କରିବା ସହିତ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ସହାୟତାରେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ଗ୍ରାମାଂଚଳରେ ଲୋକେ ସଚେତନ ନଥିବାରୁ ବାଳକ-ବାଳିକା ଓ ଅଭିଭାବକଙ୍କୁ ସଚେଚତନ କରିବାଲାଗି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପାନ୍ତ ନଛିମପୁର ପଂଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲା ସଂଯୋଜକ ଉବାଚକ ମହାନ୍ତି ଅଧ୍ୟକ୍ଷତା କରି ଆଭିମୁଖ୍ୟ ସଂପର୍କରେ କହିଥିଲେ । ପିକକ୍‌ର ବାଲେଶ୍ୱର ମୁଖ୍ୟ ରଂଜନ ମହାନ୍ତି ଏ ସଂପର୍କରେ ସୂଚନା ଓ ଆବଶ୍ୟକ ପଦକ୍ଷେପ ନେବା ସଂପର୍କରେ କହିଥିଲେ । ସରପଂଚ ଦୀପାଳି ଜେନା ଯୋଗ ଦେଇ ନାରୀମାନେ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ସଦର ଓ ରେମୁଣା ବ୍ଲକରେ ଏହି ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଉପସ୍ଥିତ ଥିବା କେତେକ ଗ୍ରାମବାସୀ, ଅଂଗନୱାଡି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ/ଶିକ୍ଷୟତ୍ରୀ, ୱାର୍ଡମେମ୍ବର, ଗ୍ରାମର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ । ପ୍ରଶିକ୍ଷକ ଘନଶ୍ୟାମ ସିଟ, ଆରାଧନା ସତୁଆ ଉପସ୍ଥିତ ସମସ୍ତଙ୍କୁ ପ୍ରଶିକ୍ଷଣ କରାଇଥିଲେ । ଏଥିରେ ସଂଯୋଜକ ଲାଇଫର ମୁଖ୍ୟ ତ୍ରିଲୋଚନ ଗିରି ସଂଯୋଜନା କରିଥିଲେ ।

राष्ट्रीय परीक्षा एजेंसी
National Testing Agency
Excellence in Assessment
(उच्चतर शिक्षा विभाग, शिक्षा मंत्रालय, भारत सरकार के तहत एक स्वायत्त संगठन(
(An Autonomous Organization under the Department of Higher Education, Ministry of Education, GoI)

**ଜାତୀୟ ଯୋଗ୍ୟତା କମ ପ୍ରବେଶିକା ପରୀକ୍ଷା ନିଟ୍ (ୟୁଜି) -୨୦୨୧**
**୧୨ ସେପ୍ଟେମ୍ବର ୨୦୨୧ (ରବିବର)**
**ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ**

**ଜନସାଧାରଣ ବିଜ୍ଞପ୍ତି**

**୧୧ ସେପ୍ଟେମ୍ବର ୨୦୨୧**

ଏନ୍‌ଇଇଟି (ୟୁଜି)-୨୦୨୧ ପରୀକ୍ଷା **୧୨ ସେପ୍ଟେମ୍ବର ୨୦୨୧ (ରବିବାର)** ରେ ଅନୁଷ୍ଠିତ ହେବ **ଦିବା ୨.୦୦ ଘଟିକାରୁ ୫.୦୦ଘଟିକା (ଆଇଏସ୍‌ଟି)** ମଧ୍ୟରେ କଲମ ଏବଂ କାଗଜ ମୋଡରେ ।

ପରୀକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବଂ କୋଭିଡ୍-୧୯ ସମ୍ବନ୍ଧୀୟ ପରାମର୍ଶବଳୀ ନିଜ ନିଜ ଆଡମିଟ୍ କାର୍ଡରେ ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇଛି । ସମସ୍ତ ପ୍ରାର୍ଥୀ ସେମାନଙ୍କର ଆଡମିଟ୍ କାର୍ଡ ଡାଉନଲୋଡ୍ କରିବା ଉଚିତ୍, କୋଭିଡ୍-୧୯ ପାଇଁ ନିର୍ଦ୍ଦେଶନାମା ଏବଂ ଉପଦେଶଗୁଡ଼ିକୁ ଭଲଭାବେ ପଢ଼ିବା ଉଚିତ, ଏଥିରେ ଦିଆଯାଇଥିବା ଏବଂ ସେମାନଙ୍କୁ କଠୋର ଭାବରେ ପାଳନ କରିବା ଉଚିତ୍ ।

ସେମାନଙ୍କ ଆଡମିଟ୍ କାର୍ଡ ସହିତ ସଂଲଗ୍ନ ହୋଇଥିବା କୋଭିଡ୍-୧୯ ସମ୍ବନ୍ଧରେ ପ୍ରାର୍ଥୀମାନଙ୍କୁ ଦିଆଯାଇଥିବା ଉପଦେଶବଳୀ ପୂର୍ବରୁ ଉଲ୍ଲେଖ କରାଯାଇଛି, **ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଡ଼ ନହେବା ପାଇଁ ପ୍ରାର୍ଥୀମାନେ ନିଜ ନିଜ ଆଡମିଟ୍ କାର୍ଡରେ ଦିଆଯାଇଥିବା ଷ୍ଟାଗର୍‌ଡ ଟାଇମ୍ ସ୍ଲଟ୍ ଅନୁଯାୟୀ ରିପୋର୍ଟ କରିବାକୁ ପଡ଼ିବ** । ପ୍ରାର୍ଥୀମାନେ ସର୍ବଦା ପାଳନ କରିବେ :

- ସାମାଜିକ ଦୂରତା ଅଭ୍ୟାସ କର ।
- ପରୀକ୍ଷା କେନ୍ଦ୍ରରେ ଦିଆଯାଉଥିବା **ଏନ୍୯୫ ମାସ୍କ**କୁ ବାଧ୍ୟତାମୂଳକ ଭାବରେ ବ୍ୟବହାର କରନ୍ତୁ ।
- ଆଲକହଲ ଭିତ୍ତିକ ହ୍ୟାଣ୍ଡ ସାନିଟାଇଜରର ବ୍ୟବହାର (ଅତି କମରେ ୨୦ ସେକେଣ୍ଡ ପାଇଁ), ଯେଉଁଠାରେ ସମ୍ଭବ ।
- ଶ୍ୱାସକ୍ରିୟା ଶିଷ୍ଟାଚାରକୁ କଠୋର ଭାବରେ ଅନୁସରଣ କରନ୍ତୁ । ଏହା ଏକ ଟିସୁ / ରୁମାଲ / ଫ୍ଲେକ୍ସଡ୍ ଏଲବୋ ସହିତ ଛିଙ୍କିବା ଏବଂ ବ୍ୟବହୃତ ଟିସୁକୁ ସଠିକ୍ ଭାବରେ ବିସର୍ଜନ କରିବା ସମୟରେ କାହାର ପାଟି ଏବଂ ନାକକୁ ଘୋଡାଇବାର କଠୋର ଅଭ୍ୟାସ ଅନ୍ତର୍ଭୁକ୍ତ କରେ ।
- ସମସ୍ତେ ନିଜ ସ୍ୱାସ୍ଥ୍ୟକୁ ନିରୀକ୍ଷଣ କରନ୍ତୁ ଏବଂ ଶୀଘ୍ର କୌଣସି ରୋଗ ବିଷୟରେ ରିପୋର୍ଟ କରନ୍ତୁ ।

**ପ୍ରାର୍ଥୀମାନଙ୍କୁ କେବଳ ନିମ୍ନଲିଖିତ ଜିନିଷଗୁଡ଼ିକୁ ସେମାନଙ୍କ ସହିତ ପରୀକ୍ଷା ସ୍ଥାନକୁ ନେବାକୁ ଅନୁମତି ଦିଆଯିବ ।**

- ବ୍ୟକ୍ତିଗତ ଟ୍ରାନ୍ସପାରେଣ୍ଟ ବୋତଲ ।
- ଆବେଦନ ଫର୍ମରେ ଅପଲୋଡ୍ ହୋଇଥିବା ଅତିରିକ୍ତ ଫଟୋଗ୍ରାଫ୍, ଯାହାକୁ ଆପଣ ଆଟେଣ୍ଡ ସିଟ୍‌ରେ ଲଗାଇବା ଆବଶ୍ୟକ ।
- ବ୍ୟକ୍ତିଗତ ହାତ ସାନିଟାଇଜର (୫୦ଏମ୍‌ଏଲ୍) ।
- ଏନ୍‌ଟିଏ ୱେବସାଇଟରୁ ଡାଉନଲୋଡ୍ ହୋଇଥିବା ନିର୍ଦ୍ଦିଷ୍ଟ ସ୍ଥାନ (ପୃଷ୍ଠା ୨) ସହିତ ପୋଷ୍ଟକାର୍ଡ ସାଇଜ୍ ଫଟୋଗ୍ରାଫ୍ ସହିତ ନିଜର ଘୋଷଣାନାମା (ଅଣ୍ଡରଟେକିଂ) ସହିତ ଆଡମିଟ୍ କାର୍ଡ ଆଣନ୍ତୁ ।
- କେନ୍ଦ୍ରରେ ପହଞ୍ଚିବା ପୂର୍ବରୁ, ପ୍ରାର୍ଥୀମାନେ ଅଣ୍ଡରଟେକିଂରେ ଆବଶ୍ୟକୀୟ ହସ୍ତଲିଖନର ବିବରଣୀ ପ୍ରଦାନ କରିବା ଆବଶ୍ୟକ ।
- ଭେଲିଡ୍ ସରକାରୀ ପ୍ରମାଣ ପତ୍ର ।
- ପିଡବ୍ଲ୍ୟୁଡି ସାର୍ଟିଫିକେଟ୍ ଏବଂ ସ୍କ୍ରାଇବ୍ ସମ୍ବନ୍ଧୀୟ ଡକ୍ୟୁମେଣ୍ଟ, ଯଦି ପ୍ରଯୁଜ୍ୟ ।

ପ୍ରାର୍ଥୀମାନେ ଇଲେକ୍ଟ୍ରୋନିକ୍ ଡିଭାଇସ୍, ମୋବାଇଲ୍ ଫୋନ୍ ଏବଂ ସୂଚନା ବୁଲେଟିନ୍ ତାଲିକାଭୁକ୍ତ ଅନ୍ୟାନ୍ୟ ନିଷିଦ୍ଧ ବସ୍ତୁଗୁଡିକ ସହିତ ପରୀକ୍ଷା କେନ୍ଦ୍ରକୁ ପଠାଇବାକୁ ଅନୁମତିପ୍ରାପ୍ତ ନୁହଁନ୍ତି । ବ୍ୟକ୍ତିଗତ ଅଧିକାରୀଙ୍କ ସୁରକ୍ଷିତ ରଖିବା ପାଇଁ ପରୀକ୍ଷା ଅଧିକାରୀ ଦାୟୀ ରହିବେ ନାହିଁ ଏବଂ କୌଣସି ସୁବିଧା ରହିବ ନାହିଁ । ପ୍ରାର୍ଥୀମାନଙ୍କୁ ପରୀକ୍ଷା ଦିନ କୌଣସି ସମସ୍ୟାର ସମ୍ମୁଖୀନ ନହେବା ପାଇଁ ଗୋଟିଏ ଦିନ ପୂର୍ବରୁ ପରୀକ୍ଷା ସ୍ଥାନ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି ।

ଡ. ସାଧନା ପର୍ଶର
ବରିଷ୍ଠ ନିର୍ଦ୍ଦେଶକ (ଏନ୍‌ଟିଏ)

davp 21354/11/0013/2122

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo